

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୧ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 01 October 2026

Vol.No. 36 ■ No.257 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ଟ୍ରମ୍ପଙ୍କ ସହ ଫୋନରେ କଥା ହେଲେ ମୋଦି: ଘନିଷ୍ଠ ସମ୍ପର୍କ ବଜାୟ ରଖିବାକୁ ସହମତି

ନୂଆଦିଲ୍ଲୀ,୩୦/୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ସନ୍ଧ୍ୟାରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନ୍‌ରେ ଆଲୋଚନା କରିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଭାରତ-ଆମେରିକା ସମ୍ପର୍କ ସହ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ଚାଲିଥିବା ସହଯୋଗ ନେଇ ଆଲୋଚନା ହୋଇଛି। ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ଫୋନ୍ କଥାବାର୍ତ୍ତାକୁ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି ଓ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ସମେତ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଥିବା ପାରସ୍ପରିକ ସହଯୋଗର ସମୀକ୍ଷା କରାଯାଇଛି। ଦୁଇ ନେତା ଭାରତ-ଆମେରିକାର




'ବ୍ୟାପକ ବିଶ୍ୱସ୍ତରୀୟ ରଣନୀତିକ ସହଭାଗିତା'କୁ ଆହୁରି ଆଗକୁ ବଢ଼ାଇବା ପାଇଁ ନିୟମିତ ଓ ଘନିଷ୍ଠ ସମ୍ପର୍କ ଜାରି ରଖିବା ଉପରେ ସହମତ ହୋଇଛନ୍ତି। ଏହା ସହିତ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ଉଭୟ ନେତା ନିଜ ନିଜ ମତ ବିନିମୟ କରିଛନ୍ତି। ବିଶ୍ୱ ଶାନ୍ତି ଓ ସୁରକ୍ଷା ପାଇଁ ଚାଲିଥିବା ପ୍ରୟାସ ମଧ୍ୟ ଆଲୋଚନାର ଅଂଶ ଥିଲା। ଭାରତ-ଆମେରିକା ସମ୍ପର୍କରେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି ଓ ଉଚ୍ଚ ପ୍ରଯୁକ୍ତି ଭଳି କ୍ଷେତ୍ରଗୁଡ଼ିକ ଗୁରୁତ୍ୱ ବହନ କରୁଛି। ଜୁନ୍ ୨୦୨୬ରେ ମଧ୍ୟ ମୋଦୀ ଓ ଟ୍ରମ୍ପ ଭେଟି ଏହି କ୍ଷେତ୍ରଗୁଡ଼ିକରେ ହୋଇଥିବା ଅଗ୍ରଗତି ସମୀକ୍ଷା କରିଥିଲେ। ବୁଧବାରର ଫୋନ୍ କଥାବାର୍ତ୍ତା ଦୁଇ ଦେଶ ମଧ୍ୟରେ ଚାଲିଥିବା ଉଚ୍ଚସ୍ତରୀୟ ଯୋଗାଯୋଗର ଆଉ ଏକ ଅଂଶ ଭାବେ ସାମ୍ନାକୁ ଆସିଛି।

## ମୌସୁମୀ ପରେ ଖରାପ ରାସ୍ତାର ତୁରନ୍ତ ମରାମତି ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦/୯ (ନି.ପ୍ର): ଚଳିତ ବର୍ଷ ହୋଇଥିବା ବ୍ୟାପକ ବର୍ଷା ଯୋଗୁଁ ରାଜ୍ୟର ଅନେକ ରାସ୍ତାଘାଟ ଖରାପ ପରିସ୍ଥିତିକୁ ଚାଲିଆସିଛି । ଏପରିକି ଭୂସ୍ଖଳନ ଏବଂ ବନ୍ୟା ପରିସ୍ଥିତି ଯୋଗୁଁ ବହୁ ରାସ୍ତା ନଷ୍ଟ ହେବା ସହ ଧୋଇ ଯାଇଛି । ତେବେ ଏହି ପରିସ୍ଥିତିର ଦୃଢ଼ ମୁକାବିଲା କରିବା ଏବଂ ନଷ୍ଟ ହୋଇଯାଇଥିବା ରାସ୍ତାର ତୁରନ୍ତ ମରାମତି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନଖରା-ନିଆଳି ରାସ୍ତା, ଅଡ଼ଶପୁର-ଜଗତସିଂହପୁର ରାସ୍ତା, କଳିଙ୍ଗା ଘାଟି ରାସ୍ତା ସମେତ କୋରାପୁଟ, ଭଦ୍ରକ, ବାଲେଶ୍ୱର, କଟକ ଟାଉନ୍, ଗଞ୍ଜାମ, ସମ୍ବଲପୁର, କେଉଁଝର, ପାରାଦୀପ ଆଦି ରାଜ୍ୟର ବିଭିନ୍ନ ଅଂଚଳରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାର ମରାମତି ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟବାସୀଙ୍କୁ ଉତମ ସଡ଼କ ପଥ ଯୋଗାଇ ଦେବା ଆମର ନୈତିକ ଦାୟିତ୍ୱ ଏବଂ ଏଥିରେ କୌଣସି ପ୍ରକାର ସାଲିସ୍ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଥିଲେ । ଏଥି ସହିତ ରାଜ୍ୟର କିଛି ସ୍ଥାନରେ ରାସ୍ତାର ସ୍ଥିତି ଖରାପ ହୋଇଥିବା ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି । ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ଏହି ରାସ୍ତାର ମରାମତି ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀମାନେ ନିୟମିତ ଭାବେ ନିଜ ଅଧିନରେ ଥିବା ରାସ୍ତାର ସ୍ଥିତି ଯାଂଚ କରି ପ୍ରତି ୧୫ ଦିନରେ ରିପୋର୍ଟ ପ୍ରଦାନ କରିବେ । ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଉପସ୍ଥିତ ରହି କାର୍ଯ୍ୟର ଗୁଣବତା ଯାଂଚ କରିବେ । ଏଥି ସହିତ କାର୍ଯ୍ୟର ଗୁଣବତା କ୍ଷେତ୍ରରେ ଖରାପ ପ୍ରଦର୍ଶନ କରୁଥିବା ଠିକା ସଂସ୍ଥା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଟେଣ୍ଡର ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ଦ୍ୱରିତ ଗତିରେ ଆଗେଇ ନେବା ପାଇଁ ◆◆ପୃଷ୍ଠା ୭

## ଏସସିବିରେ ରୋଗୀଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ: ପିଟିପିଟି ମାରିଦେଇଥିବା ଅଭିଯୋଗ

କଟକ, ୩୦/୯ (ନି.ପ୍ର): ନିଶାରୁ ମୁକ୍ତି ପାଇଁ ଆସିଥିଲେ, ନିର୍ଯ୍ୟାତନାର ଶିକାର ହୋଇ ମରିଗଲେ । କୌଣସି ଅନାମଧେୟ ନିଶାମୁକ୍ତି କେନ୍ଦ୍ର ନୁହେଁ, ଏଭଳି ସାଂଘାତିକ ଅଭିଯୋଗ ଆସିଛି କଟକ ଏସ୍‌ସିବି ମେଡିକାଲ ବିରୋଧରେ । ମାନସିକ ରୋଗ ବିଭାଗରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର । ଥାନାରେ ଏତଲା ପରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି । ଥାନାରେ ଥାର୍ଡ ଡିଗ୍ରି ନୁହେଁ, ଡାକ୍ତରଖାନାରେ ଥାର୍ଡ ଡିଗ୍ରି ! ତା ପୁଣି ରାଜ୍ୟର ସବୁଠୁ ବଡ଼ ଡାକ୍ତରଖାନା କଟକ ଏସ୍‌ସିବିରେ । ଯାଜପୁର ଅଞ୍ଚଳର ଶ୍ରୀକାନ୍ତ ଦାସଙ୍କୁ ମେଡିକାଲରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ତାଙ୍କ ପତ୍ନୀ । ଭାବିଥିଲେ, ସ୍ୱାମୀଙ୍କ ମଦ ନିଶା ଛଡ଼ାଇ ଘରକୁ ଭଲ କରି ନେବେ, ସୁଖଶାନ୍ତିରେ ସଂସାର କରିବେ । କିନ୍ତୁ ଜାଣିନଥିଲେ, ଏଠି ନିଶା ଛାଡ଼ିବା ଆଗରୁ ନିର୍ଯ୍ୟାତନାରେ ସ୍ୱାମୀଙ୍କ ଜୀବନ ଚାଲିଯିବ । ପରିବାରରେ ହସଖୁସି ଫେରିବ କଣ, ସଂସାର ଉଜୁଡ଼ିଯିବ । ଅଭିଯୋଗ ଅନୁସାରେ, ଶ୍ରୀକାନ୍ତଙ୍କୁ ଏସ୍‌ସିବିର ମାନସିକ ରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା । ଗତରାତିରେ ତାଙ୍କର ମୃତ୍ୟୁ ଘଟିଛି । ସ୍ୱାମୀଙ୍କୁ ଓ୍ୱାର୍ଡରେ ୩ ଜଣ କର୍ମଚାରୀ ମୋଟା ପାଇପରେ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଥିଲେ । ଦୁଇଜଣ ନୀଳ ରଙ୍ଗର ଓ ଜଣେ ସାଦା ପୋଷାକ ପିନ୍ଧିଥିଲେ । ସେମାନେ ତାଙ୍କୁ ଚେନ୍‌ରେ ବାନ୍ଧି କୌଣସି ଇଞ୍ଜେକ୍ସନ ଦେଇଥିଲେ । ତା ପରେ ତାଙ୍କ ସ୍ୱାମୀ ଛଟପଟ ହୋଇ ପ୍ରାଣ ହରାଇଲେ ବୋଲି କହିଛନ୍ତି ପତ୍ନୀ । ଶ୍ରୀକାନ୍ତଙ୍କ ଶରୀରର ଏକାଧିକ ସ୍ଥାନରେ ହୋଇଥିବା କ୍ଷତ ଚିହ୍ନ ଅଭିଯୋଗକୁ ବଳ ଦେଇଛି । ମଙ୍ଗଳାବାଗ ଥାନାରେ ଏତଲା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ନିଶାମୁକ୍ତି କେନ୍ଦ୍ରରେ ନିର୍ଯ୍ୟାତନା ଓ ନିର୍ଯ୍ୟାତନାରୁ ◆◆ପୃଷ୍ଠା ୭

## ୬ ବର୍ଷ ପରେ ଖୋଲିଲା ଗୁଣ୍ଡିଚା ମନ୍ଦିର: ୩ ଦିନ ମାଗଣା ପ୍ରବେଶ

ପୁରୀ, ୩୦/୯ (ନି.ପ୍ର): ଦୀର୍ଘ ୬ ବର୍ଷ ପରେ ଭକ୍ତଙ୍କ ପାଇଁ ଖୋଲିଛି ପୁରୀ ଗୁଣ୍ଡିଚା ମନ୍ଦିର। ଭକ୍ତମାନେ ଆଜିଠାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଜନ୍ମ ବେଦୀ, ଯଜ୍ଞ ବେଦୀ ଓ ଆଡ଼ପ ମଣ୍ଡପ ଦର୍ଶନ କରୁଛନ୍ତି । ପୂଜାର୍ଚ୍ଚନା ପରେ ଆଜି ସକାଳ ୭ଟା ୪୫ରେ ଖୋଲିଥିଲା ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୁରୀ ଏସ୍‌ପି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ଖୋଲା ଯାଇଥିଲା। ଉପସ୍ଥିତ ଭକ୍ତଙ୍କ ସହିତ ସେମାନେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିଥିଲେ। ଗୁଣ୍ଡିଚା ମନ୍ଦିର ପରିସରରେ ଆଡ଼ପ ମଣ୍ଡପ, ତିନି ରଥ- ତାଳଧ୍ୱଜ ରଥ, ନନ୍ଦିଘୋଷ ରଥ ଓ ଦର୍ପଦଳନ ରଥର ଚକ ଓ କଣଗୁଜ, ଅଶୁଆରୀ, ପ୍ରଭା ଆଦି ଦେଖିବାର ସୁଯୋଗ ନେଇଥିଲେ ଭକ୍ତମାନେ। ୬ ବର୍ଷ ପରେ ପୁଣି ଥରେ ଗୁଣ୍ଡିଚା ମନ୍ଦିର ଭିତରେ ପ୍ରବେଶ କରି ବେଶ୍ ଆନନ୍ଦିତ ହୋଇଛନ୍ତି ଭକ୍ତମାନେ। କରୋନା ସମୟରୁ ଗୁଣ୍ଡିଚା ମନ୍ଦିର ପ୍ରବେଶ




ଉପରେ ଲାଗିଥିଲା କଟକଣା। ନାଟମଣ୍ଡପ ମରାମତି, ମନ୍ଦିର ଭିତରର ଚଟାଣ, ରାମ୍ପ ବ୍ୟବସ୍ଥା, ଆନନ୍ଦ ବଜାର, ରୋଷ ଶାଳା ମରାମତି କାମ ଚାଲିଥିଲା। ତେଣୁ ଭିତରକୁ ଭକ୍ତଙ୍କ ପ୍ରବେଶ ଉପରେ ରୋକ୍ ଲାଗିଥିଲା। ତେଣୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଶ୍ରୀଜିଉଙ୍କ ଜନ୍ମମାଟିକୁ ନଦେଖିପାରି ଦୁଃଖ ପ୍ରକାଶ କରୁଥିଲେ। କିନ୍ତୁ ଆଜିଠାରୁ ଏହା ଭକ୍ତଙ୍କ ପାଇଁ ଖୋଲାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଅନୁସାରେ ପ୍ରଥମ ତିନି ଦିନ ଭକ୍ତମାନଙ୍କୁ ମାଗଣାରେ ଗୁଣ୍ଡିଚା ମନ୍ଦିର ଭିତରକୁ ଛଡ଼ାଯିବ। ତା'ପରଠାରୁ ଭକ୍ତମାନେ ୧୦ ଟଙ୍କା ପ୍ରବେଶ ଶୁଳ୍କ ଦେବେ। କିନ୍ତୁ ଦିବ୍ୟାଙ୍ଗ, ଶିଶୁ ଓ ୮୦ ବର୍ଷରୁ ଅଧିକ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ସେମାନେ ମାଗଣାରେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିପାରିବେ। ଶ୍ରଦ୍ଧାଳୁଙ୍କ ଜୋତା ଓ ମୋବାଇଲ୍ ଫୋନ୍ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଶ୍ରଦ୍ଧାଳୁମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। କୁହାଯାଏ ଗୁଣ୍ଡିଚା ମନ୍ଦିରରେ ବାବେନା ଭୂତ ରହେ। ଏବେ ଆଉ ବାବେନା ଭୂତ ରହିବେନି ବୋଲି କହିଛନ୍ତି ଭକ୍ତ। ଆଗକୁ ଗୁଣ୍ଡିଚା ମନ୍ଦିରରେ ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରାଯିବ। ଏହାର ପରିକଳ୍ପନା କରାଯାଇ ସାରିଲାଣି।

## ଦୀର୍ଘ ୮ ବର୍ଷ ପରେ ହେବ ଛାତ୍ର ସଂସଦ ନିର୍ବାଚନ: ଦିନେ କି ଦୁଇଦିନ ମଧ୍ୟରେ ବାଜିପାରେ ବିଗୁଲ

ଭୁବନେଶ୍ୱର, ୩୦/୯ (ନି.ପ୍ର): ଦିନେ ଦୁଇ ଦିନ ଭିତରେ ବାଜିବ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଗୁଲ, ଏନେଇ ପ୍ରସ୍ତୁତି ଆରମ୍ଭ କରିଛି ଉଚ୍ଚଶିକ୍ଷା ବିଭାଗ। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବସିଥିବା ବୈଠକରେ ଶାସକ ଦଳର ଶୀର୍ଷ ନେତୃତ୍ୱ ନିଷ୍ପତ୍ତି ନେଇଥିବା କୁହାଯାଉଛି। ପୂଜା ଛୁଟି ପୂର୍ବରୁ ପ୍ରକ୍ରିୟା ଶେଷ ହେବାକୁ ଥିବାରୁ ହାତରେ ମାତ୍ର ୧୫ଦିନ। ପୁଣି କ୍ୟାମ୍ପସରେ ଲାଗିବ କୋଳାହଳ, ଫେରିବ ଛାତ୍ର ରାଜନୀତି । କ୍ଲାସ୍‌ରୁମ୍‌ରୁ କ୍ୟାମ୍ପସ୍, ହଷ୍ଟେଲ୍‌ରୁ କ୍ୟାଣ୍ଟିନ୍, ଜିନ୍ଦାବାଦ ଓ ଜୟ ଜୟକାର କାରରେ ଉଛୁଳିବ କଲେଜ ଓ ବିଶ୍ୱବିଦ୍ୟାଳୟ। କାରଣ ଦୀର୍ଘ ୮ବର୍ଷ ପରେ ଚଳିତ ବର୍ଷ ଅନୁଷ୍ଠିତ ହେବ ଛାତ୍ର ସଂସଦ ନିର୍ବାଚନ। ଏନେଇ ଆନୁଷ୍ଠାନିକ ଘୋଷଣା ହୋଇନଥିଲେ ମଧ୍ୟ ସୂତ୍ରରୁ ଖବର ଅନୁସାରେ ଜୋରଦାର ପ୍ରସ୍ତୁତି ଚଳାଇଛି ଉଚ୍ଚଶିକ୍ଷା ବିଭାଗ। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶାସକ ଦଳର ଶୀର୍ଷ ନେତୃତ୍ୱ ଏନେଇ ନିଷ୍ପତ୍ତି ନେଇଥିବା କୁହାଯାଉଛି। ୨୦୧୭ ମସିହାରେ ଶେଷଥର ନିର୍ବାଚନ ଦେଖିଥିଲେ ଛାତ୍ରଛାତ୍ରୀ। କଲେଜ କ୍ୟାମ୍ପସ୍‌ରେ ବିଶୃଙ୍ଖଳା ଓ ପରେ କୋଭିଡ୍‌ର ଆଳ ଦେଖାଇ ନିର୍ବାଚନକୁ ବନ୍ଦ କରିଦେଇଥିଲେ ତତ୍କାଳୀନ ସରକାର। ନୂଆ ସରକାର ଆସିବା ପରେ ଏହି ପ୍ରକ୍ରିୟା ପୁନଃ ◆◆ପୃଷ୍ଠା ୭




## ସିଏଜି ରିପୋର୍ଟକୁ ନେଇ ବିଜେପିର ଟାର୍ଗେଟ: 'ତାରିଖ କୁହ, ଖୋଲା ବିତର୍କ କରିବୁ'

ଭୁବନେଶ୍ୱର, ୩୦/୯ (ନି.ପ୍ର): ସିଏଜି ରିପୋର୍ଟକୁ ନେଇ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳଙ୍କ ସାମ୍ବାଦିକ ସମ୍ମିଳନୀ । ଗଗଉଜ ପ୍ରସଙ୍ଗରେ ବିଜେଡିକୁ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି ଅନିଲ । ସେ କହିଛନ୍ତି, ବିତର୍କ ପାଇଁ ସମୟ ଓ ତାରିଖ ବିଜେଡି ଜଣାଇଲେ ସେ ପ୍ରସ୍ତୁତ ଅଛନ୍ତି । ସେହିପରି ଡିଏମଏଫ୍ ଫଣ୍ଡ ଖର୍ଚ୍ଚକୁ ନେଇ ପୂର୍ବତନ ବିଜେଡି ସରକାର ଉପରେ ଅନିୟମିତତାର ଅଭିଯୋଗ ଆଣିଛି ବିଜେପି । ସିଏଜି ରିପୋର୍ଟ ଅନୁସାରେ, କେନ୍ଦୁଝର ଓ ସୁନ୍ଦରଗଡ଼ର ୯୭୬ଟି ଖଣି ଅପ୍ରଭାବିତ ଗାଁରେ ୯୮୩.୩୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଅନ୍ୟପଟେ ୫୮୪ଟି ଖଣି ପ୍ରଭାବିତ ଗାଁରେ ◆◆ପୃଷ୍ଠା ୭

## ଆରବ ସାଗରରୁ ୩୦୦୦ କୋଟି ଟଙ୍କାର ଡ୍ରଗ୍ସ ଜବତ: ପାଞ୍ଚ ଜଣ ପାକିସ୍ତାନୀ ଗିରଫ

ନୂଆଦିଲ୍ଲୀ,୩୦/୯ : ଆରବ ସାଗରରେ ଲାକ୍ଷାଦ୍ୱୀପ ନିକଟରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଗୁଜରାଟ ଏଟିଏସର ମିଳିତ ଅପରେସନରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯାଇଛି। ଅପରେସନ ସମୟରେ ସନ୍ଦିଗ୍ଧ ଇରାନୀୟ ଡଙ୍ଗାରୁ ପ୍ରାୟ ୫୨୬ କିଲୋଗ୍ରାମ ହେରୋଇନ୍ ଏବଂ ମେଥାମ୍ଫେଟାମାଇନ୍ ଉଦ୍ଧାର କରାଯାଇଥିଲା। ଜବତ ହୋଇଥିବା ନିଶାଦ୍ରବ୍ୟର ଆନୁମାନିକ ବଜାର ମୂଲ୍ୟ ୩,୦୦୦ କୋଟି ଟଙ୍କାରୁ ଅଧିକ ବୋଲି କୁହାଯାଉଛି। ଡଙ୍ଗାରେ ଥିବା ପାଞ୍ଚ ଜଣ ପାକିସ୍ତାନୀ ନାଗରିକଙ୍କୁ ମଧ୍ୟ ଗିରଫ କରାଯାଇଛି। ଭାରତୀୟ ତଟରକ୍ଷୀ ବାହିନୀ ଅନୁଯାୟୀ, ଗୁଜରାଟ ଏଟିଏସ୍ ଏବଂ ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି ସହିତ ମିଳିତ ଗୁଇନ୍ଦା ଭିତ୍ତିକ ଅପରେସନରେ ଭାରତୀୟ ତଟରକ୍ଷୀ ବାହିନୀ ଲାକ୍ଷାଦ୍ୱୀପର ପଶ୍ଚିମରେ ଆରବ ସାଗରରେ ଏକ ସନ୍ଦିଗ୍ଧ ଇରାନୀୟ ଡଙ୍ଗାକୁ ଅଟକାଇଥିଲେ।

## ହଲଚଲ ଯୋଗୀଙ୍କ ସରକାର: ଅଖିଳେଶଙ୍କ ସହ ଦେଖିବାକୁ ମିଳିଲେ ବିଜେପି ମନ୍ତ୍ରୀ, କ୍ରସ୍ ଭୋଟିଂ ନେଇ ବଢ଼ିଲା ଆଶଙ୍କା



ନୂଆଦିଲ୍ଲୀ,୩୦/୯ : ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବା ସହ ରାଜ୍ୟର ରାଜନୀତି ତେଜ ହୋଇଛି। ଏହି ମଧ୍ୟରେ ଏକ ଫଟୋକୁ ନେଇ ଚର୍ଚ୍ଚା ଜୋର ଧରିଛି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ଦଳର ରାଜ୍ୟସଭା ପ୍ରାର୍ଥୀ ଧନରାଜ ପରିମଲ ନଥୱାନୀଙ୍କ ସହ ଯୋଗୀ ଆଦିତ୍ୟନାଥ ସରକାରର କ୍ୟାବିନେଟ୍ ମନ୍ତ୍ରୀ

## ଜ୍ଞାନେଶ କୁମାର ଓ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏକାଠି ହେଲେ ବିରୋଧୀ: ଆଗକୁ ଲଢ଼େଇ ଜୋରଦାର କରିବାକୁ ରଣନୀତି

ନୂଆଦିଲ୍ଲୀ,୩୦/୯ : ନିର୍ବାଚନ ଆୟୋଗ ଏବଂ ମୋଦୀ ସରକାରଙ୍କ ବିରୋଧରେ ଏକାଠି ହୋଇଛନ୍ତି ବିରୋଧୀ। ଦୀର୍ଘ ଦିନ ପରେ ଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବରେ ଅନୁଷ୍ଠିତ ଇଣ୍ଡିଆ ମେଣ୍ଟର ବୈଠକ ହୋଇଛି। ରାହୁଲ ଗାନ୍ଧୀ, ମମତା ବାନାର୍ଜୀ, ଓମାର ଅବଦୁଲା, ତେଜସ୍ୱୀ ଯାଦବଙ୍କ ସମେତେ ୧୯ଟି ଦଳର ପ୍ରତିନିଧି ବୈଠକରେ ହୋଇଥିଲେ ସାମିଲ। ଏବଂ ନିର୍ବାଚନ ଆୟୋଗ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଲଢ଼େଇକୁ ଆହୁରି ଜୋରଦାର କରିବାକୁ ପ୍ରସ୍ତୁତ କରିଛନ୍ତି ରଣନୀତି। ଏସଆଇଆର




ବିବାଦକୁ ନେଇ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ ଘେରିବାକୁ ସବୁଠୁ ବଡ଼ ରଣନୀତି କରିଛି ଇଣ୍ଡିଆ ମେଣ୍ଟ। କନଷ୍ଟିଚ୍ୟୁସନ କ୍ଲବରେ ବୈଠକରେ ଏକାଠି ହୋଇଥିବା ୧୯ ଦଳର ନେତା ସିଧାସଳଖ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଓ ମୋଦୀ ସରକାରଙ୍କ ଉପରେ ବର୍ଷିଛନ୍ତି। ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ନିର୍ବାଚନ ଆୟୋଗ ନିଜର ନିରପେକ୍ଷତା ହରାଇ ସାରିଛି। ସରକାରଙ୍କ ଇଙ୍ଗିତରେ କଣ୍ଢେଇ ପରି ନାଚୁଛନ୍ତି ସିଇସି। ଲୋକଙ୍କ ଭୋଟ୍ ଚୋରି କରାଯାଉଛି, ଜ୍ଞାନେଶ କୁମାରଙ୍କୁ ଆମେ ଗାଦିରେ ବସିବାକୁ ଦେବୁ ନାହିଁ। ଚୌକିଦାରମାନେ ହିଁ ଆଜି ଚୋର ସାଜିଛନ୍ତି। ଆମେ ଶେଷ ପର୍ଯ୍ୟନ୍ତ ଲଢ଼ିବୁ ଏବଂ ସେମାନଙ୍କୁ ଇସ୍ତଫା ଦେବାକୁ ବାଧ କରିବୁ। ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାଜୀ, ତେଜସ୍ୱୀ ଯାଦବଙ୍କ ସମେତ ଅନ୍ୟମାନେ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକୁ କଡା ସମାଲୋଚନା କରିଛନ୍ତି। ◆◆ପୃଷ୍ଠା ୭

# ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ: ମିଳିଲା ନାହିଁ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ପାଠ୍ୟପୁସ୍ତକ

ଜୟପୁର,୩୦/୦୯ (ନି.ପ୍ର): କୋରାପୁଟ ଜିଲାରେ ସୋମବାର ଠାରୁ ଆରମ୍ଭ ହୋଇଛି ଅର୍ଦ୍ଧବାର୍ଷିକ ପରୀକ୍ଷା । ଛାତ୍ର ଛାତ୍ରୀ ମାନଙ୍କୁ ସଂଶୋଧିତ ପାଠ୍ୟପୁସ୍ତକ ଦିଆଯାଇନଥିବା ବେଳେ ସେମାନେ ପରୀକ୍ଷା ଦେଇଛନ୍ତି। ଯାହାକୁନେଇ ଅବିଭାବକ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଠାକାର ଛାତ୍ର ଛାତ୍ରୀମାନେ ଭୁଲ ପାଠ୍ୟପୁସ୍ତକରେ କିପରି ପାଠ ପଢି ପରୀକ୍ଷା ଦେଉଥିବେ ତାହା ସହଜେ ଅନୁମେୟ । ପୁଣି ଦଶହରା ପୂଜା ଛୁଟି ମଧ୍ୟ ହେବ । ହେଲେ ଏଯାବତ୍ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମିଳିଲାନି ସଂଶୋଧିତ ପାଠ୍ୟପୁସ୍ତକ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ କରିପାରିଲେ ନାହିଁ । ସରକାର ତଦନ୍ତ କଲେ ନିଲମ୍ବନ କଲେ ସବୁ କାର୍ଯ୍ୟାନୁଷ୍ଠାନ ନେଲେ ଠିକ କଥା କିନ୍ତୁ ଛାତ୍ର ଛାତ୍ରୀ ମାନେ ସଂଶୋଧିତ ପୁସ୍ତକ ପାଇଲେ ନାହିଁ । କେତେ ବାଟ ସଂଶୋଧନ ପ୍ରକ୍ରିୟା ଆଗେଇଲା । ପାଠ୍ୟପୁସ୍ତକ କେବେ ମିଳିବ । ଏସବୁର ଉତର କାହାରି ପାଖରେ ନାହିଁ । ସଂଶୋଧିତ ବହି ତ ଅଲଗା କଥା, ଏମିତିକି ଅନେକ ପିଲାଙ୍କ ପାଖରେ ସଂପୂର୍ଣ୍ଣ ବହି ପହଂଚିନଥିବାର ଅଭିଯୋଗ ମଧ୍ୟ ଆସିଛି । ଏପଟେ ଅଭିଭାବକ କହିଲେଣି ଯେ, ପିଲାଙ୍କ ଭବିଷ୍ୟତ ସହ ଖେଳୁଛି ବିଭାଗ । ଶିକ୍ଷକମାନେ ମଧ୍ୟ ଚିନ୍ତାରେ ସଂଶୋଧିତ ବହି କେବେ ମିଳିବ । ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରୁ ପ୍ରାଥମିକ ଶିକ୍ଷା ଅର୍ଥାତ୍ ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହି ପରିବର୍ତ୍ତନ କରାଯାଇଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଏବଂ ଓଡ଼ିଶା କରିକୁଲମ ଫ୍ରେମ୍ୱାର୍କ ସ୍କୁଲ ଶିକ୍ଷା ୨୦୨୫ ଆଧାରରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଗଲା । ପ୍ରଥମତଃ ଶିକ୍ଷାବର୍ଷ ଆରମ୍ଭରୁ ବହି ବଂଟନ ହେବା କଥା ତାହା ହୋଇପାରିଲା ନାହିଁ । ଖରା ଛୁଟି ସରିଗଲା ପଛେ ପିଲାଙ୍କ ପାଖେ ବହି ପହଂଚି ପାରିଲା ନାହିଁ । ପ୍ରଥମ ଥର ନୂତନ ପାଠ୍ୟପୁସ୍ତକ ମୁଦ୍ରଣ ହୋଇଥିବାରୁ ସାମାନ୍ୟ ବିଳମ୍ବ ହେଉଛି ବୋଲି ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି । ଯେତିକି ବହି ବଂଟନ କରାଗଲା ସେହି ନୂଆ ପାଠ୍ୟପୁସ୍ତକରେ ମାଳ ମାଳ ତ୍ରୁଟିକୁ ଧରିଲେ ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ । ଏହାକୁ ଖୋଦ୍ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ତଥା ଏସ୍ସିଇଆରଟି ମଧ୍ୟ ସ୍ୱୀକାର କଲା । ନିଜେ ୧୬୭୮ଟି ଭୁଲ୍ ଥିବା ଏକ ତାଲିକା ମଧ୍ୟ ଜାରି କରି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପା କୁ ପ୍ରଦାନ କରି ଭୁଲ୍ ସଂଶୋଧିତ କରି ପଢ଼ାଇବାକୁ କୁହାଯାଇଥିଲା । ଏହାପରେ ଖୋଲୁ ଖୋଲୁ ସାଂଘାତିକ ଭୁଲ୍ ଦେଖିବାକୁ ମିଳିଥଲା । ଏହି ତ୍ରୁଟିକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଗୁରୁତର ସହ ନେଇ ତଦନ୍ତ କମିଟି ଗଠନ କରି ଏହାର ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ । ତଦନ୍ତ କମିଟିର ରିପୋର୍ଟ ଆଧାରରେ ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୩ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଗଲା । ଏଥିସହ ଆଉ ୬ ଜଣଙ୍କ ବିରୋଧରେଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଗଲା । ଏପରିକି ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଲେ, କ୍ରାଇମବ୍ରାଞ୍ଚ ଖୋଳତାଡ କରିବା ସହ ପୂର୍ବ ନିର୍ଦ୍ଦେଶକଙ୍କୁ ଗିରଫ ମଧ୍ୟ କଲା । ମୁଖ୍ୟମନ୍ତ୍ରୀ, ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ କମିଟିର ୧୪ଟି ସୁପାରିଶ କାର୍ଯ୍ୟକାରୀ କରାଯିବ ବୋଲି ନିର୍ଦ୍ଦେଶ ଦେଲେ । ଏହି ଅନୁଯାୟୀ, ୭ଦିନ ମଧ୍ୟରେ ମୁଖ୍ୟ ତ୍ରୁଟି ସଂଶୋଧିତ ପୁସ୍ତିକା ପ୍ରକାଶକରାଯିବ । ପାଠ୍ୟପୁସ୍ତକରେ ଥିବା ସାଘାଂତିକ ଭୁଲ୍ ଥିବା ପୃଷ୍ଠାକୁ ବଦଳାଇ ସେଠାରେ ନୂଆ ପୃଷ୍ଠା ପ୍ରିଂଟିଂଙ୍ଗ କରି ଯୋଗାଇ ଦିଆଯିବ । ସମସ୍ତ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ପୃଷ୍ଠା ଯୋଗାଇ ଦିଆଯିବ । ସଂଶୋଧିତ ପିଡିଏଫକୁ ଅଫିସିଆଲ୍ ଶିକ୍ଷଣ ସଂସ୍କରଣ ଭାବେ ଘୋଷଣା କରାଯିବ । ଏକ ସାର୍ବଜନୀନ ତ୍ରୁଟି ସଂଶୋଧନ ପୋର୍ଟାଲ ଖୋଲାଯିବ । ଏଥିସହ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏସ୍ସିଇଆରଟିରେ ଟେଷ୍ଟ ବୁକ୍ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ପ୍ରତିଷ୍ଠା କରାଯିବ । ଏହାକୁ ମଧ୍ୟ ବିଭାଗ ସ୍ୱୀକାର କରି ସାମ୍ବାଦିକ ସମ୍ମିଳନୀରେ ପିଲାଙ୍କୁ ଖୁବ୍‌ଶୀଘ୍ର ସଂଶୋଧିତ ପୁସ୍ତକ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଲା । ହେଲେ ଏଯାବତ୍ ଏସବୁର କିଛି ଦେଖା ଦର୍ଶନ ନାହିଁ। ଅନ୍ୟପଟେ ବିଭାଗର ଏକାଡେମିକ୍ କ୍ୟାଲେଣ୍ଡର କହୁଛି, ଆସନ୍ତା ଅକ୍ଟୋବର ୧୭ରୁ ୨୬ ତାରିଖ ଯାଏ ଦଶହରା ଛୁଟି ରହିବ । ଏଠି ପ୍ରଶ୍ନ ଉଠୁଛି ଭୁଲ୍ ବହି ପଢ଼ି ପିଲାପରୀକ୍ଷା ଦେବେ କିପରି । ଏମିତିକି ଅନେକ ସ୍କୁଲର ଛାତ୍ରଛାତ୍ରୀମାନେ ସଂପୂର୍ଣ୍ଣ ବହି ମଧ୍ୟ ପାଇନାହାନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି । ଲାଗୁଛି ଯେପରି ଭୁଲ୍ ବହିରେ ହିଁ ଏହି ଶିକ୍ଷାବର୍ଷ ବିତିଯିବ ବୋଲି ଅବିଭାବକ ମାନେ ଅଭିଯୋଗ କରିଛନ୍ତି । ତେଣୁ ରାଜ୍ୟ ସରକାର କ'ଣ ବିକଳ୍ପ ବ୍ୟବସ୍ଥା କରିଛନ୍ତି ତାହା ସ୍ପଷ୍ଟ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ



ଭଣ୍ଡାରିପୋଖରି ,୩୦/୦୯ (ନି.ପ୍ର):,୩୦/୦୯ (ନି.ପ୍ର): ଏହି ବ୍ଲକ ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ସ୍ଥାନୀୟ ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ନେଇ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସଙ୍କ ପୌରହିତ୍ୟରେ ବୁଧବାର ଦିନ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମକୁ ବ୍ଲକରେ ଥିବା ଭଣ୍ଡାରିପୋଖରୀ,ବାରିକପୁର ଓ ମଞ୍ଜୁରୀରୋଡ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଭରତ ଚନ୍ଦ୍ର କରଣ,ଡ.ପୁରୁଷୋତ୍ତମ ଧଳ,ଘନଶ୍ୟାମ ସ୍ୱାଇଁ ଓ ଭାବଗ୍ରାହୀ ବିଶ୍ୱାଳ,ପୂର୍ଣଚନ୍ଦ୍ର ଦାଶ ପ୍ରମୁଖ ବିଚାରକଭାବେ ସହାୟତା କରିଥିଲେ। ପ୍ରବନ୍ଧରେ ବର୍ଷାରାଣୀ ମହାରାଣୀ ୧ମ,ଅନନ୍ୟା ରାଉତ ୨ୟ,କୌଶଲ୍ୟା ଓଝା ୩ୟ ଓ ତର୍କରେ ଆଦ୍ୟାଶା ଦାଶ ୧ମ,ଦୀପିକା ପ୍ରିୟଦର୍ଶିନୀ ନାୟକ ୨ୟ,ଦିପ୍ତିମୟୀ ଦାଶ ୩ୟ ସ୍ଥାନ ହାସଲ କରିଥିଲେ ।କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ତା ୦୧/୧୦/୨୦୨୬ରିଖ ଗୁରୁବାର ଦିନ ପୁରସ୍କୃତ କରାଯିବ। ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଜଗବନ୍ଧୁ ପଣ୍ଡା,ଦେବସ୍ମିତା ସେନାପତି, ମନୋରମା ପୁରୁଖାତ ପ୍ରମୁଖ ପରିଚାଳନା କରିଥିଲେ।

# ଭୋଟର ତାଲିକା ହେରଫେର ଅଭିଯୋଗରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ

## ଜ୍ଞାନେଶ କୁମାରଙ୍କୁ ସିଇସି ପଦରୁ ହଟାଇବା ଦାବି, ଜିଲ୍ଲାପାଳଙ୍କୁ ଦିଆଗଲା ସ୍ମାରକପତ୍ର

ଝାରସୁଗୁଡ଼ା,୩୦/୦୯ (ନି.ପ୍ର): ଭୋଟର ତାଲିକାରେ ହେରଫେର ଅଭିଯୋଗ ଏବଂ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ପ୍ରସଙ୍ଗକୁ ନେଇ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ଦଳ ପକ୍ଷରୁ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ସହ ତାଙ୍କ ବିରୋଧରେ ଆଇନାନୁସାରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

କଂଗ୍ରେସ ପକ୍ଷରୁ ଏ ସମ୍ପର୍କିତ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦଳୀୟ ନେତାମାନେ ଅଭିଯୋଗ କରିଥିଲେ ଯେ ଭୋଟର ତାଲିକା ସଂଶୋଧନ ଏବଂ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ନିର୍ବାଚନ ପ୍ରକ୍ରିୟାରେ ଜନସାଧାରଣଙ୍କ ଆସ୍ଥା ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ସୁରକ୍ଷା ପାଇଁ ଏହି ପ୍ରସଙ୍ଗରେ ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ସେମାନେ କହିଥିଲେ।

ଏହି ଅବସରରେ କଂଗ୍ରେସ ନେତାମାନେ ରାହୁଲ ଗାନ୍ଧିଙ୍କ ପକ୍ଷରୁ ଉଠାଯାଇଥିବା 'ଭୋଟ୍ ଚୋରି' ଅଭିଯୋଗକୁ ଉଲ୍ଲେଖ କରିଥିଲେ। ୨୦୨୫ ଅଗଷ୍ଟ ୭ରେ ରାହୁଲ ଗାନ୍ଧି କର୍ଣ୍ଣାଟକର ମହାଦେବପୁରା ବିଧାନସଭା ଆସନ ସମ୍ପର୍କରେ ଭୋଟର ତାଲିକାରେ ଅନିୟମିତତା ନେଇ ତଥ୍ୟ ଉପସ୍ଥାପନ କରିଥିବା ଦଳୀୟ ନେତାମାନେ କହିଥିଲେ। ଏହାସହ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀ ଓ ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ନେଇ ଉଠିଥିବା ପ୍ରଶ୍ନର ତଦନ୍ତ ଦାବି କରିଥିଲେ।

ନିର୍ବାଚନ ଆୟୋଗର ଦୁଇ ନିର୍ବାଚନ କମିସନରଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ମତପାର୍ଥକ୍ୟ ରହିଥିବା ନେଇ ପ୍ରକାଶିତ ଖବରକୁ ମଧ୍ୟ କଂଗ୍ରେସ ନେତାମାନେ ଉଲ୍ଲେଖ କରିଥିଲେ। ଫର୍ମ-୬ରେ ପରିବର୍ତ୍ତନ, ଆୟୋଗର ବୈଠକର ଏଜେଣ୍ଡା ଓ ନିଷ୍ପତ୍ତି ପ୍ରକାଶ ଆଦି ପ୍ରସଙ୍ଗରେ ସ୍ୱଚ୍ଛତା ରକ୍ଷା କରାଯିବା ଆବଶ୍ୟକ ବୋଲି ସେମାନେ ଦାବି କରିଥିଲେ।

ଅନ୍ୟପକ୍ଷରେ, ନିର୍ବାଚନ ଆୟୋଗ ପକ୍ଷରୁ କମିସନରମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଥିଲେ ମଧ୍ୟ ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତିରେ ନିଆଯାଇଥିବା ଦାବି କରାଯାଇଥିବା କଂଗ୍ରେସ ନେତାମାନେ କହିଥିଲେ। ଏହି ଦାବି ଓ ଅଭିଯୋଗ ମଧ୍ୟରେ ସ୍ୱଚ୍ଛତା ପାଇଁ ସମଗ୍ର ପ୍ରସଙ୍ଗର ସ୍ପଷ୍ଟୀକରଣ ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ସିଇସି ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହାସହ ନିର୍ବାଚନ ଆୟୋଗର ନିଷ୍ପତ୍ତି ଓ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ପ୍ରତିବାଦ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସ, ରାଜ୍ୟ ସମ୍ପାଦକ ସଞ୍ଜୟ ମହାପାତ୍ର, ପୂର୍ବତନ ସଭାପତି ଭାରତ ଅବସ୍ଥି, ଅଲେଖ କୁମାର, ସାଲିମ ଖାନ, ଓ୍ୱାରିଶ ଚାଚା, ମନୀଷ ବାଜପେୟୀ, ମାନବ ଘୋଷ, ଶୈଳେଶ ଅବସ୍ଥି, ରିୟାଜ ହୁସେନ, ଦେବାନନ୍ଦ ବାରିକ, ଭାସ୍କର ପଟେଲ, ଆରତ ବେନିଆ ଓ ରାଜେନ୍ଦ୍ର କରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଇଣ୍ଡିଆ ମେଂଟ ସହଯୋଗୀ ସମାଜବାଦୀ ଦଳ ପକ୍ଷରୁ ମହମ୍ମଦ ଅଖତର ଓ ସୁବାସ ବେହେରା ଏବଂ ସିପିଆଇ ପକ୍ଷରୁ ସାରଙ୍ଗ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

# ଶେରଗଡ଼ ବ୍ଲକରେ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକରେ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ

ଗଞ୍ଜାମ,୩୦/୦୯ (ନି.ପ୍ର): ଶେରଗଡ଼ ବ୍ଲକରେ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକରେ ଆଙ୍ଗନ କା ଉତ୍ସ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଷଣ ମାସରେ ରାଜ୍ୟ ସରକାରଙ୍କ ଲୋକାଭିମୂଖି କାର୍ଯ୍ୟକ୍ରମ ଶେରଗଡ଼ ବ୍ଲକ ର ୧୯୬ ଅଙ୍ଗନବାଡି କେନ୍ଦ୍ରରେ ସିଡ଼ିପିଓ ମମତାଞ୍ଜଳି ପଣ୍ଡାଙ୍କ ନିର୍ଦ୍ଦେଶ ପ୍ରକାରେ ଖୁବ୍ ଉତ୍ସାହର ସହ ତିନି ଦିନ ବ୍ୟାପୀ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଗୁଡିକ, ସର୍ବ ଅଂଚଳ ପରିଦର୍ଶୀକା ବାସନ୍ତି ଦାସ, ଦୀପ୍ତି ରାଣୀଧୋବା, ସଂଯୁକ୍ତା ପ୍ରଧାନ, କୁମାରୀ ହୀରା ପାତ୍ର, ପୋଷଣ ଭିସି ଶିବଶଙ୍କର ଆଚାରୀ, ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ସହଯୋଗରେ ସରସ ସୁନ୍ଦର ଭାବେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍ଗନବାଡି ଶିଶୁଙ୍କ ଅଭିଭାବକ ତଥା ପିତାମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ପିଠାମିଠା ରନ୍ଧାଖାଦ୍ୟର ପ୍ରଦର୍ଶନୀ କେନ୍ଦ୍ର କରାଯାଇ ତିନି ଜଣ ଶ୍ରେଷ୍ଠ ପ୍ରସ୍ତୁତକର୍ତ୍ତାଙ୍କୁ ପ୍ରମାଣ ପତ୍ର ପୋଷଣଝୁଡି ପ୍ରଦାନ କରାଯାଇଛି। ଦ୍ୱିତୀୟ ଦିବସରେ ଶିଶୁ ଓ ଅଭିଭାବକଙ୍କ ଉପସ୍ଥିତରେ ଖେଳକୁଦ, ନୃତ୍ୟ, ଚିତ୍ରାଙ୍କନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ କେନ୍ଦ୍ର ପକ୍ଷରୁ ଶିଶୁ ମାନଙ୍କୁ ଫଳ, ମିଲେଟ ବିସ୍କୁଟ ଓ ଲସି ପ୍ରଦାନ କରାଯାଇଛି। ତୃତୀୟ ଦିବସରେ ଅଙ୍ଗନବାଡ଼ି ଶିଶୁଙ୍କ ସହ ସେମାନଙ୍କ ଜେଜେ ଓ ଜେଜେ ମା ଙ୍କ ସମାଗମ ହୋଇଥିଲା। ଶିଶୁ ମାନଙ୍କୁ ଜେଜେ ଓ ଜେଜେ ମା ଗୀତ ଓ ଗପ ଶୁଣାଇ ଭାବର ଆଦାନ ଓ ଭାବ ବିନିମୟ କରିଥିଲେ। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ଶିଶୁ ବିକାଶ ଓ ସୁଭଦ୍ରା ହିତାଧିକାରୀମାନେ ଉପକୃତ ହେବା ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ଉତମକାର୍ଯ୍ୟ ପାଇଁ ପ୍ରତ୍ୟେକ କେନ୍ଦ୍ରରେ ଅଙ୍ଗନବାଡି କର୍ମୀ, ସହାୟିକା ଓ ଆଶାମାନଙ୍କୁ ଫୁଲ ତୋଡା, ଉପଢୌକନ ଓ ପୋଷଣ ଝୁଡି ଦେଇ ଅଙ୍ଗନବାଡି ପରିଚାଳନା କମିଟି ସଦସ୍ୟ ମାନେ ସମ୍ମାନୀତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କିଶୋରୀ, ବାଳିକା, ଶିଶୁ, ଗର୍ଭବତୀ, ପ୍ରସୂତୀ ଓ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ। ସମସ୍ତଙ୍କୁ ତ୍ରିରଙ୍ଗାଖାଦ୍ୟ ଥାଳି ଭୋଜନ ଦିଆଯାଇଥିଲା। ଆଙ୍ଗନ କି ଉତ୍ସବ କାର୍ଯ୍ୟକ୍ରମ ଶେରଗଡ଼ ବ୍ଲକ ଅଂଚଳର ଜନସାଧାରଣଙ୍କ ମନରେ ବେଶମନଛୁଆଁ ଓ ଗ୍ରହଣୀୟ ହୋଇପାରିଛି।

# ନିର୍ମାଣାଧୀନ ଘରୁ ଚୋରି : ୨ ଗିରଫ, ଚୋରୀ ସାମଗ୍ରୀ ଜବତ

ଗଞ୍ଜାମ,୩୦/୦୯ (ନି.ପ୍ର): ନିର୍ମାଣାଧୀନ ଘରୁ ଚୋରି ମାମଲାରେ ଗୋପାଳପୁର ପୋଲିସକୁ ବଡ ସଫଳତା ମିଳିଛି। ୨ ଜଣ ଚୋରଙ୍କୁ ଗିରଫ କରି ଚୋରୀ ସାମଗ୍ରୀ ଜବତ କରାଯାଇଛି। ଗୋପାଳପୁର ଥାନା କେସ ନଂ ୫୬୪/୨୦୨୬ ୟୁ/ଏସ ୩୦୩(୨)/୩(୫) ବିଏନଏସରେ ଗିରଫ ଅଭିଯୁକ୍ତ ମୁନା ପ୍ରଧାନ (୨୩), ଅଖିଳ ପ୍ରଧାନ (୨୧) ଉଭୟ କଦରାପଲ୍ଲୀ, ଗୋପାଳପୁରରଙ୍କୁ ତା ୨୯.୦୯.୨୦୨୬ ସକାଳ ୮ଟା ୨୦ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ଜବତ ସାମଗ୍ରୀ ହେଲା ବୋଶ୍ କମ୍ପାନୀର ଭାଇବ୍ରେଟର ମେସିନ, କଟର ମେସିନ, ୫୦୦ ମିଟର ବିଜୁଳି ତାର, ଓ୍ୱାଟର ମୋଟର। ଗୌଞ୍ଜୁ ଗାଁର ଲିପ୍ସା କୁମାରୀ ସେଠୀ (୨୮) ରାଖ୍ୟା ବିହାରରେ ନିର୍ମାଣ କରୁଥିବା ଘରୁ ୨୬.୦୯.୨୦୨୬ ରାତିରେ ନିର୍ମାଣ ସାମଗ୍ରୀ ଚୋରୀ ହୋଇଥିଲା। ଅଭିଯୁକ୍ତ ମୁନା ଘରେ ଚଢଉ କରି ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଛି।

# ସ୍କାଉଟସ୍ ଏଣ୍ଡ ଗାଇଡ୍‌ର ନେସନାଲ ଚେୟାରମ୍ୟାନ ଭାବେ ଡା. କରୁଣାକର ପ୍ରଧାନ ନିର୍ବାଚିତ

ଭୁବନେଶ୍ୱର,୩୦/୦୯ (ନି.ପ୍ର): ହିନ୍ଦୁସ୍ତାନ ସ୍କାଉଟ୍ସ ଏଣ୍ଡ ଗାଇଡର ରାଷ୍ଟ୍ରୀୟ ସ୍ତରର ନିର୍ବାଚନ ଜମ୍ମୁ ସ୍ଥିତ କାଲକା ଧାମ ଓ ଅଗ୍ରୱାଲ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଭାରତ ବର୍ଷର ସମସ୍ତ ରାଜ୍ୟର ନେସନାଲ କାଉନସିଲ ସଦସ୍ୟ ମାନେ ଯୋଗଦେଇ (୨୦୨୬ ରୁ ୨୦୨୯) ପର୍ଯ୍ୟନ୍ତ ତିନିବର୍ଷ ନିମନ୍ତେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ନିର୍ବାଚନରେ ଭାଗନେଇ ନିଜର ମତଦାନ କରିଅଛନ୍ତି । ଉକ୍ତ ନିର୍ବାଚନରେ ନେସନାଲ ଚେୟାରମ୍ୟାନ ଭାବେ ଡା. କରୁଣାକର ପ୍ରଧାନ ତିନିବର୍ଷ ନିମନ୍ତେ ପୁର୍ନବାର ସର୍ବସମ୍ମତ୍ତ ନିର୍ବାଚିତ ହୋଇଛନ୍ତି । ଏହା ଓଡ଼ିଶା ପ୍ରଦେଶ ନିମନ୍ତେ ବଡ ଗୌରବ ଓ ଆନନ୍ଦର କଥା । ଏଥି ସହିତ ନେସନାଲ ପ୍ରେସିଡେଣ୍ଟ ଭାବେ ପୂର୍ବରୁ ୩ବର୍ଷ ଧରି ନେସନାଲ ସେକ୍ରେଟେରୀ ଭାବେ ଦାୟୀତ୍ୱ ନିର୍ବାହ କରିଥିବା ଶ୍ରୀ ଗିରିଶ ଜୁଆଲ ୩ବର୍ଷ ନିମନ୍ତେ ନିର୍ବାଚିତ ହୋଇଛନ୍ତି । ନେସନାଲ ଚିଫ କମିଶନର ଭାବେ ପୂର୍ବରୁ ୩ବର୍ଷ ଧରି ଦାୟୀତ୍ୱ ନିର୍ବାହ କରୁଥୁବା ଶ୍ରୀ ମଧୁସୂଦନ ଗୁପ୍ତା(ଆମେରିକା) ପୁନଃ ୩ବର୍ଷ ନିମନ୍ତେ ନେସନାଲ ଚିଫ କମିଶନର ଭାବେ ନିର୍ବାଚିତ ହୋଇଛନ୍ତି । ନେସନାଲ ଭାଇସ୍ ପ୍ରେସିଡେଣ୍ଟ ଭାବେ ଶ୍ରୀ ଦିଲ୍ଲୀପ ଅରୋରା (ଦିଲ୍ଲୀ), ଶ୍ରୀ ଦୀପକ କର୍ଲିତା(ଆସାମ), ଡ.ଓ.ପି.ଶ୍ରୀବାସ୍ତବ (ଆନ୍ଧ୍ର), ଶ୍ରୀ ବିଦେଶ କୁମାର ଶର୍ମା (ଉତ୍ତରାଖଣ୍ଡ), ଡ.ଏମ୍.ରଜନୀ (ତାମିଲନାଡୁ), ଶ୍ରୀମତୀ ବିନିତା ଶର୍ମା (ଜାମ୍ମୁ କାଶ୍ମୀର), ନେସନାଲ ଜଏଣ୍ଟ ସେକ୍ରେଟେରୀ ଡ.ଅତୁଲ କୁମାର(ସ୍କାଉଟ)(ହିମାଚଳ ପ୍ରଦେଶ), ଶ୍ରୀମତୀ ମମତା ଚୌହାନ(ଗାଇଡସ୍?) ଦିଲ୍ଲୀ, ନେସନାଲ କମିଶନର(ଗାଇଡ୍?) ଶ୍ରୀମତୀ ରାଗିଣୀ ଶର୍ମା(ହିମାଚଳ ପ୍ରଦେଶ), ଇଣ୍ଟରନେସନାଲ କମିଶନର ଶ୍ରୀ ସୁଧାକର ଦ୍ୱିବେଦୀ (ଦିଲ୍ଲୀ), ନେସନାଲ ଟ୍ରେଜରର ଶ୍ରୀ ଆଲୋକ ଦୁବେ(ହରିୟାଣା), ନେସନାଲ ଜେନେରାଲ ସେକ୍ରେଟାରୀ ଡ.ବେଦପ୍ରକାଶ ସିଂ(ଉତ୍ତରପ୍ରଦେଶ),ନେସନାଲ ସେକ୍ରେଟେରୀ ଅଧିକ୍ତା ଶ୍ରୀ ଅତୁଲ ଗୌତମ(ରାଜସ୍ଥାନ) ।

ଉକ୍ତ ନିର୍ବାଚନରେ ଓଡିଶାର ୧୨ଜଣିଆ ନେସନାଲ ପ୍ରତିନିଧି ଦଳ ଯୋଗଦେଇଥିଲେ । ତନ୍ମଧ୍ୟରୁ ଷ୍ଟେଟ ଚେୟାରମ୍ୟାନ ଶ୍ରୀ ରାଧେଶ୍ୟାମ ପଣ୍ଡା, ଶ୍ରୀମତୀ ଆଲୋକପ୍ରଭା ମହାନ୍ତି, ଶ୍ରୀ ଶୁଭେଷ କୁମାର ସାହୁ, ଶ୍ରୀ ସନତ୍ କୁମାର ଯୋଶୀ, ଶ୍ରୀ ଚୌଧୁରୀ ବେହେରା, ଶ୍ରୀ କୁରୁକ୍ଷେତ୍ର ଧାଙ୍ଗଡାମାଝୀ, ଶ୍ରୀ ଅବିନାଶ ମହାନ୍ତି, ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ, ଶ୍ରୀ ଜଗନ୍ନାଥ ରାଉତ, ଶ୍ରୀ ପ୍ରମୋଦ କୁମାର ଭୁଜବଳ, ଶ୍ରୀ ଗନ୍ଧିବ ସେନ ସାହୁ, ଶ୍ରୀ କଳ୍ପତରୁ ସ୍ୱାଇଁ ଯୋଗଦେଇ ଥିଲେ ବୋଲି ଓଡ଼ିଶା ଷ୍ଟେଟ ସେକ୍ରେଟେରୀ ଶ୍ରୀ ପବିତ୍ର ମୋହନ ଦାସ ଓ ହେଡକ୍ୱାର୍ଟର କମିଶନର ସାଗରିକା ଦେହୁରୀ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ବିବେକାନନ୍ଦ ବକ୍ତୃତାମାଳା ଓ ସବୁଜାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା,୩୦/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ନୂଆପଡ଼ା ପକ୍ଷରୁ ଏକ ସବୁଜାୟନ କାର୍ଯ୍ୟକ୍ରମ ସହ ବିବେକାନନ୍ଦ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟା ସବିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ କଳା ବିକାଶର ସେକ୍ରେଟାରୀ ବିଭୂତି ଭୂଷଣ ବିଶି ଓ ବଲାଙ୍ଗୀର ଜୋନ୍ ସେକ୍ରେଟାରୀ ଡଃ. ତରୁଣ କୁମାର ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡା, ସବିତା ସୁନାନୀ, ସ୍ୱାଗତିକା ଖମାରୀ ଓ ଅର୍ଚ୍ଚନା ପଣ୍ଡା ସହଯୋଗ କରିଥିଲେ।

# ଧରଣୀଧର ମହାବିଦ୍ୟାଳୟ ପୂର୍ବ ସ୍ଥିତି ଫେରାଇ ଆଣି ବିଶ୍ୱବିଦ୍ୟାଳୟ ସୁଲେଇଖମାର ସ୍ଥାନାନ୍ତର କରିବାକୁ ଦାବି

କେନ୍ଦୁଝର,୩୦/୦୯ (ନି.ପ୍ର): କେନ୍ଦୁଝରଗଡ଼ ସ୍ଥିତ ପୁରୁଣାସହର, ବଳଦେବଜୀଉ ମନ୍ଦିର ସାମ୍ନାରେ ବିଭିନ୍ନ ସଂଗଠନର ବରିଷ୍ଠ ସଦସ୍ୟଙ୍କ ପକ୍ଷରୁ ସ୍ଥାନୀୟ ସୁଲେଇଖମାର ଠାରେ ବିଶ୍ୱବିଦ୍ୟାଳୟ ପୁନଃ ଆରମ୍ଭ କରିବାକୁ ଗଣଧାରଣା ହୋଇଯାଇଛି। ଏଥିରେ ପୁରୁଣା ସହରର ଅନେକ ଯୁବକ ତଥା ସହରର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ନିଜ ମତ ରଖିଥିଲେ। ସୂଚନାଯୋଗ୍ୟ କି କେନ୍ଦୁଝର ଠାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଅନେକ ବର୍ଷରୁ ଦାବି ଆନ୍ଦୋଳନ ହୋଇଥିଲା। ୧୯୯୫ରେ ମହାନ୍ତି କମିଶନକୁ ଦାବିପତ୍ର ଦିଆଯାଇଥିଲା ସେହିପରି ୧୯୯୬ରେ ବିରାଟ ଛାତ୍ର ଆନ୍ଦୋଳନ ହୋଇଥିଲା ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ପରୀକ୍ଷା ବର୍ଜନ କରିଥିଲେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରିଥିଲେ। ତେବେ ୧୯୯୯ ମସିହାରେ କେନ୍ଦୁଝର ଜିଲ୍ଲା ସାରା ଛଅ ମାସ ଧରି ବିରାଟ ଆନ୍ଦୋଳନ ହୋଇଥିଲା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି। ତେବେ ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ରେ କେନ୍ଦୁଝର ଆସି ନୂଆ ବିଶ୍ୱବିଦ୍ୟାଳୟର ଶୁଭାରମ୍ଭ କରିଥିଲେ। ୟୁଜିସି ତଥ୍ୟ ଅନୁସାରେ ଏହା ଉତ୍କଳ ବିଶ୍ୱବିଦ୍ୟାଳୟ ପରି ଓପନ ୟୁନିଭର୍ସିଟି ହେବା କଥା। ତେବେ ବର୍ଷେ ପରେ ପୁଣି ଏକ ତ୍ରୁଟିପୂର୍ଣ୍ଣ ଗେଜେଟ ପ୍ରକାଶ କରି ଧରଣୀଧର ମହାବିଦ୍ୟାଳୟକୁ ଉନ୍ନତ କରି ଏହି ବିଶ୍ୱବିଦ୍ୟାଳୟ କରାଗଲା କୁହାଯାଏ କଲେଜ କ୍ୟାମ୍ପସରେ ଆରମ୍ଭ କରାଗଲା। ଏହି କାର୍ଯ୍ୟକ୍ରମ ବେଳେ ଆଲୁମିନି ଆସୋସିଏସନ ଅନୁମତି ପରାମର୍ଶ ନିଆଯାଇନଥିଲା। ଯାହା ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଆଲୁମିନି ଆସୋସିଏସନ ସଦସ୍ୟ ଦିଲୀପ କୁମାର ସାହୁ ଅଭିଯୋଗ କରିଛନ୍ତି। ପ୍ରଥମ ଦିନରୁ ଏହି ବେନିୟମ କାମକୁ ବିରୋଧ କରାଯାଉଥିଲେ ମଧ୍ୟ ପ୍ରଶାସନ କିଛି ଶୁଣୁନଥିଲା। କଲେଜ କ୍ୟାମ୍ପସ ବିଶ୍ୱବିଦ୍ୟାଳୟ ହେଲା କୁଳପତି ଆସିଲେ ତେଣୁ +୨, +୩ ପିଲାନୂଆ ପରିବେଶ ସହ ଖାପ ଖୁଆଇ ପାରିଲେନି, ଏଯାଏ ନୂଆ +୨ ବିଲଡିଂ ହେଇପାରିନି। ପୂର୍ବର କଲେଜ ପାଣ୍ଠି ବିଶ୍ୱବିଦ୍ୟାଳୟ ହାତରେ ପଡ଼ି ହରିଲୁଟ ହେଲା। କଲେଜ ପିଲେ ଅଧିକା ଫି ଦେଉଛନ୍ତି ସବୁବେଳେ ସେମିନାର, ଓ୍ୱାର୍କସପ ଲାଗି ପାଠପଢା ପରିବେଶ ନାହିଁ। ଏହି ଅଭିଯୋଗ କରି ଛାତ୍ରଛାତ୍ରୀ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୁଣି ଆରମ୍ଭ କରି ବିଶ୍ୱବିଦ୍ୟାଳୟକୁ ପୁରୁଣା ସହରର ସୁଲେଇଖମାର ବିଶ୍ୱବିଦ୍ୟାଳୟ କୋଠାକୁ ପଠେଇ ଦେବାକୁ ଦାବି କରି ଜିଲ୍ଲପାଳଙ୍କ ଅଫିସ ସାମ୍ନାରେ ବିକ୍ଷୋଭ କରିଥିଲେ। ସେହିପରି ଧରଣୀଧର ସୁରକ୍ଷା ମଂଚ ତିନିଦିନ ଧରି ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା କରିଥିଲା। ତେବେ ଏସବୁ ଦାବି ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଧରଣୀଧର ବିଶ୍ୱବିଦ୍ୟାଳୟ ସମସ୍ୟା ନେଇ ଏକ ବୈଠକ କରିଥିଲେ ପ୍ରାୟ ସବୁ ସେଠାରେ ପୁରୁଣାସହର ସୁଲେଇଖମାରକୁ ଏହା ଯାଉବୋଲି କହିଥିଲେ। ତେବେ ନିଜେ ମୁଖ୍ୟମନ୍ତ୍ରୀ କିଛି ଦିନ ତଳେ ବିଶ୍ୱବିଦ୍ୟାଳୟ କୋଠାରେ ଏକ ଡାଟା ସେଂଟର ଉଦଘାଟନ କରି ସ୍ଥାପନ କରିଥିବାରୁ ଏବେ ବିଶ୍ୱବିଦ୍ୟାଳୟ ସେଠାରେ ଆରମ୍ଭ ହେବା ନେଇ ଅସୁବିଧା ସୃଷ୍ଟି ହେଇଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଭୁଲ ନିଷ୍ପତ୍ତିକୁ ସଠିକ ପ୍ରତିପାଦିତ କରିବାକୁ ଜଣେ ବ୍ୟକ୍ତି ବିଶ୍ୱବିଦ୍ୟାଳୟ ଉଠିବାକୁ ବିରୋଧ କରି ଏବେ ପଦବୀ ପାଇ ପୁରସ୍କୃତ ହୋଇଛନ୍ତି। ଏସବୁ ଘଟଣା ନଜର ରଖି ଆଗାମୀ ମାର୍ଚ୍ଚ ୨୦୨୭ ପରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ୟୁଜିସି ସ୍ୱୀକୃତି ସମାପ୍ତ ହେଉଥିବାରୁ ବିଶ୍ୱବିଦ୍ୟାଳୟ ନଉଠିବାର ସମ୍ଭାବନା ଦେଖାଦେବାରୁ ବୁଦ୍ଧିଜୀବୀ ମାନେ ଆଜି ବଳଦେବଜୀଉ ମନ୍ଦିର ସାମ୍ନାରେ ଧାରଣା କରିଥିଲେ। ଯାହା ଏବେ ଆରମ୍ଭ ହୋଇ ଆଗାମୀ ଦିନରେ ଜିଲ୍ଲା ତମାମ ମୁଖ୍ୟ ପ୍ରସଙ୍ଗ ହୋଇ ଶ୍ରୀ ମୋହନ ମାଝିଙ୍କ ମୁଣ୍ଡବଥା ହେବାର କାରଣ ହୋଇପାରେ ବୋଲି ଆଲୋଚନା ହେଉଛି। ଆନ୍ଦୋଳନକାରୀ ମାନେ ତୁରନ୍ତ ସୁଲେଇଖମାର କୋଠାରେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କାର୍ଯ୍ୟ ଆରମ୍ଭ କରି କ୍ଲାସ କରିବାକୁ ଦାବି କରିଥିଲେ। ଏହି ଗଣଧାରଣାରେ ପ୍ରଫେସର ଗୟାଧର ଦାସ, ବରିଷ୍ଠ ନାଗରିକ ମଂଚ ସଭାପତି ସରୋଜ କୁମାର ରଣା, ପୂର୍ବତନ ନଗରପାଳ ପ୍ରଭଞ୍ଜନ ପଟ୍ଟନାୟକ, ଧରଣୀଧର କଲେଜ ଛାତ୍ର ସଂଘର ପୂର୍ବତନ ସଭାପତି ଦିଲୀପ କୁମାର ସାହୁ, ପାତ୍ର ତନ୍ତୀ କଲ୍ୟାଣ ପରିଷଦ ଜିଲ୍ଲା ସଭାପତି ବାବାଜୀ ଚରଣ ପାତ୍ର, ବରିଷ୍ଠ ନାଗରିକ ନବକୁମାର ସାହୁ, ଅବସରପ୍ରାପ୍ତ ବିଚାରବିଭାଗୀୟ ଅଧିକାରୀ ବିପ୍ର ରଞ୍ଜନ ମିଶ୍ର, ଶିକ୍ଷାବିତ୍ ପ୍ରଶାନ୍ତ କୁମାର ଦଳେଇ,ବରଷ୍ଠ ନାଗରିକ ଭାଲୁ ସାହୁ,ବିଶ୍ୱବିଦ୍ୟାଳୟ ଛାତ୍ର କ୍ରିୟାନୁଷ୍ଠାନ କମିଟି ଆବାହକ ମଣ୍ଡଳୀ ସଦସ୍ୟ ସିଦ୍ଧେଶ୍ୱର ସାହୁ,ରାଜେଶ ମହାରଣା, ଜିତେନ୍ଦ୍ର ପତି, ରିଂଟୁ ପତି, ରେବତୀ ସାହୁ, ଆଦିତ୍ୟ ବେଜ, ବିଶ୍ୱଜିତ ପଟ୍ଟନାୟକ, ସୁଦର୍ଶନ ସାହୁ, ସାନୁ ପରିଡ଼ା ଆଦି ଯୋଗ ଦେଇଥିଲେ। ଆଗାମୀ ଦିନରେ ଦାବି ପୂରଣ ନହଲେ ଏହି ଅନ୍ୟାୟର ପ୍ରତିବାଦ ଦୃଢ଼ ଭାବେ କରାଯିବ ବୋଲି ସମସ୍ତେ ଏକମତ ହୋଇଥିଲେ।

# କଳାହାଣ୍ଡିରେ ଗଡ଼ିଲା ଟିପିଡବ୍ଲ୍ୟୁଓଡିଏଲର 'ସୋଲାର ରଥ'

ଭବାନୀପାଟଣା,୩୦/୦୯ (ନି.ପ୍ର): ଆଜି ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ସହ ରୁଫ୍ଟପ୍ ସୋଲାର ଗ୍ରହଣ ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ କଳାହାଣ୍ଡି ଜିଲ୍ଲାରେ 'ସୋଲାର ରଥ' ମାଧ୍ୟମରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ଏହି ସୋଲାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,ସହ ନିର୍ଦ୍ଦେଶକ ସଂଚୟ ଏବଂ ଆର୍ଥିକ ସେବା ବିଭାଗ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ନିବେଦିତା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୦୧ ଅକ୍ଟୋବର ୨୦୨୬ ଗୁରୁବାର

## ଧାରାବାହିକ:

ଭାଗ-୫୯

# ସଂକ୍ଷିପ୍ତ ଭାଗବତ କଥାମୃତ

### ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ଲୋଭୀ ବଣିକ ଯେପରି ପ୍ରଚୁର ଧନର ପ୍ରାପ୍ତି ଆଶାରେ ବହୁ ମୂଳଧନ ଲଗାଣ କରେ, ସ୍ୱର୍ଗକାମୀ ନିର୍ବୋଧ ବ୍ୟକ୍ତି ସେହିପରି ଯଜ୍ଞାଦି କର୍ମରେ ତାର ସମସ୍ତ ଧନ ନିଃଶେଷ କରେ । ବଣିକର ବୋଇତ ବୁଡିଲେ ସେଥରେ କ୍ଷତିଗ୍ରସ୍ତ ହୁଏ ମାତ୍ର କାମନାଗ୍ରସ୍ତ ଅହଂକାରୀ ଯଜ୍ଞକର୍ତ୍ତାର କର୍ମ ସବୁ ସମୟ ପାଇଁ ବ୍ୟର୍ଥହୁଏ । କାରଣ ତାହାର ସେହି ସକାମ କର୍ମ ମୋର ପ୍ରତ୍ୟକ୍ଷ ବା ପରୋକ୍ଷ ପୂଜା ମଧ ନୁହେଁ । ତେଣୁ ହେ ଉଦ୍ଧବ, ତୁମେ ପ୍ରବୃତ୍ତିମାର୍ଗ ଯେ ବେଦର କଦାପି ମାର୍ଗ ନୁହେଁ ଏହା ବୁଝିରଖ । ବେଦ ବର୍ଣ୍ଣିତ ଯଜ୍ଞ, କର୍ମ କାଣ୍ଡ, ଦେବତା କାଣ୍ଡ ଓ ବ୍ରହ୍ମକାଣ୍ଡ ଏହି ତିନି ବିଭାଗର କର୍ମ, ଉପାସନା ଓ ଜ୍ଞାନର ବିଷୟ ସହିତ ବର୍ଣ୍ଣିତ ହୋଇଥିଲେ ହେଁ ମୁଖ୍ୟତଃ ଏହା ଜୀବ ଓ ବ୍ରହ୍ମର ଅଭେଦ ପ୍ରତିପାଦନ ନିମିତ୍ତ ଅଭିପ୍ରେତ । ଏହି ଅଭେଦ ତତ୍ୱ ପରୋକ୍ଷ ଭାବରେ ତହିଁରେ ପ୍ରତିଷ୍ଠିତ ହୋଇଛି । ଏହା ଜ୍ଞାନୀ, ପଣ୍ଡିତ ଓ ଋଷିମାନଙ୍କ ଦ୍ୱାରା ମଧ ପରୋକ୍ଷ ଭାବେ ବର୍ଣ୍ଣିତ ହୁଏ ଏବଂ ସେହି ପ୍ରକାର ବର୍ଣ୍ଣନାହିଁ ମୋର ପ୍ରିୟ । ଋଷିମାନେ ଘରଦ୍ୱାର ଆଦି ପାରିପାର୍ଶ୍ୱିକ ବସ୍ତୁ ଓ କର୍ମ ପ୍ରଭୃତିକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରି ବେଦର ତତ୍ୱ ଜ୍ଞାନ ପରୋକ୍ଷ ଭାବେ ଶିକ୍ଷା ଦେଇଥାନ୍ତି । କାରଣ ସାଧାରଣ ବ୍ୟକ୍ତି ବ୍ରହ୍ମତ୍ୱ ଶ୍ରବଣର ଅଧିକାରୀ ନୁହନ୍ତି,କେବଳ ଶୁଦ୍ଧଚିତ୍ତ ଶ୍ରଦ୍ଧାବାନ ବ୍ୟକ୍ତି ହିଁଏହାକୁ ଶ୍ରବଣ ଦ୍ୱାରା ତତ୍ୱ ଉପଲବ୍ଧି କରି ଉପକୃତ ହୋଇପାରେ । ସ୍ଥୁଳ ଓ ସୂକ୍ଷ୍ମ ଭେଦରେ ବେଦ ଦ୍ୱିବିଧ । ଏହାର ପ୍ରକୃତ ଅର୍ଥ ବୁଝି ସ୍ୱରୂପ ଉପଲବ୍ଧି କରିବା ଅବଶ୍ୟ ଖୁବ୍ କଠିନ । ଏହା ପ୍ରାଣ, ମନ, ଇନ୍ଦ୍ରିୟମୟ ଅର୍ଥାତ୍ ପରା, ପଶ୍ୟନ୍ତି ଓ ମଧ୍ୟମା ଏହି ତିନି ବାଣୀ-ରୂପ । ଏହି ତିନି ରୂପକୁ ସୂକ୍ଷ୍ମଦର୍ଶୀ ବିଦ୍ୱାନହିଁ ଉପଲବ୍ଧି କରିବାକୁ ସମର୍ଥ । ତେଣୁ ବେଦ ସମୁଦ୍ର ପରି ଅନନ୍ତ ଓ ଅଜ୍ଞେୟ । ଏହାର ପ୍ରତ୍ୟେକ ଶବ୍ଦ ନିଗୂଢ ଅର୍ଥଯୁକ୍ତ ଓ ଦୁର୍ଜ୍ଞେୟ । ଭକ୍ତି ନଥାଇ କେବଳ ବୁଦ୍ଧି ଦ୍ୱାରା ଏହା ଯଥାର୍ଥ ଭାବେ ବୋଧଗମ୍ୟ ନୁହେଁ । ବେଦ ମୋତେ ହିଁ ଯଜ୍ଞରୂପେ ଅନୁଷ୍ଠାନ କରିବାକୁ ବିଧାନ ଦେଇଛି । ମୋତେ ହିଁ ନାନା ଦେବତା ରୂପରେ ପ୍ରକାଶ କରିଛି । ବିଶ୍ୱବ୍ରହ୍ମାଣ୍ଡ ମୋହରିଠାରୁ ଜାତ ଏବଂ ମୋହରିଠାରେ ଲୀନ । ମୁଁ ଅନନ୍ତ ଶକ୍ତିଧରି ସର୍ବତ୍ର ପୂରି ରହିଛି । ଦୃଶ୍ୟମାନ ପୃଥକ ସତ୍ତା ମୋର ମାୟା । ବେଦ ଏହି ତତ୍ତ୍ୱକୁ ବିଭିନ୍ନ ବର୍ଣ୍ଣନା ମାଧ୍ୟମରେ ଶିକ୍ଷା ଦିଏ ।

### ୨୨ଶ ଅଧ୍ୟାୟ, ତତ୍ୱ ବିଚାର ଓ ପୁରୁଷ ପ୍ରକୃତି ରହସ୍ୟ

ଉଦ୍ଧବ କହିଲେ ହେ ପ୍ରଭୁ,ଋଷିମାନେ ବେଦର ତତ୍ତ୍ୱ ସଂଖ୍ୟା ଭିନ୍ନ ଭିନ୍ନ ରୂପରେ ବୁଝାଇ ୭,୯,୧୧.୧୬,୧୩,୧୭,୨୫.୨୬ କହିଥାନ୍ତି । ମୋକ୍ଷମାର୍ଗ ପ୍ରଦର୍ଶନ ବେଦର ଯଦିଓ ଚରମ ଲକ୍ଷ୍ୟ ଏବଂ ସର୍ବ ଋଷି ସ୍ୱୀକାର କରନ୍ତି ତଥାପି ସେମାନଙ୍କ ମଧ୍ୟରେ ନାନା ଅବାନ୍ତର ମତଭେଦ ମଧ ଦେଖାଯାଏ । କେହି ତତ୍ତ୍ୱର ସଂଖ୍ୟା, କେହି ବାହ୍ୟ ପଦାର୍ଥର ସତ୍ତା, କେହି ବା ଆତ୍ମାର ଏକତ୍ୱ ବହୁତ୍ୱ ଆଦି ବିଚାରକୁ ନେଇ ବିଭିନ୍ନ ମତ ପୋଷଣ କରନ୍ତି । ପ୍ରଭୁ ଏ ସମ୍ପର୍କରେ ପ୍ରକୃତ ସତ୍ୟ ପ୍ରକାଶ କରନ୍ତୁ । ଭଗବାନ କହିଲେ ଉଦ୍ଧବ, ବେଦଜ୍ଞ ଋଷି ଓ ପଣ୍ଡିତ ଗଣ ବେଦ ସମ୍ପର୍କରେ ଯାହା କହନ୍ତି ସେ ସବୁ ଯୁକ୍ତିଯୁକ୍ତ । କାରଣ ବେଦର ତତ୍ୱ ସମୂହ ମୋତେ ହିଁ କେନ୍ଦ୍ରକରି ପ୍ରକାଶିତ । ତେଣୁ ପ୍ରତ୍ୟେକ ତତ୍ୱ ପରସ୍ପର ଅନ୍ତର୍ଭୁକ୍ତ । ସମସ୍ତେ ମୋର ମାୟାକୁ ସ୍ୱୀକାର କରନ୍ତି । କାରଣ ତାହା ଶାସ୍ୱତ ନିରାଟ ସତ୍ୟ । ମୋର ମାୟାକୁ ସ୍ୱୀକାର କରୁଥିବା ବିବାଦକାରୀଙ୍କ ପକ୍ଷରେ କେଉଁ କଥାଟି ବା ପ୍ରମାଣ କରିବା ଅସମ୍ଭବ । ବସ୍ତୁର ଅସ୍ତିତ୍ୱ ନଥିଲେ ମଧ ମାୟାର ଆଶ୍ରୟ ଦ୍ୱାରା ଏହାର ଅନୁଭବ କରିହୁଏ । ମରୀଚିକା ପ୍ରକୃତରେ ଜଳ ନୁହେଁ ଏକଥା ସମସ୍ତେ ସ୍ୱୀକାର କଲେ ମଧ ମରୀଚିକାର ଜଳ ପରିମାଣ କେତେର ଉତ୍ତର ଯିଏ ଯାହା କହିବ ଠିକ । ବିଶେଷତଃ ମୁନିମାନେ ମୋର ଭକ୍ତ କାରଣରୁ କାହାର ବାକ୍ୟ ଖଣ୍ଡନ ହେବାର ନୁହେଁ ବରଂ ସେମାନଙ୍କ ବଚନକୁ ମୁଁ ସାକାର କରେ । ମୋର ପରିବ୍ୟାପ୍ତ ଅନନ୍ତ ଅସୀମ ଶକ୍ତି ହିଁ ସେମାନଙ୍କ ବିବାଦର କାରଣ । ମୋର ସତ୍ୱ, ରଜ ଓ ତମ ଗୁଣମୟୀ ଶକ୍ତି ସମୂହ ଜୀବର ଅନ୍ତଃକରଣରେ ବିଭିନ୍ନ ରୂପରେ ପରିଣତ ହୁଏ । ବିଭିନ୍ନ ଯୁଗର କ୍ଷୋଭରୁ ଉତ୍ପନ୍ନ ଚିତ୍ତବୃତ୍ତି ସମୂହ ମତ ବିରୋଧର କାରଣ ହୁଏ ଓ ଭେଦମୂଳକ ସଂସାର ପରି ଦୃଶ୍ୟ ହୁଏ । ମାତ୍ର ଦୃଶ୍ୟମାନ ଭେଦମୂଳକ ସଂସାର ତାର ଚକ୍ଷୁ ସମ୍ମୁଖରୁ ଲୀନ ହୋଇଯାଏ ଓ ସକଳ ତର୍କର ଅବସାନ ହୁଏ । ତତ୍ୱ ସବୁ ପରସ୍ପର ମଧ୍ୟରେ ଅନୁପ୍ରବିଷ୍ଟ ହେତୁ ବକ୍ତା ନିଜର ଅଭିପ୍ରାୟ ଅନୁସାରେ କାର୍ଯ୍ୟ ମଧ୍ୟରେ କାରଣ ବା କାରଣ ମଧ୍ୟରେ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରି ତତ୍ୱର ସଂଖ୍ୟାକୁ ଅଳ୍ପ ବା ଅଧିକ କରି କହିଥାଏ । ଯେମିତି କି ଅନେକଙ୍କ ମତରେ ଜ୍ଞାନ ସତ୍ୱଗୁଣର ବୃତ୍ତି କହିଥିବା ବେଳେ ଅନେକ ଭଗବତ କୃପାରୁ ହିଁ ଜ୍ଞାନର ଉଦ୍ରେକ ହୋଇଥାଏ କହନ୍ତି । ସତ୍ୱ, ରଜ, ତମ ଏହି ତିନିଗୁଣର ସମାହାର ପ୍ରକୃତି ଅର୍ଥାତ ଏହି ତିନିଗୋଟି ହେଉଛି ପ୍ରକୃତିର ଗୁଣ, ଆତ୍ମାର ଗୁଣ ନୁହେଁ, ଆତ୍ମା ଅକର୍ତ୍ତା । ତେଣୁ ସୃଷ୍ଟି, ସ୍ଥିତି ଓ ପ୍ରଳୟ ଏହି ତିନିଗୁଣ ଆତ୍ମାକୁ ସ୍ପର୍ଶ କରିପାରେ ନାହିଁ । ଏହି ସିଦ୍ଧାନ୍ତ ଅନୁସାରେ ଜ୍ଞାନ ସତ୍ୱଗୁଣର, କର୍ମ ରଜୋଗୁଣର ଓ ଅଜ୍ଞାନ ତମୋଗୁଣର ବୃତ୍ତି । ଏହି ତ୍ରିଗୁଣର କ୍ଷୋଭ ଉତ୍ପାଦକ ଈଶ୍ୱର( ମୁଁ ନିଜେ) କାଳ ନାମରେ ଅଭିହିତ ହୁଏ ଏବଂ ତାହାର ସୂତ୍ର ଅର୍ଥାତ୍ ମହତ୍ତତ୍ୱକୁ 'ସ୍ୱଭାବ' କୁହାଯାଏ । ପୁରୁଷ, ପ୍ରକୃତି ମହତ୍ତତ୍ୱ, ଅହଂକାର ଓ ପଞ୍ଚ ମହାଭୂତ- ଏହି ନବତତ୍ୱ କ୍ଷମାଦ୍ୱାରା କଥିତ ହୋଇଅଛି । ଏହାଛଡା ପାଞ୍ଚ ଜ୍ଞାନେନ୍ଦ୍ରିୟ ( କର୍ଣ୍ଣ, ତ୍ୱକ, ଚକ୍ଷୁ, ନାସିକା, ଜିହ୍ୱା) ପାଞ୍ଚ କର୍ମେନ୍ଦ୍ରିୟ ( ମୁଖ, ହସ୍ତ, ପଦ, ଲିଙ୍ଗ, ମଳଦ୍ୱାର) ଏବଂ ମନ ( କର୍ମ ଓ ଜ୍ଞାନ ଉଭୟ) ଏହି ସବୁ ମିଶି ଏକାଦଶ ତତ୍ୱ ରୂପେ ପରିଗଣିତ ହୁଏ । ଯେଉଁମାନେ ସାତୋଟି ମାତ୍ର ତତ୍ୱର ବିଶ୍ୱାସ କରନ୍ତି ସେମାନେ କହନ୍ତି, ପଞ୍ଚମହାଭୂତ, ଜୀବ, ଆତ୍ମା ଏହିପରି ସାତୋଟି ତତ୍ୱ ଅନ୍ୟସବୁ ଏହି ସାତୋଟିରୁ ଉଦ୍ଭବ ହେତୁ ପୃଥକ ନୁହନ୍ତି । ଯେଉଁମାନେ ଛଅ ତତ୍ୱ ବିଶ୍ୱାସୀ, ସେମାନେ ପଞ୍ଚ ମହାଭୂତ ଓ ପରମାତ୍ମା ବୋଲି କହନ୍ତି । ଜୀବ ପରମାତ୍ମାଙ୍କ ଅଂଶବିଶେଷ ବୋଲି ତାକୁ ପୃଥକ ତତ୍ୱ ବୋଲି ସ୍ୱୀକାର କରନ୍ତି ନାହିଁ । କେହି କେହି ଆତ୍ମା ଓ ଆତ୍ମାରୁ ଉତ୍ପନ୍ନ ତେଜ, ଜଳ ଓ ପୃଥିବୀ ଏହିପରି ଚାରିତତ୍ୱର ବିଶ୍ୱାସୀ । ସେହିପରି କେହି ସତର, ଷୋହଳ ବା ଏଗାର ତତ୍ୱ ସ୍ୱୀକାର କରନ୍ତି । ବାସ୍ତବିକ ଏଥିରେ କ୍ଷୟବୃଦ୍ଧି ବିଚାର ନାହିଁ । ଉଦ୍ଧବ ପଚାରିଲେ, ପ୍ରଭୁ ପ୍ରକୃତି ଓ ପୁରୁଷ ପରସ୍ପର ଭିନ୍ନ ହେଲେ ହେଁ ଗୋଟିଏ ଅପରକୁ ନିବିଡ ଭାବରେ ଆଶ୍ରୟ କରି ରହିଥାଏ ବୋଲି ତାହା ମଧ୍ୟରେ ପାର୍ଥକ୍ୟ ଦୃଷ୍ଟି ଗୋଚର ହୁଏନାହିଁ । ପ୍ରକୃତି ମଧ୍ୟରେ ଆତ୍ମା ଓ ଆତ୍ମା ମଧ୍ୟରେ ପ୍ରକୃତି ଅନୁଭୂତ ହୁଏ । ମାତ୍ର ପ୍ରକୃତିର ବିକାର ଏହି ଯେଉଁ ଦେହ ତାହାଠାରୁ ଆତ୍ମାର ପାର୍ଥକ୍ୟ ତ ସାଧାରଣ ବୁଦ୍ଧିରେ ଧରାପଡେନାହିଁ । ଦୟାକରି ପ୍ରକୃତି ପୁରୁଷର ଏହି ସଂଯୋଗ ବିଯୋଗ ସମ୍ପର୍କୀୟ ମୋର ସଂଶୟ ଦୂରକର । ତୁମରି ଅନୁଗ୍ରହ ହେତୁ ଜୀବର ଜ୍ଞାନଲାଭ ହୁଏ । ତୁମରି ମାୟାରେ ଜ୍ଞାନ ଲୋପ ହୁଏ । ତୁମ ମାୟାର ଗତି ତୁମକୁ ହିଁ ଜଣା ଅନ୍ୟ କେହି କଳିବାକୁ ଅସମର୍ଥ । ଯେଉଁ ମାୟାଗ୍ରସ୍ତ ପ୍ରାଣୀ ତୁମ ପ୍ରତି ବିମୁଖ ସେ ନାନା ହୀନ ଯୋନିରେ ବାରମ୍ବାର ଜନ୍ମଲାଭ କରି ଜନ୍ମ ଓ ମୃତ୍ୟୁ ଉଭୟ ପଥରେ ବହୁତ ଦୁଃଖ କଷ୍ଟ ଭୋଗ କରନ୍ତି । ଦୟାକରି ସେମାନଙ୍କର ଜନ୍ମ, ମୃତ୍ୟୁ, ଦେହାନ୍ତର ଗମନ ରହସ୍ୟ ପ୍ରକାଶ କରନ୍ତୁ । ଶ୍ରୀ ଭଗବାନ କହିଲେ ହେ ଉଦ୍ଧବ, ପ୍ରକୃତି ଓ ପୁରୁଷ ପରସ୍ପର ଠାରୁ ଅତ୍ୟନ୍ତ ଭିନ୍ନ । ପ୍ରକୃତି ଗୁଣ ଓ ଦୋଷରୁ ଉତ୍ପନ୍ନ, ଏହି ସୃଷ୍ଟି ବିକାର ଗ୍ରସ୍ତ ଓ ମରଣଶୀଳ ମାତ୍ର ପୁରୁଷରୂପୀ ଆତ୍ମା, ଅବ୍ୟୟ, ଅକ୍ଷୟ, ନିର୍ବିକାର ଏକ ନିରପେକ୍ଷ ଓ ପ୍ରକାଶ ସ୍ୱରୂପ । ଅନ୍ୟ ପକ୍ଷରେ ପ୍ରକୃତି ସମ୍ପୂର୍ଣ୍ଣ ବିପରୀତ ଧର୍ମ ବିଶିଷ୍ଟ । ମୋର ଗୁଣମୟୀ ମାୟା ତ୍ରିଗୁଣକୁ ଅବଲମ୍ବନ କରି ନାମ ପ୍ରକାର ଭେଦ ଓ ଭେଦବୁଦ୍ଧି ଉତ୍ପନ୍ନ କରେ । ନାନା ବିକାରବାନ ପ୍ରପଞ୍ଚ ଅନେକ ହେଲେ ହେଁ ସ୍ଥୁଳତଃ ତିନି ପ୍ରକାର- ଆଧ୍ୟାତ୍ମ, ଅଧିଦୈବିକ ଓ ଅଧିଭୂତ । ଏଥିରୁ ତ୍ରିବିଧ ବିକାରଯୁକ୍ତ ଅହଂକାର ସାତ୍ୱିକ, ରାଜସିକ ଓ ତାମସିକ ର ଉତ୍ପତ୍ତି । ଏହି ଅହଂକାରହିଁ ଆତ୍ମା ବିଷୟରେ ମିଥ୍ୟାଜ୍ଞାନ ଓ ସକଳ ଭେଦ ଜ୍ଞାନର ଉତ୍ପତ୍ତି ସ୍ଥଳ । ଆତ୍ମା ସ୍ୱରୂପର ଯଥାର୍ଥ ଜ୍ଞାନହେଲେ ଅହଂକାର ଲୋପହୁଏ ଏବଂ ଜ୍ଞାନ ଅନ୍ତର୍ମୁଖୀ ହୋଇ ପ୍ରକୃତି ପୁରୁଷର ଯଥାର୍ଥ ସମ୍ପର୍କ ଉପଲବ୍ଧ ହୁଏ । ଜନ୍ମ, ମୃତ୍ୟୁ ଓ ବ୍ୟାପକ ଆତ୍ମାର ଏକ ଦେହରୁ ଦେହାନ୍ତ ଗମନ, ଅକର୍ତ୍ତା, ଆତ୍ମହରା କର୍ମାନୁଷ୍ଠାନ ଏବଂ ନିତ୍ୟ,ଶାଶ୍ୱତ ଆତ୍ମାର ଆପାତଃ ଜନ୍ମ ମରଣ ଦୃଶ୍ୟ ଆଦି ଅତ୍ୟନ୍ତ ଦୁର୍ଜ୍ଞେୟ । ଉଦ୍ଧବ, ପ୍ରାଣୀର ମନ କର୍ମମୟ ହୋଇ ନାନା ଦେହ ସୃଷ୍ଟିକରେ । ପଞ୍ଚ ଜ୍ଞାନେନ୍ଦ୍ରିୟ ସହିତ ସଂଯୁକ୍ତ ମନୁଷ୍ୟର କର୍ମାଧୀନ ମନ ପ୍ରଧାନ ଲିଙ୍ଗ ଶରୀର, ମୃତ୍ୟୁପରେ ଏକ ଦେହରୁ ଅନ୍ୟ ଦେହକୁ ଗମନ କରେ । ଯଦିଓ ଜୀବାତ୍ମା ସେହି ଲିଙ୍ଗଦେହଠାରୁ ପୃଥକ ତଥାପି ଦେହାଭିମାନ ହେତୁ ଜୀବାତ୍ମା ମଧ ସେହି ମନ ବା ମନଃପ୍ରଧାନ ଲିଙ୍ଗ ଶରୀର ସଙ୍ଗେ ଦେହାନ୍ତର ଗମନ କରେ ଓ ମନ ସହିତ ସ୍ୱର୍ଗବାସ, ଇନ୍ଦ୍ରପଦ, ରାଜପଦ ଆଦି ନାନା ପ୍ରକାର ସୁଖ ଭୋଗର କାମନା କରେ । ମାତ୍ର ପୂର୍ବକୃତ କର୍ମ ତାର ଅଗ୍ରଭାଗରେ ଧାବିତ ହୋଇ ଅନୁରୂପ ଯୋନିପ୍ରାପ୍ତ କରାଏ ଏବଂ ପୂର୍ବ ଶରୀରକୁ ପାସୋରି ନୂତନ ଦେହର ଅନୁରାଗୀ କରାଏ । ଏହି ଦେହାନ୍ତର ତତ୍ୱକୁ ସୂକ୍ଷ୍ମ ଦୃଷ୍ଟିକୋଣରୁ ବିଚାର କଲେ ବୁଝିବାକୁ ହେବ ଯେ ଆତ୍ମା ସର୍ବବ୍ୟାପୀ, ଅକର୍ତ୍ତା ଓ ନିତ୍ୟ । ତେଣୁ ତାହାର ଦେହାନ୍ତର ପ୍ରାପ୍ତି, କର୍ମସାଧନ ଓ ଜନ୍ମମରଣ ସମ୍ଭବ ନୁହେଁ । ଏହି ସମସ୍ତ କେବଳ ପ୍ରାଣ, ବୁଦ୍ଧି ଓ ଇନ୍ଦ୍ରିୟ ସମୂହ ପ୍ରତି ପ୍ରଯୁଜ୍ୟ । ନୃତ୍ୟକାରୀ ବା ଗାନକାରୀର ନୃତ୍ୟ କି ଗାନକୁ ଦେଖି ଶରୀର ସମୟେ ସମୟେ ନୃତ୍ୟ ବା ଗାନ କଲାପରି ଆତ୍ମା ସ୍ୱରୂପରେ ଅକର୍ତ୍ତା ହେଲେ ମଧ ବୁଦ୍ଧିର ସଂସ୍ପର୍ଶରେ ଆସି ବୁଦ୍ଧିର କାର୍ଯ୍ୟ ଓ ଶାରୀରିକ ଚେଷ୍ଟାଦିର ଏକରକମ ଅନୁକରଣ କରେ । ଫଳତଃ ଦେହାଭିମାନ ବଶତଃ ଦେହର ଧର୍ମ ସମୂହ ଆତ୍ମାର ଧର୍ମ ପରି ମନେହୁଏ । ଗୋଟିଏ ବସ୍ତୁର ଧର୍ମ ଅନ୍ୟ ବସ୍ତୁରେ ଆରୋପିତ ହେବାର ଅନେକ ଦୃଷ୍ଟାନ୍ତ ଦେଖାଯାଏ । ପ୍ରବହମାନ ନଦୀସ୍ରୋତରେ ନଦୀ ତୀରସ୍ଥ ବୃକ୍ଷଛାୟା କମ୍ପିବାର ଦେଖାଯାଏ । ସାଂସାରିକ ବିଷୟ ସମୂହର ଆକର୍ଷଣକାରୀ ରୂପଲାବଣ୍ୟ ବିଷୟ-ଗ୍ରାହକ ମନ ଦ୍ୱାରା ହିଁ କଳ୍ପିତ ହୁଏ । ଏହି ଜୀବ ସଂସାର-ମୁକ୍ତ ଓ ବିଷୟ ସମୂହର ସାକ୍ଷୀମାତ୍ର । ବିଷୟ ସହିତ ସ୍ମୃତିର ଯୋଗ ବିୟୋଗରୁ ମନ ଏକ ଦେହତ୍ୟାଗ କରି ଅନ୍ୟ ଦେହ ଧାରଣ କରେ । କର୍ମର ଅଧୀନ ମନ, ମୃତ୍ୟୁ ସମୟରେ କର୍ମ ସମ୍ପର୍କୀୟ ଦୃଷ୍ଟି ଓ ସ୍ମୃତି ବିଷୟ ଚିନ୍ତା କରି କରି କ୍ଷଣକାଳ ପରେ ସେହି ବିଷୟ ସମୂହ ସହିତ ଲୀନ ହୋଇଯାଏ । ଏହା ସଙ୍ଗେ ସଙ୍ଗେ ଉକ୍ତ ବିଷୟ ସ୍ମୃତି ନଷ୍ଟ ହୋଇଯାଏ । କର୍ମାନୁସାରେ ପ୍ରାପ୍ତ ନୂତନ ଦେହ ପ୍ରତି ଆକର୍ଷଣ ହେତୁ ଜୀବ ତାର ପୂର୍ବ ଦେହକୁ ଆଉ ସ୍ମରଣ କରେନାହିଁ । କାରଣ ଯେଉଁ ପ୍ରାରବ୍ଧ କର୍ମଫଳ ହେତୁ ପୂର୍ବ ଦେହ ସଙ୍ଗେ ତାର ସମ୍ବନ୍ଧ ହୋଇଥିଲା ସେହି କର୍ମ କ୍ଷୟ ହୋଇଯାଇଥାଏ । ସେହି ମହାବିସ୍ମୃତିକୁ ମୃତ୍ୟୁ ବୋଲି କୁହାଯାଏ । ସେହିପରି କର୍ମାନୁସାରେ ପ୍ରାପ୍ତ ନୂତନ ଦେହରେ ଅଭେଦ ଭାବେ ଯେଉଁ ମୁଁ, ମୋର ବୋଲି ପ୍ରାଚୀନ ପ୍ରକୃତିର ସ୍ୱାଭାବିକ ଅହଂକାର ଉତ୍ପନ୍ନ ହୁଏ ତାକୁ ଜନ୍ମ କୁହାଯାଏ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରିଙ୍ଗ

# ନୂଆ ପିଢ଼ିକୁ ସୁଯୋଗ ଦେବା



ଶ୍ୱେତା ରାଉତ୍

ଆଜିକାଲି ପ୍ରାୟତଃ ଏମିତି ଏକ ପ୍ରବୃତ୍ତି ଦେଖାଯାଉଛି, ବୟସ୍କମାନେ ନିଜର ଯୋଗ୍ୟତା, ଅନୁଭବ ଓ ସଫଳତାକୁ ପ୍ରମାଣ କରିବାରେ ଏତେ ବ୍ୟସ୍ତ ହୋଇଯାଉଛନ୍ତି ଯେ ନୂଆ ପିଢ଼ିର ପ୍ରତିଭାକୁ ଦେଖିବା, ବୁଝିବା ଓ ସୁଯୋଗ ଦେବା ପାଇଁ ଚାହୁଁନାହାନ୍ତି। ନିଜକୁ ଖୁବ୍ ପ୍ରତିଭାବାନ, ଜ୍ଞାନୀ ଓ ଶ୍ରେଷ୍ଠ ବିବେଚନା କରି ନୂଆ ପିଢ଼ିକୁ ପ୍ରେରଣା ଦେବା ପରିବର୍ତ୍ତେ କେବଳ ନିଜ ଯୋଗ୍ୟତାର ଡିଣ୍ଡିମ ପିଟି ହେଉଛନ୍ତି। ଜଣେ ପ୍ରତିଭାଶାଳୀ ଯୁବକ ବା ଯୁବତୀଙ୍କୁ ଯଦି ମଞ୍ଚ ଦିଆଯାଏ ନାହିଁ, ନିଜ ଭାବନା ପ୍ରକାଶ କରିବାର ସୁଯୋଗ ମିଳେନାହିଁ, ନିଜ ଦକ୍ଷତା ଦେଖାଇବାର ଅବକାଶ ମିଳେନାହିଁ, ତେବେ ତାଙ୍କ ଭିତରେ ଥିବା ସମ୍ଭାବନାକୁ ଆମେ କେମିତି ଜାଣିବା ?

ବଡ଼ମାନଙ୍କର ପ୍ରକୃତ ମହତ୍ତ୍ୱ ନିଜେ ସବୁଠାରେ ଆଗରେ ରହିବାରେ ନୁହେଁ, ବରଂ ନିଜ ପରେ ଆସୁଥିବା ଲୋକଙ୍କୁ ଆଗକୁ ଆଣିବାରେ। ଜଣେ ସଠିକ ଗୁରୁ ସେ ନୁହେଁ ଯିଏ ସବୁବେଳେ ନିଜ ଜ୍ଞାନ ପ୍ରଦର୍ଶନ କରନ୍ତି, ଜଣେ ସଠିକ ଗୁରୁ ସେ, ଯିଏ ନିଜ ଶିଷ୍ୟକୁ ଏମିତି ପ୍ରସ୍ତୁତ କରନ୍ତି ଯେ ଦିନେ ଶିଷ୍ୟ ତାଙ୍କଠାରୁ ମଧ ଆଗକୁ ଯାଇପାରିବ। ବାସ୍ତବରେ ନୂଆ ପିଢ଼ି ଆମର ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି, ଆମର ଉତ୍ତରାଧିକାରୀ। ସେମାନେ ଆମ ସ୍ଥାନ ଛଡ଼ାଇବାକୁ ଆସିନାହାନ୍ତି, ସେମାନେ ଆମେ ତିଆରି କରିଥିବା ପଥକୁ ଆହୁରି ଆଗକୁ ନେବାକୁ ଆସିଛନ୍ତି। ଆମେ ଯେଉଁଠାରେ ଅଟକିଯାଇଛୁ, ସେମାନେ ସେଠାରୁ ଆଗକୁ ବଢ଼ିପାରନ୍ତି। ଆମର ଅନୁଭବ ଓ ସେମାନଙ୍କର ନୂଆ ଚିନ୍ତାଧାରା ଯଦି ଏକାଠି ହୋଇଯାଏ, ତେବେ ସମାଜ ଆହୁରି ସମୃଦ୍ଧ ହୋଇପାରିବ। ନୂଆ ପିଢ଼ିର ଚିନ୍ତାଧାରା ଆମଠାରୁ ଅଲଗା ହୋଇପାରେ। ସେମାନଙ୍କର ଭାଷା, କାର୍ଯ୍ୟଶୈଳୀ, ଚିନ୍ତନ ପ୍ରଣାଳୀ ଓ ସୃଜନଶୀଳତାର ଢଙ୍ଗ ମଧ ଅଲଗା ହୋଇପାରେ, ଆମର କର୍ତ୍ତବ୍ୟ ହେଉଛି ସେମାନଙ୍କ ଭିତରେ ଥିବା ଭଲ ଦିଗକୁ ଚିହ୍ନଟ କରିବା ଏବଂ ଆବଶ୍ୟକ ସ୍ଥାନରେ ଦିଗଦର୍ଶନ ଦେବା। ବିଶେଷକରି ସାହିତ୍ୟ, କଳା, ସଂସ୍କୃତି ଓ ସାମାଜିକ କ୍ଷେତ୍ରରେ ନୂଆ ପିଢ଼ିକୁ ମଞ୍ଚ ଦେବା ଅତ୍ୟନ୍ତ ଜରୁରୀ। ଜଣେ ନୂଆ କବି ଯଦି ନିଜ କବିତା ପଢ଼ିବାର ସୁଯୋଗ ନପାଏ, ଜଣେ ନୂଆ ଲେଖକ ଯଦି ନିଜ ଚିନ୍ତା ପ୍ରକାଶ କରିବାର ଅବକାଶ ନପାଏ, ଜଣେ ନୂଆ କଳାକାର ଯଦି ନିଜ କଳା ପ୍ରଦର୍ଶନ କରିବାର ମଞ୍ଚ ନପାଏ,ତେବେ ତାଙ୍କ ପ୍ରତିଭା ଆମ ସାମ୍ନାକୁ ଆସିବ କିପରି ?

ମଞ୍ଚରେ ବଡ଼ମାନଙ୍କ ଉପସ୍ଥିତି ନିଶ୍ଚିତ ଆବଶ୍ୟକ। କିନ୍ତୁ କେତେବେଳେ କହିବାକୁ ହେବ ଏବଂ କେତେବେଳେ ଚୁପ୍ ରହି ଶୁଣିବାକୁ ହେବ, ଏହି ବୁଝାମଣା ମଧ ଏକ ବଡ଼ ଗୁଣ। କେତେକ ମଞ୍ଚ ଏମିତି ହେବା ଦରକାର, ଯେଉଁଠାରେ ବଡ଼ମାନେ ନିଜ ଅନୁଭବ କହିବା ଅପେକ୍ଷା ନୂଆମାନଙ୍କ କଥା ଶୁଣିବେ। କାରଣ ସେହି ଶୁଣିବା ଭିତରୁ ଆଗାମୀ ଦିନର ସମ୍ଭାବନାକୁ ଚିହ୍ନଟ କରାଯାଇପାରିବ।ସୁଯୋଗ ଦେବାର ଅର୍ଥ ନୁହେଁ ଯେ ଯୋଗ୍ୟତାକୁ ଅଣଦେଖା କରାଯିବା। ବରଂ ସୁଯୋଗ ମାଧ୍ୟମରେ ଯୋଗ୍ୟତାକୁ ପରୀକ୍ଷା କରାଯାଏ। ଭୁଲ୍ କଲେ ନୂଆମାନଙ୍କୁ ସଂଶୋଧନ କରିବାକୁ ହେବ, ପଡ଼ିଗଲେ ଉଠାଇବାକୁ ହେବ, କିନ୍ତୁ ସେମାନଙ୍କ ଜାଗାରେ ନିଜେ ସବୁ କରିଦେବା ଠିକ୍ ନୁହେଁ। ନୂଆ ପିଢ଼ି ନିଜ ଅନୁଭବରୁ ଶିଖିବାର ଅବକାଶ ପାଇବା ଦରକାର। ତେଣୁ ନୂଆ ପିଢ଼ିକୁ ପଛରେ ରଖି ନିଜର ଯୋଗ୍ୟତା ପ୍ରମାଣ କରିବା ନୁହେଁ, ସେମାନଙ୍କୁ ଆଗକୁ ନେଇ ନିଜ ଅନୁଭବର ସାର୍ଥକତା ପ୍ରମାଣ କରିବା ହିଁ ବଡ଼ମାନଙ୍କ ପ୍ରକୃତ ଦାୟିତ୍ୱ।

କାରଣ ପିଢ଼ି ବଦଳିବା ନିଶ୍ଚିତ, କିନ୍ତୁ ମୂଲ୍ୟବୋଧର ଧାରା ଯେପରି ଅବିଚ୍ଛିନ୍ନ ରହିବ, ସେଥିପାଇଁ ଆଜିର ବଡ଼ମାନେ ହିଁ ସେତୁ ହେବା ଦରକାର। ସେତୁ କେବେ ନିଜେ ଗନ୍ତବ୍ୟ ନୁହେଁ,ସେ ଦୁଇ ପାର୍ଶ୍ୱକୁ ଯୋଡ଼ିଥାଏ। ସେହିପରି ବଡ଼ମାନେ ନୂଆ ପିଢ଼ି ଓ ଭବିଷ୍ୟତ ମଧ୍ୟରେ ଏକ ସୁନ୍ଦର ସେତୁ ହୋଇପାରିଲେ, ସମାଜ ନିଶ୍ଚିତ ଭାବେ ଆହୁରି ସୁନ୍ଦର, ସମୃଦ୍ଧ ଓ ଶକ୍ତିଶାଳୀ ହେବ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦




ଦେହକୁ ଭାରି ଭଲ ଏହି ଗୋଟିଏ ଫଳର ପତ୍ର । ଡାଇରିଆ,ଚର୍ମରୋଗ,ମୁହଁର ବ୍ରଣ ସବୁ କମାଇଦେବ । ଚା’କରି ପିଅନ୍ତୁ କି ଖାଦ୍ୟ ଭଳି ଖାଆନ୍ତୁ ... ସବୁ ପାଇଁ ସାଜିବ ରାମବାଣ । ତେବେ ଏହି ଫଳର ନାଁ କ’ଣ ଆସନ୍ତୁ ଦେଖିବା । ଫଳ ଖାଇବା ଦ୍ୱାରା ଶରୀରକୁ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ବୋଲି ଆମେ ପିଲାଟି ବେଳରୁ ଜାଣୁ । କିନ୍ତୁ ଏମିତିବି କିଛି ଫଳ ଅଛି ଯାହାର ପତ୍ର ମଧ ଲାଭଦାୟକ ହୋଇଥାଏ । ଏହିପରି ଗୋଟିଏ ଫଳ ହେଉଛି ସୀତାଫଳ ଯାହାକୁ ଇଂରାଜୀରେ **Custard Appl**ର ବୋଲି କୁହାଯାଏ । ଏହା ଏକପ୍ରକାର ଔଷଧୀୟ ଫଳ । ଆୟୁର୍ବେଦ ଅନୁଯାୟୀ ଏହାର ପତ୍ର ମଧ ଅନେକ ସମସ୍ୟାରୁ ମୁକ୍ତି ଦେଇଥାଏ । ସୀତାଫଳର ପତ୍ର ଖାଇବା ଦ୍ୱାରା କେବଳ ହାର୍ଟ ପାଇଁ ନୁହେଁ ବରଂ ମଧୁମେହ, ଚର୍ମ ରୋଗ ଏବଂ ଚୁଟି ପାଇଁ ମଧ ବହୁତ ଲାଭଦାୟକ ।

ଏଥିରେ ପୁଷ୍ଟିକର ଗୁଣ ରହିବା ସହିତ ଭିଟାମିନ୍ **A** ଏବଂ **C**, କ୍ୟାଲସିୟମ୍, ଆଇରନ୍ ପରି ଅନେକ ପୋଷକ ତତ୍ତ୍ୱ ମିଳିଥାଏ । ଯାହା ସ୍ୱାସ୍ଥ୍ୟ ପାଇଁ ହିତକର । ଏହାକୁ ଖାଦ୍ୟ ଭାବରେ କିମ୍ବା ଚା’ଭଳି ବ୍ୟବହାର କରାଯାଏ । ଡାଇରିଆ ଭଳି ସମସ୍ୟାରେ ସୀତାଫଳ ପତ୍ର ଅତ୍ୟନ୍ତ ଲାଭଦାୟକ ହୋଇପାରେ । ଏଥିରେ ଟେନିନ୍ ନାମକ ଏକ ଆଣ୍ଟି-ଅକ୍ସିଡାଣ୍ଟ ରହିଥାଏ ଯାହା ପେଟକୁ ଶାନ୍ତ କରିବା ସହ ଡାଇରିଆ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଫାଇବର ହଜମ ପ୍ରକ୍ରିୟାକୁ ମଜଭୁତ କରେ ଏବଂ ଝାଡ଼ା ରୋକିବାରେ ସାହାଯ୍ୟ କରେ । ସୀତାଫଳ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ରହିଛି ଯାହା ଅନ୍ତନଳୀ ସଂକ୍ରମଣକୁ ରୋକିଥାଏ ଏବଂ ଡାଇରିଆ ସମସ୍ୟାକୁ ଦୂରେଇ ଥାଏ । ଏହାର ରସ ଶରୀରକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରେ ଯାହା ଡାଇରିଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚର୍ମ ସମସ୍ୟା ପାଇଁ ମଧ ଏହି ପତ୍ରକୁ ବ୍ୟବହାର କରାଯାଏ । ଏଥିରେ ଭିଟାମିନ୍ ଉ ଏବଂ ଆଣ୍ଟିଅକ୍ସିଡାଣ୍ଟ୍ ଗୁଣ ଥାଏ ଯାହା ଚର୍ମକୁ ସୁସ୍ଥ ରଖିବା ସହ ଚମକାଇଥାଏ। ସଂକ୍ଷେପରେ କହିଲେ ଚର୍ମ ପାଇଁ ପୁଷ୍ଟିକର ଖାଦ୍ୟ ଭାବରେ କାମ କରେ ସୀତାଫଳର ପତ୍ର । ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ରହିଥିବାରୁ ବ୍ରଣ, ଦାଗ ଭଳି ଅନ୍ୟାନ୍ୟ ଚର୍ମ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ । ଏହାର ପତ୍ରକୁ ପେଷ୍ଟ କରି ଲଗାଇବା ଦ୍ୱାରା ଚର୍ମରୁ ମଇଳା ଦୂର ହେବା ସହିତ କୋମଳ ଏବଂ ନରମ ହୋଇଥାଏ ।

କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ସୀତାଫଳ ପତ୍ର କର୍କଟ ରୋଗକୁ ଦୂର କରିବାରେ ସାହାଯ୍ୟ କରେ । ଏହି ପତ୍ରରେ ମିଳୁଥିବା ଫାଇଟୋକେମିକାଲ୍ସ ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଯୋଗୁଁ କର୍କଟ କୋଷର ବୃଦ୍ଧିକୁ ରୋକିଥାଏ । ଏଥିରେ ଥିବା ଭିଟାମିନ୍ **C** ଏବଂ ଭିଟାମିନ୍ **A** କର୍କଟ କୋଷଗୁଡ଼ିକୁ ନଷ୍ଟ କରିବାରେ ସାହାଯ୍ୟ କରିଥାଏ । ସୀତାଫଳ ପତ୍ର ଶରୀରର ଡିଟୋକ୍ସିଫିଙ୍ଗ୍ କ୍ଷମତାକୁ ବଢ଼ାଇଥାଏ ଯାହା ଶରୀରରୁ କର୍କଟ ରୋଗକୁ ବାହାର କରିବାରେ ସାହାଯ୍ୟ କରିଥାଏ । ଡାଇବେଟିସକୁ ନିୟନ୍ତ୍ରଣ କରିବାରେ ସୀତାଫଳ ପତ୍ର ସହାୟକ ହୋଇଥାଏ । ଏଥିରେ ଥିବା ଫାଇବର ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରେ । ଏହାର ପତ୍ର ଆଣ୍ଟିଅକ୍ସିଡାଣ୍ଟ୍ ଇନସୁଲିନ୍‌ର ସମ୍ବେଦନଶୀଳତାକୁ ବଢ଼ାଇଥାଏ । ଯାହା ରକ୍ତରେ ଶର୍କରା ସ୍ତର ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

# କ୍ଷମତା, ସମ୍ପତ୍ତି ଏବଂ ସ୍ୱଚ୍ଛତା

ଗଣତନ୍ତ୍ରରେ ରାଜନୈତିକ କ୍ଷମତା ଏବଂ ବ୍ୟକ୍ତିଗତ ସମ୍ପତ୍ତି ମଧ୍ୟରେ ଥିବା ସୀମାରେଖା ସର୍ବଦା ଏକ ବିତର୍କର ବିଷୟ ହୋଇଆସିଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ପ୍ରକାଶ ପାଇଥିବା ଆର୍ଥିକ କାରବାରର ରିପୋର୍ଟ ଏହି ବିତର୍କକୁ ପୁଣି ଥରେ ଉଜ୍ଜୀବିତ କରିଛି । ସେପ୍ଟେମ୍ବର ୨୦୨୬ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, କେବଳ ଜୁଲାଇ ମାସରେ ଟ୍ରମ୍ପଙ୍କ ଆକାଉଣ୍ଟରୁ ଏକ ହଜାରରୁ ଅଧିକ ଥର ସେୟାର ବଜାରରେ କିଣାବିକା କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୭୯ ନିୟୁତ ଡଲାରରୁ ୨୭୦ ନିୟୁତ ଡଲାର ମଧ୍ୟରେ ରହିବ। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ରାଷ୍ଟ୍ରପତିଙ୍କ ନୈତିକତା, ସ୍ୱଚ୍ଛତା ଏବଂ ସମ୍ଭାବ୍ୟ ସ୍ୱାର୍ଥର ସଂଘାତକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏତେ ବଡ଼ ଧରଣର ଆର୍ଥିକ କାରବାର କୌଣସି ସାଧାରଣ ନିବେଶକଙ୍କ ପକ୍ଷରେ ସମ୍ଭବ ନୁହେଁ ଏବଂ ଜଣେ କ୍ଷମତାସୀନ ରାଷ୍ଟ୍ରପତିଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ଅସ୍ୱାଭାବିକ ଅଟେ । ବିଶେଷ କରି ଯେତେବେଳେ ଦେଶର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କ ନିଷ୍ପତ୍ତି ସିଧାସଳଖ ଭାବରେ ବଜାରକୁ ପ୍ରଭାବିତ କରିବାର କ୍ଷମତା ରଖିଥାଏ, ସେତେବେଳେ ଏପରି କାରବାର କେବଳ ସନ୍ଦେହ ଘେରରେ ରହେ ନାହିଁ ବରଂ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏକ ଆହ୍ୱାନ ସୃଷ୍ଟି କରେ । ଆମେରିକୀୟ ନିର୍ବାଚନ ଆଇନ ଏବଂ ସରକାରୀ ନୈତିକତା ନିୟମ ଅନୁଯାୟୀ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କୁ ସେମାନଙ୍କର ଆର୍ଥିକ କାରବାରର ବିବରଣୀ ପ୍ରଦାନ କରିବାକୁ ପଡ଼ିଥାଏ, କିନ୍ତୁ ଏହି ଆଇନ ସେମାନଙ୍କୁ ସେୟାର ବଜାରରେ କାରବାର କରିବାରୁ ବାରଣ କରେ ନାହିଁ। ତେବେ ନୈତିକ ଦୃଷ୍ଟିକୋଣରୁ ଏହା କେତେ ଗ୍ରହଣୀୟ, ତାହା ଏବେ ଏକ ବଡ଼ ପ୍ରଶ୍ନ ପାଲଟିଛି ।

ଯଦି ଆମେ ତଥ୍ୟ ଉପରେ ନଜର ପକାଇବା, ତେବେ ଜୁଲାଇ ମାସର କାରବାରଗୁଡ଼ିକର ପରିସଂଖ୍ୟାନ ଆଶ୍ଚର୍ଯ୍ୟଜନକ ଅଟେ । ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ୪୪୦ରୁ ଅଧିକ ଥର ସେୟାର କିଣିଛନ୍ତି ଏବଂ ୭୦୦ରୁ ଅଧିକ ଥର ସେୟାର ବିକ୍ରି କରିଛନ୍ତି । ଏହି କାରବାର ମଧ୍ୟରେ ବିଶ୍ୱର କିଛି ବୃହତ୍ତମ ଟେକ୍ନୋଲୋଜି କମ୍ପାନୀ ସାମିଲ ଅଛନ୍ତି । ଜୁଲାଇ ୨୦ ତାରିଖରେ ଟ୍ରମ୍ପଙ୍କ ଆକାଉଣ୍ଟରୁ ଆମାଜନ ଏବଂ ମାଇକ୍ରୋସଫ୍ଟର ୫ ନିୟୁତରୁ ୨୫ ନିୟୁତ ଡଲାର ପର୍ଯ୍ୟନ୍ତ ସେୟାର ବିକ୍ରି କରାଯାଇଥିଲା । ସେହି ଗୋଟିଏ ଦିନରେ ଓରାକଲ୍ ଏବଂ କଷ୍ଟକୋ କମ୍ପାନୀର ପ୍ରାୟ ୫ ନିୟୁତ ଡଲାରର ସେୟାର, ଏବଂ ଏନଭିଡିଆର ୫ ଲକ୍ଷରୁ ୧ ନିୟୁତ ଡଲାରର ସେୟାର ମଧ୍ୟ ବିକ୍ରି କରାଯାଇଥିଲା । ଏହା ସହିତ ଇନଟୁଇଟ୍ ଏବଂ ସେଲ୍ସଫୋର୍ସ ଭଳି କମ୍ପାନୀରେ ୫ ନିୟୁତ ଡଲାର ପର୍ଯ୍ୟନ୍ତ ନୂତନ ନିବେଶ କରାଯାଇଥିଲା । ଏହି ବିଶାଳ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଆମେରିକା ସରକାରଙ୍କ ବିଭିନ୍ନ ନିୟମ, କୃତ୍ରିମ ବୁଦ୍ଧିମତ୍ତା ନୀତି ଏବଂ ଆଣ୍ଟିଟ୍ରଷ୍ଟ ଆଇନ ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଥାନ୍ତି । ତେଣୁ ଜଣେ ରାଷ୍ଟ୍ରପତି ଏହି କମ୍ପାନୀଗୁଡ଼ିକରେ ଏତେ ବଡ଼ ଧରଣର ନିବେଶ କରିବା ନିଶ୍ଚିତ ଭାବରେ ସରକାରୀ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ।

ଏହି ତାଲିକାରେ ସ୍ପେସ୍-ଏକ୍ସ ଭଳି କମ୍ପାନୀ ମଧ୍ୟ ରହିଛି, ଯାହାକି ଆମେରିକା ସରକାରଙ୍କ ଏକ ପ୍ରମୁଖ ପ୍ରତିରକ୍ଷା ଠିକାଦାର ଅଟେ । ଜୁନ୍ ମାସରେ ସ୍ପେସ୍-ଏକ୍ସ ଆମେରିକା ଇତିହାସର ସବୁଠାରୁ ବଡ଼ ଆଇପିଓ ଜାରି କରି ୧.୭୭ ଟ୍ରିଲିୟନ ଡଲାରର ମୂଲ୍ୟାୟନ ହାସଲ କରିଥିଲା । ଜୁଲାଇ ୧୦ ତାରିଖରେ ଟ୍ରମ୍ପ ସ୍ପେସ୍-ଏକ୍ସର ୧୫,୦୦୦ ରୁ ୫୦,୦୦୦ ଡଲାର ମୂଲ୍ୟର ସେୟାର କିଣିଥିଲେ ଏବଂ ଜୁଲାଇ ୧୭ ତାରିଖରେ କିଛି ସେୟାର ବିକ୍ରି ମଧ୍ୟ କରିଥିଲେ। ଏଲନ୍ ମସ୍କଙ୍କ ସହିତ ଟ୍ରମ୍ପଙ୍କ ରାଜନୈତିକ ସମ୍ପର୍କ ଏବଂ ସ୍ପେସ୍-ଏକ୍ସର ସରକାରୀ ଚୁକ୍ତିନାମାଗୁଡ଼ିକୁ ଦୃଷ୍ଟିରେ ରଖିଲେ ଏହି କାରବାରଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ ମନେହୁଏ । ଏହି ସମସ୍ତ ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଦୈନିକ ହାରାହାରି ୫୦ଟି କାରବାର କରାଯାଇଛି, ଯାହାକି ଏକ ସାଧାରଣ ନିବେଶକଙ୍କ ତୁଳନାରେ ବହୁତ ଅଧିକ ଏବଂ ଏହା ଏକ ଆଲଗୋରିଦମିକ୍ ବା ହେଜ୍ ଫଣ୍ଡ ଟ୍ରେଡିଂ ଭଳି ପ୍ରତୀୟମାନ ହେଉଛି । ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୫ରେ ନିଜର ଦ୍ୱିତୀୟ ପାଳି ଆରମ୍ଭ କରିବା ଦିନଠାରୁ ଟ୍ରମ୍ପଙ୍କ ପୋର୍ଟଫୋଲିଓରେ ୨୮,୦୦୦ ରୁ ଅଧିକ ସେୟାର କାରବାର ହୋଇସାରିଲାଣି । ଯଦି ଆମେ ପୂର୍ବତନ ରାଷ୍ଟ୍ରପତିମାନଙ୍କ ସହ ଏହାର ତୁଳନା କରିବା, ତେବେ ଜୋ ବାଇଡେନ ନିଜ କାର୍ଯ୍ୟକାଳ ମଧ୍ୟରେ ମାତ୍ର ୧୩ଟି ସେୟାର କାରବାର କରିଥିଲେ ଏବଂ ବାରାକ୍ ଓବାମା ଗୋଟିଏ ବି ବ୍ୟକ୍ତିଗତ ସେୟାର କାରବାର କରିନଥିଲେ, ବରଂ ସେମାନେ ମ୍ୟୁଚୁଆଲ୍ ଫଣ୍ଡ ଏବଂ ଟ୍ରେଜେରୀ ବଣ୍ଡ ଉପରେ ନିର୍ଭର କରୁଥିଲେ । ଏହି ତୁଳନାତ୍ମକ ଚିତ୍ର ସ୍ପଷ୍ଟ କରୁଛି ଯେ ଟ୍ରମ୍ପଙ୍କ ଆର୍ଥିକ ଗତିବିଧି କେତେ ବ୍ୟାପକ ଅଟେ ।

ଏହି ବିବାଦ ଉପରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ସଫେଇ ଦିଆଯାଇଛି ଯେ ରାଷ୍ଟ୍ରପତିଙ୍କ ସେୟାର ଏବଂ ବଣ୍ଡ ପୋର୍ଟଫୋଲିଓ ସମ୍ପୂର୍ଣ୍ଣ ଭାବରେ ତୃତୀୟ ପକ୍ଷ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ହ୍ୱାଇଟ୍ ହାଉସ୍ ମୁଖପାତ୍ର ଡେଭିସ୍ ଇଙ୍ଗଲ୍ କହିଛନ୍ତି ଯେ ଏହି ସମସ୍ତ ନିବେଶ କମ୍ପ୍ୟୁଟର ଆଧାରିତ ମଡେଲ୍ ପୋର୍ଟଫୋଲିଓ ମାଧ୍ୟମରେ କରାଯାଉଛି, ଯାହା ସ୍ୱୟଂଚାଳିତ ଭାବରେ ଶ୍ରାବ୍ ୧୦୦୦ ଭଳି ଇଣ୍ଡେକ୍ସକୁ ଅନୁସରଣ କରିଥାଏ । ତାଙ୍କ ମତରେ ରାଷ୍ଟ୍ରପତି ଟ୍ରମ୍ପ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟଙ୍କର ଏହି ନିବେଶ ପ୍ରକ୍ରିୟାରେ କୌଣସି ସିଧାସଳଖ ନିୟନ୍ତ୍ରଣ କିମ୍ବା ପ୍ରଭାବ ନାହିଁ ଏବଂ ସମସ୍ତ ନିଷ୍ପତ୍ତି ସ୍ୱାଧୀନ ପରିଚାଳକମାନଙ୍କ ଦ୍ୱାରା ନିଆଯାଉଛି । ଟିକସ ରିହାତି ପାଇବା ପାଇଁ ବା ଟ୍ୟାକ୍ସ ଲସ୍ ହାର୍ଭେଷ୍ଟିଂ ପ୍ରକ୍ରିୟାରେ ଏତେ ମାତ୍ରାରେ କାରବାର କରାଯାଉଥିବା ଯୁକ୍ତି ମଧ୍ୟ ଉପସ୍ଥାପନ କରାଯାଇଛି । ଏହି ଯୁକ୍ତିର ଅର୍ଥ ହେଉଛି ଯେ କ୍ଷତି ସହୁଥିବା ସେୟାରଗୁଡ଼ିକୁ ବିକ୍ରି କରି ଟିକସ ଭାର କମାଇବା ପାଇଁ ଆର୍ଥିକ ପରିଚାଳକମାନେ ଦୈନନ୍ଦିନ ଭିତ୍ତିରେ ଏପରି କାରବାର କରୁଛନ୍ତି ।

ତଥାପି ଏହି ଯୁକ୍ତିଗୁଡ଼ିକ ସମାଲୋଚକମାନଙ୍କୁ ସନ୍ତୁଷ୍ଟ କରିପାରି ନାହିଁ । କାରଣ ଟ୍ରମ୍ପ ଆଧୁନିକ ଇତିହାସର ଏକମାତ୍ର ରାଷ୍ଟ୍ରପତି ଯିଏକି ନିଜର ସମ୍ପତ୍ତିକୁ ଏକ ବ୍ଲାଇଣ୍ଡ ଟ୍ରଷ୍ଟରେ ରଖିବାକୁ ମନା କରିଦେଇଛନ୍ତି । ଏକ ବ୍ଲାଇଣ୍ଡ ଟ୍ରଷ୍ଟରେ ସମ୍ପତ୍ତି ରଖିବା ଦ୍ୱାରା ନିବେଶକ ଜାଣିପାରନ୍ତି ନାହିଁ ଯେ ତାଙ୍କ ଟଙ୍କା କେଉଁ କମ୍ପାନୀରେ ଲଗାଯାଇଛି, ଯାହାଦ୍ୱାରା ସ୍ୱାର୍ଥର ସଂଘାତ ଏଡ଼ାଇ ଦିଆଯାଇପାରେ । କିନ୍ତୁ ଟ୍ରମ୍ପ ନିଜର ଆର୍ଥିକ ବିବରଣୀ ଫର୍ମରେ ନିଜେ ସ୍ୱାକ୍ଷର କରୁଛନ୍ତି, ଯାହାର ଅର୍ଥ ହେଉଛି ସେ ଜାଣନ୍ତି ଯେ ତାଙ୍କ ପୋର୍ଟଫୋଲିଓରେ କେଉଁ କମ୍ପାନୀର ସେୟାର କିଣାଯାଉଛି କିମ୍ବା ବିକ୍ରି କରାଯାଉଛି । ଏହା ଏକ ଗୁରୁତର ନୈତିକ ସମସ୍ୟା ସୃଷ୍ଟି କରୁଛି, କାରଣ ରାଷ୍ଟ୍ରପତି ଭାବରେ ତାଙ୍କର ନୀତିଗତ ନିଷ୍ପତ୍ତିଗୁଡ଼ିକ ସେହି କମ୍ପାନୀଗୁଡ଼ିକୁ ସିଧାସଳଖ ଲାଭବାନ କରିପାରେ ଯେଉଁଥିରେ ତାଙ୍କର ଆର୍ଥିକ ସ୍ୱାର୍ଥ ଜଡ଼ିତ ଅଛି । ଉଦାହରଣ ସ୍ୱରୂପ, ଇରାନ ସହିତ ଆମେରିକାର ଯୁଦ୍ଧ ପରିସ୍ଥିତି କାରଣରୁ ତୈଳ ଦର ବୃଦ୍ଧି ପାଇଥିଲା ଏବଂ ସିନେଟର ଅର୍ଥନୈତିକ କମିଟିର ରିପୋର୍ଟ ଅନୁଯାୟୀ ଟ୍ରମ୍ପ ନିଜର ତୈଳ ଏବଂ ଗ୍ୟାସ୍ କମ୍ପାନୀ ନିବେଶରୁ ପ୍ରାୟ ୧୫.୫ ନିୟୁତ ଡଲାର ଲାଭ କରିଥିଲେ । ଏହା ପ୍ରମାଣିତ କରେ ଯେ ସରକାରୀ ନୀତି ଏବଂ ବ୍ୟକ୍ତିଗତ ଲାଭ ମଧ୍ୟରେ ଥିବା ସମ୍ପର୍କ କେତେ ଗଭୀର ଏବଂ ବିପଜ୍ଜନକ ହୋଇପାରେ । ଯେତେବେଳେ ଦେଶର ବୈଦେଶିକ ନୀତି ଏବଂ ଯୁଦ୍ଧ ପରିସ୍ଥିତି ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ସମୃଦ୍ଧ କରେ, ସେତେବେଳେ ଜାତୀୟ ସୁରକ୍ଷା ନିଷ୍ପତ୍ତିଗୁଡ଼ିକର ନିରପେକ୍ଷତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ ଅଟେ ।

ଏହି ଘଟଣାକ୍ରମରେ ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ରାଜନୈତିକ କପଟତା । ବର୍ତ୍ତମାନ ଟ୍ରମ୍ପ ଏବଂ ରିପବ୍ଲିକାନ୍ ଦଳ ଆମେରିକୀୟ କଂଗ୍ରେସର ସଦସ୍ୟମାନଙ୍କ ପାଇଁ ସେୟାର ବଜାରରେ କାରବାର ଉପରେ ପ୍ରତିବନ୍ଧକ ଲଗାଇବାକୁ ଜୋରଦାର ଦାବି କରୁଛନ୍ତି । ଜୁଲାଇ ମାସରେ ହିଁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଟ୍ରମ୍ପଙ୍କ ସମର୍ଥିତ ଷ୍ଟପ୍ ଇନସାଇଡର୍ ଟ୍ରେଡିଂ ଆକ୍ଟ ପାରିତ ହୋଇଛି, ଯାହା ଆଇନପ୍ରଣେତା ଏବଂ ସେମାନଙ୍କ ପରିବାରକୁ ପବ୍ଲିକ୍ ଟ୍ରେଡେଡ୍ ସେୟାର କିଣିବାରୁ ବାରଣ କରିବ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରସ୍ତାବିତ ନିୟମରୁ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ବାଦ୍ ଦିଆଯାଇଛି । ଅର୍ଥାତ୍ ଯେଉଁ ନିୟମ ସାଂସଦମାନଙ୍କ ପାଇଁ ଲାଗୁ ହେବ, ତାହା ଦେଶର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ଏହା ଏକ ଦ୍ୱୈତ ମାନଦଣ୍ଡର ସ୍ପଷ୍ଟ ଉଦାହରଣ ଅଟେ । ବ୍ଲୁମବର୍ଗର ବିଶ୍ଳେଷଣ ଦର୍ଶାଉଛି ଯେ ନିଜର ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭରୁ ଜୁନ୍ ମାସ ସୁଦ୍ଧା ଟ୍ରମ୍ପ ଏକାକୀ ସମଗ୍ର କଂଗ୍ରେସର ସମସ୍ତ ସଦସ୍ୟଙ୍କ ମିଳିତ କାରବାରଠାରୁ ଅଧିକ ସେୟାର କାରବାର କରିଛନ୍ତି । ଯେଉଁ ବ୍ୟକ୍ତି ନିଜେ ଏତେ ବ୍ୟାପକ ପରିମାଣରେ ସେୟାର କାରବାର କରୁଛନ୍ତି, ସେ ଅନ୍ୟମାନଙ୍କ ପାଇଁ ନୈତିକତାର ପାଠ ପଢ଼ାଇବା କେବଳ ହାସ୍ୟାସ୍ପଦ ନୁହେଁ ବରଂ ଏହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଥିବା ଜନସାଧାରଣଙ୍କ ବିଶ୍ୱାସକୁ ଭାଙ୍ଗିଦେଉଛି । ଜନସାଧାରଣ ମଧ୍ୟ ଏହି ଦ୍ୱୈତ ନୀତିକୁ ଗ୍ରହଣ କରୁନାହାଁନ୍ତି । ଇକୋନୋମିଷ୍ଟ ଏବଂ ୟୁଗୋଭ୍ ଦ୍ୱାରା କରାଯାଇଥିବା ଏକ ସାମ୍ପ୍ରତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରାୟ ୭୫ ପ୍ରତିଶତ ଭୋଟର ବିଶ୍ୱାସ କରନ୍ତି ଯେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସେୟାର ବଜାରରେ ବ୍ୟକ୍ତିଗତ ଭାବରେ କାରବାର କରିବାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ । ଏହି ୭୫ ପ୍ରତିଶତ ଭୋଟରଙ୍କ ମଧ୍ୟରେ ଉଭୟ ଡେମୋକ୍ରାଟିକ୍ ଏବଂ ରିପବ୍ଲିକାନ୍ ଦଳର ସମର୍ଥକ ସାମିଲ ଅଛନ୍ତି, ଯାହା ପ୍ରମାଣିତ କରେ ଯେ ଏହା ଏକ ଦଳୀୟ ପ୍ରସଙ୍ଗ ନୁହେଁ ବରଂ ଏକ ବୃହତ୍ତର ନୈତିକ ପ୍ରସଙ୍ଗ ଅଟେ ।

ଏହା ବ୍ୟତୀତ ଟ୍ରମ୍ପଙ୍କ ବ୍ୟାପକ ଆର୍ଥିକ ସାମ୍ରାଜ୍ୟ କେବଳ ସେୟାର ବଜାର ମଧ୍ୟରେ ସୀମିତ ନାହିଁ । ତାଙ୍କର ବାର୍ଷିକ ଆର୍ଥିକ ବିବରଣୀରୁ ଜଣାପଡ଼ିଛି ଯେ ୨୦୨୫ ମସିହାରେ ସେ ନିଜର ବିଭିନ୍ନ ବ୍ୟବସାୟ ଏବଂ ନିବେଶରୁ ୨.୨୪ ବିଲିୟନ ଡଲାରରୁ ଅଧିକ ଆୟ କରିଛନ୍ତି । ଏଥିମଧ୍ୟରୁ କେବଳ କ୍ରିପଟୋକରେନ୍ସି ବ୍ୟବସାୟରୁ ୧ ବିଲିୟନ ଡଲାରର ଆୟ ହୋଇଛି, ଯେଉଁଥିରେ ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ୍ ଏବଂ ସେଲିବ୍ରେସନ୍ କଏନ୍ ଭଳି ପ୍ରକଳ୍ପ ସାମିଲ ଅଛି । ଏହା ସହିତ ନିଜର ଗଲ୍ଫ କୋର୍ସ ଏବଂ ରିଏଲ୍ ଇଷ୍ଟେଟ୍ ବ୍ୟବସାୟରୁ ମଧ୍ୟ ସେ କୋଟି କୋଟି ଡଲାର ଲାଭ କରିଛନ୍ତି । ଆହୁରି ମଧ୍ୟ ତାଙ୍କ କର୍ମଚାରୀମାନଙ୍କ ଆର୍ଥିକ ବିବରଣୀରୁ ଜଣାପଡ଼ିଛି ଯେ ଟ୍ରମ୍ପ ହ୍ୱାଇଟ୍ ହାଉସର ତିନିଜଣ ଅଧିକାରୀଙ୍କୁ ୪୫,୦୦୦ ଡଲାର ଲେଖାଏଁ ନଗଦ ଉପହାର ଦେଇଛନ୍ତି, ଯେଉଁଥିରେ ତାଙ୍କର ଘନିଷ୍ଠ ସହଯୋଗୀ ନାଟାଲି ହାର୍ପ ମଧ୍ୟ ସାମିଲ ଅଛନ୍ତି । ଏହିଭଳି ନଗଦ ଉପହାର ପ୍ରଦାନ ପ୍ରକ୍ରିୟା ଅନେକ ନୀତିଗତ ପ୍ରଶ୍ନ ଉଠାଇଛି ଏବଂ ବିଭିନ୍ନ ନିରୀକ୍ଷଣକାରୀ ସଂସ୍ଥା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଜଣେ ରାଷ୍ଟ୍ରପତି ନିଜ କାର୍ଯ୍ୟକାଳ ମଧ୍ୟରେ ଏତେ ବିପୁଳ ପରିମାଣର ବ୍ୟକ୍ତିଗତ ସମ୍ପତ୍ତି ଠୁଳ କରିବା ଏବଂ ସରକାରୀ କର୍ମଚାରୀଙ୍କୁ ନଗଦ ଅର୍ଥ ପ୍ରଦାନ କରିବା ଏକ ଗଣତନ୍ତ୍ରର ଲକ୍ଷଣ ନୁହେଁ । ଏହା ସରକାରୀ ବ୍ୟବସ୍ଥାର ବ୍ୟବସାୟୀକରଣକୁ ସୂଚାଉଛି, ଯେଉଁଠାରେ ଜନକଲ୍ୟାଣ ପରିବର୍ତ୍ତେ ବ୍ୟକ୍ତିଗତ ଲାଭକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଭଳି ମନେହେଉଛି। ଏହି ସମସ୍ତ ତଥ୍ୟ ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି ଯେ ବର୍ତ୍ତମାନର ଆମେରିକୀୟ ପ୍ରଶାସନରେ ଆର୍ଥିକ ସ୍ୱଚ୍ଛତାର ଘୋର ଅଭାବ ରହିଛି । ଯେତେବେଳେ ଜଣେ ଶାସକ ନିଜର ଆର୍ଥିକ ସାମ୍ରାଜ୍ୟକୁ ବିସ୍ତାର କରିବା ପାଇଁ ନିଜର ପଦବୀର ପରୋକ୍ଷ ବା ପ୍ରତ୍ୟକ୍ଷ ଲାଭ ଉଠାନ୍ତି, ସେତେବେଳେ ତାହା କେବଳ ଦେଶର ଅର୍ଥନୀତି ପାଇଁ ନୁହେଁ ବରଂ ସାମଗ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏକ ବିପଦ ସୃଷ୍ଟି କରେ । ଟ୍ରମ୍ପଙ୍କ କ୍ଷେତ୍ରରେ ଏହି ବିପଦ ଆହୁରି ଅଧିକ କାରଣ ସେ ଏପରି କମ୍ପାନୀଗୁଡ଼ିକରେ ନିବେଶ କରୁଛନ୍ତି ଯେଉଁମାନେ ସରକାରୀ ନିୟନ୍ତ୍ରଣ ଏବଂ ସରକାରୀ ଚୁକ୍ତି ଉପରେ ନିର୍ଭରଶୀଳ । ଆମାଜନ, ମାଇକ୍ରୋସଫ୍ଟ ଏବଂ ଓରାକଲ୍ ଭଳି କମ୍ପାନୀଗୁଡ଼ିକ ଆମେରିକା ସରକାରଙ୍କ କ୍ଲାଉଡ୍ କମ୍ପ୍ୟୁଟିଂ ଚୁକ୍ତି ହାସଲ କରିବା ପାଇଁ ସର୍ବଦା ପ୍ରତିଯୋଗିତା କରିଥାନ୍ତି । ଯଦି ରାଷ୍ଟ୍ରପତି ନିଜେ ଏହି କମ୍ପାନୀଗୁଡ଼ିକର ସେୟାର କିଣାବିକା କରୁଛନ୍ତି, ତେବେ ସେହି ଚୁକ୍ତିଗୁଡ଼ିକର ଆବଣ୍ଟନରେ କେତେଦୂର ସ୍ୱଚ୍ଛତା ରହିବ ତାହା ସହଜରେ ଅନୁମେୟ । ସେହିପରି ଫାର୍ମାସ୍ୟୁଟିକାଲ୍ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି । ଏହି କାରଣରୁ କେବଳ ରାଜନୈତିକ ସମାଲୋଚକ ନୁହଁନ୍ତି, ବରଂ ସାଧାରଣ ନାଗରିକମାନେ ମଧ୍ୟ ଏହି ଆର୍ଥିକ କାରବାରକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ।

ପରିଶେଷରେ ଏହା କୁହାଯାଇପାରେ ଯେ ଟ୍ରମ୍ପଙ୍କ ଜୁଲାଇ ମାସର ସେୟାର କାରବାର ରିପୋର୍ଟ କେବଳ କିଛି ଆର୍ଥିକ ସଂଖ୍ୟାର ତାଲିକା ନୁହେଁ, ବରଂ ଏହା ଆମେରିକୀୟ ରାଜନୈତିକ ବ୍ୟବସ୍ଥାରେ ଥିବା ଢାଞ୍ଚାଗତ ତ୍ରୁଟିକୁ ପଦାରେ ପକାଇଛି। ଯେତେବେଳେ ଦେଶର ନୀତି ନିର୍ଦ୍ଧାରକମାନେ ନିଜେ ସେହି ନୀତିରୁ ଆର୍ଥିକ ଲାଭ ଉଠାଇବାର ସୁଯୋଗ ପାଆନ୍ତି, ସେତେବେଳେ ସାଧାରଣ ନାଗରିକଙ୍କ ସ୍ୱାର୍ଥ କ୍ଷୁର୍ଣ୍ଣ ହେବା ସ୍ୱାଭାବିକ ଅଟେ । ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଗଣତନ୍ତ୍ରର ଦୁଇଟି ମୂଳସ୍ତମ୍ଭ ଅଟେ । କେବଳ ଆର୍ଥିକ କାରବାରର ବିବରଣୀ ସାର୍ବଜନୀନ କରିଦେଲେ ସ୍ୱଚ୍ଛତା ଆସିଯାଏ ନାହିଁ, ବରଂ ସେହି କାରବାରଗୁଡ଼ିକ ଯେପରି ସରକାରୀ ନିଷ୍ପତ୍ତିକୁ ପ୍ରଭାବିତ ନ କରେ, ତାହା ନିଶ୍ଚିତ କରିବା ହେଉଛି ପ୍ରକୃତ ଉତ୍ତରଦାୟିତ୍ୱ । ତେଣୁ ଆମେରିକୀୟ ପ୍ରଶାସନ ପାଇଁ ଏବେ ଏକ କଠୋର ନୈତିକ ଆଇନର ଆବଶ୍ୟକତା ରହିଛି, ଯାହା କେବଳ କଂଗ୍ରେସ ସଦସ୍ୟଙ୍କ ପାଇଁ ନୁହେଁ ବରଂ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ସମେତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କ ପାଇଁ ସମାନ ଭାବରେ ଲାଗୁ ହେବ । ରାଷ୍ଟ୍ରପତିଙ୍କ ସମ୍ପତ୍ତିକୁ ବାଧ୍ୟତାମୂଳକ ଭାବରେ ବ୍ଲାଇଣ୍ଡ ଟ୍ରଷ୍ଟରେ ରଖିବାର ବ୍ୟବସ୍ଥା କରାଯିବା ଉଚିତ୍, ଯାହାଦ୍ୱାରା ସ୍ୱାର୍ଥର ସଂଘାତକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇପାରିବ । ଯେପର୍ଯ୍ୟନ୍ତ ଏହିପରି ପଦକ୍ଷେପ ନିଆଯାଇନାହିଁ, ସେପର୍ଯ୍ୟନ୍ତ ରାଜନୈତିକ କ୍ଷମତାର ଅପବ୍ୟବହାର ଏବଂ ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧିର ଏହି ଖେଳ ଅବ୍ୟାହତ ରହିବ ଏବଂ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସ କ୍ରମାଗତ ଭାବରେ ହ୍ରାସ ପାଉଥିବ ।

ଧ୍ୱନି ପ୍ରତିଧ୍ୱନି

# ସଂଗ୍ରାମୀ ଆନିବେସାନ୍ତ



## ଡ଼ଃ.ଅରୁନ୍ଧତୀ ଦେବୀ



ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଦୃଢ଼ ସମର୍ଥକ ଭାବେ ଆନିବେସାନ୍ତ ସୁପରିଚିତା। ମହିଳାଙ୍କ ସ୍ୱାର୍ଥରକ୍ଷା ପାଇଁ ସେ ସଦାସର୍ବଦା ଚେଷ୍ଟିତ ଥିଲେ। ବ୍ରିଟେନ୍‌ରେ ଜନ୍ମିତା ଆନିବେସାନ୍ତ ଏକାଧାରରେ ଥିଲେ ଜଣେ ବ୍ରହ୍ମବିଦ୍ୟା ବିଶେଷଜ୍ଞ, ଜାତୀୟତାବାଦୀ, ଲେଖିକା ତଥା ସମାଜ ସୁଧାରିକା। ଭାରତ ସମେତ ଆୟାର୍ଲ୍ୟାଣ୍ଡ ସ୍ୱାଧୀନତା ସଂଗ୍ରାମର ମଧ୍ୟ ସେ ସମର୍ଥକ ଥିଲେ। ୧୮୪୭ ଅକ୍ଟୋବର ୧ ତାରିଖ ଆଜିର ଦିନରେ ଲଣ୍ଡନର କ୍ଲାପହାମ୍ ଠାରେ ତାଙ୍କ ଜନ୍ମ। ସେ ଜାତୀୟ ଧର୍ମନିରପେକ୍ଷ ସମାଜ ନାମକ ଏକ ସଂଘର ବକ୍ତା ଭାବେ କାର୍ଯ୍ୟ କରିଥିଲେ। ପରେ ସେ ମହିଳାଙ୍କ ଅଧିକାର ପାଇଁ ଲଢ଼ିବା ଆରମ୍ଭ କରିଥିଲେ। ସେତେବେଳେ ସେ ଲଣ୍ଡନର ଦିଆସିଲି କାଠି ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ମହିଳାଙ୍କ ସମର୍ଥନ କରିଥିଲେ।

ଯେଉଁ ସମୟରେ ମହିଳାଙ୍କୁ ଘରୁ ବାହାରିବା ପାଇଁ ବାରଣ କରାଯାଇଥିଲା ସେଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆନିବେସାନ୍ତ ନିର୍ବାଚନ ଲଢ଼ିଥିଲେ। ସର୍ବାଧିକ ଭୋଟ ପାଇ ସେ ଲଣ୍ଡନ ସ୍କୁଲବୋର୍ଡ଼ରୁ ନିର୍ବାଚିତ ହୋଇଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିବାରେ ସେ ଥିଲେ ପ୍ରଥମ ବିଦେଶୀ ମହିଳା। ବ୍ରହ୍ମବିଦ୍ୟାର ସମର୍ଥକ ହେବା ପରେ ଆନିବେସାନ୍ତ ୧୮୯୩ ମସିହାରେ ପ୍ରଥମ ଥର ପାଇଁ ଭାରତ ଆସିଥିଲେ। ବାରଣାସୀରେ ସେ କେନ୍ଦ୍ରୀୟ ହିନ୍ଦୁ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଏହାପରେ ଆନିବେସାନ୍ତ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ମହାତ୍ମାଗାନ୍ଧୀ ଓ ଜବାହାରଲାଲ ନେହେରୁଙ୍କ ସହ ତାଙ୍କର ଘନିଷ୍ଠତା ବଢ଼ିବା ପରେ ଆନିବେସାନ୍ତ ଭାରତରେ ମହିଳାଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରି ଚର୍ଚ୍ଚାକୁ ଆସିଥିଲେ। ବିଶ୍ୱଯୁଦ୍ଧ ସମୟରେ ସେ ହୋମ ରୁଲ୍ ଲିଗ୍ ଅଭିଯାନ ଚଳାଇବାରେ ସାହାଯ୍ୟ କରିଥିଲେ। ୧୯୧୭ରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଆନିବେସାନ୍ତଙ୍କ ପାରିବାରିକ ଜୀବନ ବହୁ ଦୁଃଖଦ ପୂର୍ଣ୍ଣ ଥିଲା। ପ୍ରେମ ବିବାହ କରିଥିଲେ ମଧ୍ୟ ଆନିବେସାନ୍ତଙ୍କ ବୈବାହିକ ଜୀବନ ଖୁବ୍ କମ୍ ଦିନ ଭଲରେ ବିତିଥିଲା। ଦୁଇଟି ସନ୍ତାନ ପରେ ସ୍ୱାମୀଙ୍କ ଠାରୁ ଦୂରେଇ ଯାଇଥିଲେ ସେ। ଜୀବନର ଶେଷ ପର୍ଯ୍ୟନ୍ତ ସେ ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ ଜାରି ରଖିଥିଲେ। ୧୯୩୩ ସେପ୍ଟେମ୍ବର ୨୦ରେ ମାଡ୍ରାସର ଆଦ୍ୟାରଠାରେ ତାଙ୍କ ଦେହାନ୍ତ ହୋଇଥିଲା। ଆନିବେସାନ୍ତଙ୍କ ରଚନାଗୁଡ଼ିକ ମଧ୍ୟରେ 'ଦ ପଲିଟିକାଲ ଷ୍ଟାଟସ୍ ଅଫ୍ ଓମେନ୍', 'ଖ୍ରୀଷ୍ଟିଆନିଟି, ଦ ଲ ଅଫ୍ ପପୁଲେସନ', 'ମାଇଁ ପାଥ୍ ଟୁ ଆଥେଇଜିମ୍', 'ଦ ଆଥେଲେଟିକ୍ ପ୍ଲାଟଫର୍ମ : ୧୨ ଲେକଚର', 'ହ୍ୱାଇ ଆଇ ଆମ୍ ଏ ସୋସିଆଲିଷ୍ଟ' ଆଦି ପ୍ରମୁଖ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ
ଆନ୍ଦୋଳନ, କଟକ
ମୋ: ୯୯୩୭୧୭୨୮୧୦

# ଡିଜିଟାଲ ଯୁଗରେ ଇ-ଉପବାସ

## ପୁଷ୍ପମିତ୍ର ମହାପାତ୍ର



ଆଜିର ସମୟକୁ ଦେଖନ୍ତୁ। ହାତରେ ଥିବା ମୋବାଇଲକୁ ନିଜର, ଘର ପରିବାରର, ସମାଜର, ଦେଶ ଦୁନିଆର, ଖେଳ ଠାରୁ ମନୋରଞ୍ଜନର ଯାହା ଯାହାବି ଜାଣିବା ପାଇଁ, ଦେଖିବାକୁ, ଶୁଣିବାକୁ ଚାହୁଁଛନ୍ତି ସେ ସବୁ ତତକ୍ଷଣାତ ଉପଲବ୍ଧ। ସାଧାରଣ ଜୀବନରେ ଆମେ ଦେଖୁଛୁ ଅନେକ ଲୋକଙ୍କ ହାତରେ ଫୋନ, ଘଣ୍ଟା ଘଣ୍ଟା ଧରି ମୋବାଇଲରେ ବ୍ୟସ୍ତ ରହିବା ଅନେକଙ୍କ ଠାରେ ଦେଖା ଦେଉଛି। ବିଶ୍ୱ ଜନସଂଖ୍ୟାର ପ୍ରାୟ ୯୩ ପ୍ରତିଶତ ଲୋକ ଇଣ୍ଟରନେଟ ଦ୍ୱାରା ସଂଯୁକ୍ତ। ସେମାନଙ୍କ ମଧ୍ୟରୁ ପ୍ରାୟ ୬୦% ତଥା ୪.୮ ବିଲିୟନ ସକ୍ରିୟ ସୋସିଆଲ ମିଡ଼ିଆ ବ୍ୟବହାରକାରୀ। ଆଉ ଏହାର ସିଂହଭାଗ ହେଉଛନ୍ତି ଯୁବିପିଢ଼ି। ସଂପ୍ରତି ଏକାଧିକ ଅଧ୍ୟୟନରୁ ନିଷ୍କର୍ଷ ଆସିଛି କି ସାମାଜିକ ଗଣମାଧ୍ୟମର ବ୍ୟାପକ ବ୍ୟବହାର ଅବସାଦଗ୍ରସ୍ତ ଭଳି ମାନସିକ ସମସ୍ୟା ସୃଷ୍ଟି କରୁଛି।

ଗଣେଶ ପୂଜା ଠାରୁ ଓଡ଼ିଆଙ୍କ ପାର୍ବଣ ଋତୁ ଏକ ପ୍ରକାର ଆରମ୍ଭ ହୋଇଥାଏ। ଦଶହରା, ଗଜଲକ୍ଷ୍ମୀ, କାଳୀପୂଜା ପରେ ପରେ କାର୍ତ୍ତିକ ମାସ ଏହିପରି ଭାବେ ନୂଆ ବର୍ଷ ପର୍ଯ୍ୟନ୍ତ ଋତୁର ଏକ ପ୍ରକାର ମାହୋଲ। ଧର୍ମ ଉପବାସ ଆମ ହିନ୍ଦୁ ବିଧାନ, ଆଚାର ବିଚାର ଓ ଓଡ଼ିଆ ନୀତି ଜୀବନଚର୍ଯ୍ୟା ଭିତରେ କେବଳ ପରମ୍ପରା ନୁହେଁ ଏହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କଥାରେ ଅଛି ଓଡ଼ିଆ ଘରେ ବାର ମାସରେ ତେର ପର୍ବ। କେବଳ ବ୍ରତଚାରୀ ବା ସଂକଳ୍ପଧାରୀ ମହିଳାମାନେ ନୁହଁନ୍ତି ଅନେକ ପୁରୁଷ ଲୋକମାନେ ମଧ୍ୟ ଉପବାସ ରଖିଥାନ୍ତି। ତେବେ ଡିଜିଟାଲ ଯୁଗରେ ପୁଣି ଇ-ଉପବାସ ଏହା ଏକ ବଡ଼ ବିତର୍କର ଆଲୋଚନା ନିଶ୍ଚୟ। ବର୍ତ୍ତମାନ ସମୟରେ ଅନେକ ଲୋକ ଅଛନ୍ତି ଯେଉଁମାନେ ବିନା ଖାଦ୍ୟରେ ଗୋଟିଏ ଗୋଟିଏ ଦିନ ରହିଯାଇ ପାରିବେ କିନ୍ତୁ ମୁହୂର୍ତ୍ତକ ପାଇଁ ସ୍ମାର୍ଟଫୋନ ଛାଡ଼ି ସମୟ ବିତାଇବା ଏକ ପ୍ରକାର ଅସହ୍ୟ ଓ ଅସମ୍ଭବ ମଧ୍ୟ। ବିଦେଶରେ ସପ୍ତାହରେ କିଛି ଘଣ୍ଟା ସ୍ମାର୍ଟଫୋନ ଠାରୁ ଦୂରେଇ ରହିବାର ଧାରା ବେଶ ଲୋକପ୍ରିୟ ହେଲାଣି ଯାହାକୁ କୁହାଯାଉଛି - 'ଡିଜିଟାଲ ଡିଟକ୍ସ'। ବର୍ତ୍ତମାନ ସମୟରେ ସ୍ମାର୍ଟଫୋନ ଜ୍ଞାନ ବିଜ୍ଞାନ ଜାଣିବା ଠାରୁ, ପଇସାପତ୍ର ଦେଣ ନେଣ, ନିଜ ବୃତ୍ତିଗତ ଜୀବନର କାର୍ଯ୍ୟକ୍ରମ ଠାରୁ ମନୋରଞ୍ଜନ ସବୁ କିଛି ଏହିଥିରେ। ସକାଳୁ ବିଛଣା ଛାଡୁ ଛାଡୁ ରାତିରେ ଶୋଇବା ପର୍ଯ୍ୟନ୍ତ ଏହି ସ୍ମାର୍ଟଫୋନଟି ନିତିଦିନିଆ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟି ଯାଇଛି। ସ୍ମାର୍ଟଫୋନରେ ହ୍ୱାଟସ୍ ଆପ୍, ଗୁଗୁଲ, ଇନଷ୍ଟାଗ୍ରାମ ବ୍ୟବହାର ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ତେବେ ସ୍ମାର୍ଟଫୋନର କୁପ୍ରଭାବକୁ ଟିକିଏ ବିଳମ୍ବ ହେଲେ ମଧ୍ୟ ଲୋକେ ଭାବିଲେଣି କାରଣ ଏହି ସ୍ମାର୍ଟଫୋନଟି ସେମାନଙ୍କର ବ୍ୟକ୍ତିଗତ ଜୀବନ ଓ ସମ୍ପର୍କକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କଲାଣି। ଗୋଟିଏ ଘରେ, ଗୋଟିଏ ଛାତ ତଳେ ରହୁଥିବା ଅନେକ ପରିବାର ରହିଛନ୍ତି ଯେଉଁମାନଙ୍କ ନିଜ ଭିତରେ କଥାବାର୍ତ୍ତା ହେବା ପାଇଁ ସମୟ ନଥାଏ ବରଂ ସେହି ଘରେ ଥାଇ ମଧ୍ୟ ସେମାନଙ୍କର ସମୟ ନିଜ ଲୋକମାନଙ୍କ ବଦଳରେ ସ୍ମାର୍ଟଫୋନରେ ବିତୁଛି। କିଛି ଦିନ ତଳେ ସମାଜରେ ପ୍ରତିଷ୍ଠିତ ଏକ ପରିବାରର ଉତ୍ତରାଧିକାରୀ ଦୁଇ ଝିଅ ନିଜ ମାଆଙ୍କ ମୁଖାଗ୍ନି ଦେଇନପାରି ଭିଡ଼ିଓ କଲିଂରେ କେବଳ ସମୟ ବିତାଇବା ଘଟଣା ଏକ ପ୍ରକାର ଆଲୋଡ଼ନ ସୃଷ୍ଟି କରିଥିଲା। ସ୍ୱାମୀଙ୍କୁ ହରାଇ ବର୍ଷ ବର୍ଷ ଧରି ଏକମାତ୍ର ଉତ୍ତରଦାୟଦ ଦୁଇ ଝିଅଙ୍କ ଠାରୁ ଦୂରେଇ ନିଃସଙ୍ଗ ଜୀବନ ବିତାଉଥିବା ମାଆ ଯେତେବେଳେ ମଶାଣୀରେ ଶେଷ ନିଆଁ ଟିକକ ଝିଅ ମାନଙ୍କ ଠାରୁ ପାଉ ନାହାଁନ୍ତି, ଏହା ଯେ କେତେ ମର୍ମାନ୍ତିକ ଓ ଦୁଃଖଦ ଟିକେ ଚିନ୍ତା କରନ୍ତୁ। ସୋସିଆଲ ମିଡ଼ିଆରେ ବ୍ୟସ୍ତ ରହିବା ଅନେକଙ୍କ ଉଦବେଗ ମାନସିକ ଅବସାଦ ଓ ବିପଦର ମଧ୍ୟ କାରଣ। ମୋବାଇଲକୁ ଦେଖି ରାସ୍ତା ଅତିକ୍ରମ କରୁଥିବା ପଥଚାରୀଙ୍କୁ ଆପଣ ଦେଖୁଥିବେ। କେବଳ ମୋବାଇଲରେ କଥା ହୋଇ ନୁହେଁ ମୋବାଇଲ ଦେଖି ବାଇକ ଚାଳକ, କାର ଚାଳକ ଏପରିକି ଟ୍ରକ ଓ ବସ ପରି ଭାରୀଯାନ ଚାଳକଙ୍କ କୁପରିଣାମ ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ସତରେ କଣ ଏହି ସ୍ମାର୍ଟଫୋନ ଆମ ପାଇଁ ଉପଯୋଗୀ ଠାରୁ କେତେ ଯେ ଅନୁପଯୋଗର କ୍ଷେତ୍ର ସବୁ ସୃଷ୍ଟି କରୁଛି ଏହାକୁ ବୁଝିବା ପାଇଁ ଆମକୁ ଆଉ କେତେଦିନ ଯେ ଲାଗିବ ତାହା ବି ଏକ ବଡ଼ ପ୍ରଶ୍ନ ?

ତଥ୍ୟ ଅନୁଯାୟୀ, ୯ରୁ ୧୭ ବର୍ଷ ବୟସର ୧୦ ଜଣ ଯୁବକଙ୍କ ମଧ୍ୟରୁ ୬ଜଣ ସୋସିଆଲ ମିଡ଼ିଆ କିମ୍ବା ଗେମିଂ ପ୍ଲାଟଫର୍ମରେ ଦୈନିକ ତିନି ଘଣ୍ଟାରୁ ଅଧିକ ସମୟ ବିତାଉଛନ୍ତି। ପାଖାପାଖି ୫୦ ହଜାର ପିତାମାତାଙ୍କୁ ନେଇ କରାଯାଇଥିବା ସର୍ଭେରେ ୧୦% ଉଲ୍ଲେଖ କରିଛନ୍ତି ଯେ ସେମାନଙ୍କ ପିଲା ସୋସିଆଲ ମିଡ଼ିଆ କିମ୍ବା ଗେମରେ ସମୟ ବିତାଇବା ପରେ ଖୁସି ଅନୁଭବ କରୁଛନ୍ତି। କିନ୍ତୁ ଅନ୍ୟପକ୍ଷରେ ଏହା ସେମାନଙ୍କ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଏ। ତଥ୍ୟ କହେ, କଅଁଳ ବୟସରେ ଗ୍ୟାଜେଟର ବ୍ୟାପକ ବ୍ୟବହାର ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣା, ଚିନ୍ତାଗ୍ରସ୍ତ ଆଦି ସମସ୍ୟା ସୃଷ୍ଟି କରୁଛି।

> ତଥ୍ୟ ଅନୁଯାୟୀ, ୯ରୁ ୧୭ ବର୍ଷ ବୟସର ୧୦ ଜଣ ଯୁବକଙ୍କ ମଧ୍ୟରୁ ୬ଜଣ ସୋସିଆଲ ମିଡ଼ିଆ କିମ୍ବା ଗେମିଂ ପ୍ଲାଟଫର୍ମରେ ଦୈନିକ ତିନି ଘଣ୍ଟାରୁ ଅଧିକ ସମୟ ବିତାଉଛନ୍ତି। ପାଖାପାଖି ୫୦ ହଜାର ପିତାମାତାଙ୍କୁ ନେଇ କରାଯାଇଥିବା ସର୍ଭେରେ ୧୦% ଉଲ୍ଲେଖ କରିଛନ୍ତି ଯେ ସେମାନଙ୍କ ପିଲା ସୋସିଆଲ ମିଡ଼ିଆ କିମ୍ବା ଗେମରେ ସମୟ ବିତାଇବା ପରେ ଖୁସି ଅନୁଭବ କରୁଛନ୍ତି। କିନ୍ତୁ ଅନ୍ୟପକ୍ଷରେ ଏହା ସେମାନଙ୍କ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଏ। ତଥ୍ୟ କହେ, କଅଁଳ ବୟସରେ ଗ୍ୟାଜେଟର ବ୍ୟାପକ ବ୍ୟବହାର ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣା,

ପ୍ରଥମେ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ। ଏବେ କିଛି ସମୟ ଯଦି ଆମେ ମୋବାଇଲରୁ ଦୂରେଇଯିବା ତେବେ ଆମକୁ ଛାନିଆ ଲାଗେ। କ'ଣ ଗୋଟେ ହଜେଇଦେବା ଭଳି ଲାଗେ। ହାତ ପାହାନ୍ତାରେ ମୋବାଇଲ ନଥିଲେ ଆମେ ଚିନ୍ତାରେ ପଡ଼ିଯାଉ। ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହୋଇ ମାନସିକ ବିକୃତି ଆଡ଼କୁ ଗତି କରେ। ଏହି ସମସ୍ୟା ଦୂରେଇବାକୁ ହେଲେ ଆମକୁ ସ୍ମାର୍ଟଫୋନର ବ୍ୟବହାର କମାଇବାକୁ ପଡ଼ିବ। ଯାହାଫଳରେ ଆମର ପରିବାରିକ ସାମାଜିକ ସମ୍ପର୍କ ବଢ଼ିବା ସହିତ ମାନସିକ ସ୍ଥିତି ମଧ୍ୟ ଠିକ୍ ରହିବ। ସକାଳୁ ଉଠିଲେ ମୋବାଇଲ ଦେଖିବା, ବିଳମ୍ବିତ ରାତି ପର୍ଯ୍ୟନ୍ତ ସୋସିଆଲ ମିଡ଼ିଆରେ ସମ୍ପୃକ୍ତ ରହିବା ଠିକ ନୁହେଁ। ପ୍ରଥମେ ଅନାବଶ୍ୟକ ଜିନିଷରେ ଆମେ ଯଦି ମୋବାଇଲ ଛାଡ଼ି ପାରିବା, ତେବେ ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହେବ। ଏଥିରୁ ବିରତି ନେବାକୁ ହେଲେ ପ୍ରଥମେ ନିଜକୁ ପ୍ରସ୍ତୁତ ହେବାକୁ ପଡ଼ିବ।

କିଛିଦିନ ତଳେ 'ଦ କପିଲ ଶର୍ମା ଶୋ'ର ଏକ ଅଧ୍ୟାୟରେ ଜନୈକ ମୋଟିଭେସନ ସ୍ପିକର ତଥା ଲାଇଫ ଷ୍ଟାଇଲ କୋଚ ବର୍ତ୍ତମାନ ସମୟରେ ପାରମ୍ପରିକ ଉପାସ ଠାରୁ ଇ-ଉପବାସ ଅଧିକ ଜରୁରୀ ଓ ଉପଯୋଗୀ ବୋଲି ମତ ରଖିଥିଲେ। ବର୍ତ୍ତମାନ ଅନେକଙ୍କ ଭିତରେ ଏହି ଇ-ଉପବାସ ପ୍ରତି ଆଗ୍ରହ ବଢ଼ୁଛି। ପାରମ୍ପରିକ ପର୍ବପର୍ବାଣୀରେ ବ୍ରତ ସଂକଳ୍ପ ଭିତରେ ଉପବାସ ରଖିବା ଠାରୁ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଇ-ଉପବାସ କରିବା ପାଇଁ ଅଭ୍ୟାସ ନିଶ୍ଚିନ୍ତ ଭଲ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ, ସେକ୍ଟର-୬,
ସିଡିଏ, କଟକ,
ମୋ: ୯୪୩୭୨୨୫୬୮୯




## ବନ୍ଧୁ..!!

### ହୃଷିକେଶ ମହାପାତ୍ର



ବଦଳିଛି କି ବନ୍ଧୁ...!!!
ଉତ୍ତର ଖୋଜିବାକୁ
ଇଚ୍ଛା ହୁଏ...

କାହାକୁ କହିବା.. କିଏ ସେ
ନିଜର ବନ୍ଧୁ...,
କହିପାରେ ଖୋଲା ହୃଦୟରେ
ଆପଣାର ଭାବି
କରି ପାରେ ବନ୍ଧୁ ପାଇଁ ଏକ
ସୁଖଦ ଅନୁଭୂତି ର ବିଚାର
ଅଛି କି ଆଜିର ଦିନରେ
ଏମିତି ଏକ
ସୁନ୍ଦର ଉଦାହରଣ....?
କିନ୍ତୁ ମୋ ପାଖରେ ତ
ଉତ୍ତର ନାହିଁ....!

ମୋ ମତରେ ସମସ୍ତେ ନିଜକୁ ଦେଖନ୍ତି,
ତା ସହିତ ନିଜ ପରିବାର...,
ତାପରେ ମନେ ପଡେ ବନ୍ଧୁ ଓ ବାନ୍ଧବୀ
ଏହା ଭିତରେ ବି ବର୍ଗୀକରଣ
ଅବଲମ୍ବନ କରିବା ପାଇଁ ପଡ଼େ..!

କିଏ ବଜାର ଖଟି ପାଇଁ ସାଙ୍ଗ
କିଏ ଦାଣ୍ଡ ବାରଣ୍ଡା ପର୍ଯ୍ୟନ୍ତ...,
କିଏ ବୈଠକଖାନା ପର୍ଯ୍ୟନ୍ତ
ଆପଣାର ଲାଗେ,
ଆଉ କାହାକୁ ଖାଇବା କକ୍ଷକୁ
ଅନୁମତି ମିଳେ..
ସେତିକି ସୌଭାଗ୍ୟ ଥିଲେ....
ଶୋଇବା ଘରକୁ ନିମନ୍ତ୍ରଣ ମିଳେ..

ସବୁ ବନ୍ଧୁଙ୍କ ପାଇଁ ଏକ ସୀମା
ନିର୍ଦ୍ଧାରଣ କରିଛୁ..!

କେବଳ ଆମେ.. ହଁ,
କେବଳ ଆମେ..!

ନିଜକୁ ସୁହାଇଲା ପରି,
ନିଜ ଆବଶ୍ୟକତାକୁ
ପୂରଣ କରିବା ପାଇଁ
ସୁବିଧା ଦେଖି ବନ୍ଧୁ
ତିଆରି କରି ଥାଉ..!

ସତରେ ଆମେ ବଡ଼
ଅଲାଜୁକ ଅପାରଗ ମଧ୍ୟ।
ସ୍ୱାର୍ଥ ପାଇଁ ସମ୍ପର୍କ
ଚିରଦିନ ପାଇଁ ରହେନି।
କିଛି ଥଅସ୍ୱଷ୍ଟଧ ବିରତି
ଘୋଷଣା କରିବା ପରେ..
ଏମାନେ ଠେଲି ହୋଇ
ଅନେକ ଦୂରକୁ ଚାଲି ଯାଆନ୍ତି
ସମସ୍ତଙ୍କ ଠିକଣା ଡାଇରୀରୁ ଦିନେ
ଲିଭିବାକୁ ଆରମ୍ଭ କରେ..!
ଯେମିତି କି
ବାରମଜା ଖାଇ ସାରିବା ପରର
କାଗଜ ଦଙ୍ଗାର ଦୁର୍ଦ୍ଦଶା
ଦେଖିବା ପରି..!

+ସ୍କାଏ ଟାୱାର ଫ୍ଲାଟ ୩୦୪,
ସୁନ୍ଦରପଦା, ଭୁବନେଶ୍ୱର-୨

## ଦୁଇ ଦିନ ଏ ମଣିଷ ଜୀବନ

### ଅନନ୍ତ କୁମାର



ରୂପ ଯୌବନ ଦୁଇ ଦିନିଆ
ଆଜି ଅଛି କାଲି ନାହିଁ
ମିଛେ କାହିଁକି ଗର୍ବ କରୁଛ
ମଣିଷ ଜନମ ହେଇ। ?
ମାଟିର ଶରୀର ମାଟିରେ ମିଶିବ
ଲାଗିଲେ ଏ ଦେହେ ନିଆଁ,
ମିଛେ କାହିଁକି ଗର୍ବ କରିବି ମୁହିଁ
ଛାଡିବି ଦିନେ ଦୁନିଆ,
ଛଅ ଖଣ୍ଡ କାଠରେ ଜଳିବ ଦେହ
ଦେଖୁଥିବେ ସାହି ଭାଇ
ଅଙ୍ଗାର ପାଉଁଶ ମୁଠେ ଧରି ହାତେ,
ଆସିବେ ଆତ୍ମୀୟ ନେଇ ।
ଯେତେ ଅରଜି ଥିବୁ ଟଙ୍କା ପଇସା
ଯିବନି କେବେ ତ ସାଥେ
ଗର୍ବ ଅହଂକାର ପୋଡି ଯିବ ତୋହର
କୋକେଇରେ ଶୋଇବୁ ଯେବେ,
ଜୀଇଁଥିଲା ବେଳେ ଖାଲି ପକାନ୍ତି ରଡି
ସବୁ ମୋର ମୋର
ପ୍ରାଣ ଗଲା ପରେ ଥରେ ଏ ଶରୀରରୁ
ସବୁ ହୁଏ ପର,
ମିଛ, ମରିଚିକା ଏ ସଂସାର
ଦେଖିବାକୁ ଚକ ଚକ
ଗର୍ବ ଅହଂକାର ସବୁ ଏଠି
ଦିଶେ ପରା ଜଳ ଜଳ
ରୂପ ଯୌବନ ସ୍ଥାୟି ନ ରହିବ
ଉଡିଗଲେ କ୍ଷଣିକ ପ୍ରାଣ
ମିଛେ କାହିଁକି କରିବି ଗରବ
ଏ ଦେହକୁ ଭାବି ନିଜର,

+ତିହିଡି,ଭଦ୍ରକ,
ସଂଗଠନ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ମୋ:୮୩୩୯୯୩୯୯୨୯

ବବିତା ଦାସ




# ଆଖି

ବର୍ଷା ନହେଲେ ମଧ୍ୟ ସହରଟା କୌଣସି ସିକ୍ତ ସ୍ମୃତିରେ ଭିଜା ଭିଜା ଲାଗୁଥିଲା। କଲେଜର ପୁରୁଣା ବରଗଛ ତଳେ ପଡ଼ିଥିବା ଶୁଖିଲା ପତ୍ରଗୁଡ଼ିକ ପବନ ସହିତ କଥା ହେଉଥିଲେ। କେହି ସେମାନଙ୍କ ଭାଷା ବୁଝୁନଥିଲେ ମଧ୍ୟ ତଥାପି ସେମାନେ ନିଜ ମନର କଥା କହି ଚାଲିଥିଲେ। ଆରୋହୀ ଥିଲା ସେଇ ପଥ'ର ନିତିଦିନିଆ ପଥିକ । ହାତରେ ବହି, କାନ୍ଧରେ ଏକ ଛୋଟ ବ୍ୟାଗ୍। ତା'ର ଆଖି ଖୋଜୁଥିଲା ମଣିଷଟିଏ।

ସେଦିନ ପ୍ରଥମଥର ପାଇଁ ତା'ର ସାକ୍ଷାତ ହେଲା, ଅର୍ଜୁନ ସହ । ମାତ୍ର କିଛି ସେକେଣ୍ଡ। କିନ୍ତୁ ସେଇ କିଛି ସେକେଣ୍ଡ କେବେ ଗୋଟିଏ ସମ୍ପୂର୍ଣ୍ଣ କାହାଣୀ ହୋଇଯିବ ଭାବିନଥିଲା ।

ଅର୍ଜୁନ ବରଗଛ ତଳେ ବସି କିଛି ଲେଖୁଥିଲା। ଆରୋହୀ ସେଇ ପାଖ ଦେଇ ଯିବାବେଳେ, ଗୋଟିଏ କାଗଜ ଉଡ଼ି ଆସି ତା' ପାଦ ପାଖରେ ପଡ଼ିଲା। ସେ କାଗଜଟି ଉଠାଇଲା।

ସେଥିରେ ଲେଖାଥିଲା—"କେତେକ ଆଖି ଦେଖିବା ପାଇଁ ନୁହେଁ, ମନେ ରଖିବା ପାଇଁ ମଧ୍ୟ ଆସନ୍ତି।"

ଆରୋହୀ କାଗଜଟିକୁ କିଛିକ୍ଷଣ ଚାହିଁ ରହିଲା। ତାପରେ ଧୀରେ ଧୀରେ ଅର୍ଜୁନ ଆଡ଼କୁ ଚାହିଁଲା। ଏଥର ଅର୍ଜୁନ ହସିଲା। ସେ ହସରେ କୌଣସି ଦାବି ନଥିଲା, କୌଣସି ପରିଚୟର ଜୋର ନଥିଲା, କେବଳ ଏମିତି ଏକ ସରଳତା ଥିଲା, ଯାହା ଅଜଣା ଲୋକଙ୍କୁ ମଧ୍ୟ ଚିହ୍ନା ଲାଗିବାକୁ ବାଧ କରିବ ।

"ଏଟା ଆପଣଙ୍କର ?" ଆରୋହୀ କାଗଜଟି ଆଗକୁ ବଢ଼ାଇ ପଚାରିଲା। "ହଁ।" "କିନ୍ତୁ ଏଠି ଯାହା ଲେଖିଛନ୍ତି......!

"ଖରାପ ଲାଗିଲା ?" "ନା।" "ତାହେଲେ ?

"ଆରୋହୀ ଟିକିଏ ହସିକିନା କହିଲା, " କିଛି ଆଖି ନିଶ୍ଚୟ ମନେ ରହିଯାଆନ୍ତି।" ଅର୍ଜୁନ ତାକୁ ଚାହିଁ ରହିଲା। ସେଦିନ ସେ କୌଣସି ଉତ୍ତର ଦେଇନଥିଲା। ହୁଏତ କେତେକ ଉତ୍ତର ମୁହଁରେ ଦେଲେ ତାର ମୂଲ୍ୟ କମିଯାଏ।

ସେଦିନଠାରୁ ସେମାନଙ୍କ ମଧ୍ୟରେ ଏକ ଅଜଣା ସମ୍ପର୍କ ଜନ୍ମ ନେଲା। ପ୍ରତିଦିନ ସେମାନେ ଦେଖା ହେଉଥିଲେ। କଥା କମ୍, ଆଖି ଅଧିକ କଥା ହେଉଥିଲା। କ୍ଲାସ୍ ଶେଷରେ ଆରୋହୀ ଲାଇବ୍ରେରୀକୁ ଯାଉଥିଲା, ଅର୍ଜୁନ ମଧ୍ୟ କିଛି ସମୟ ପରେ ସେଇ ଲାଇବ୍ରେରୀରେ ଦେଖାଯାଉଥିଲା। ସେମାନେ କେବେ ପାଖାପାଖି ବସୁନଥିଲେ, ଦୂରରେ ବସୁଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ଥିବା ସେଇ ଦୂରତା ହିଁ ବୋଧହୁଏ ସେମାନଙ୍କ ସମ୍ପର୍କର ସବୁଠୁ ସୁନ୍ଦର ସମୟ ଥିଲା। କାରଣ ନିକଟତା ସବୁବେଳେ ପ୍ରେମର ପ୍ରମାଣ ନୁହେଁ, କେବେ କେବେ ଦୂରରୁ କାହାକୁ ମନେ ରଖିବା ହିଁ ସବୁଠାରୁ ଗଭୀର ଅନୁଭବ।

ଦିନେ ଆରୋହୀ ଲାଇବ୍ରେରୀରେ ଗୋଟିଏ ପୁସ୍ତକ ଖୋଜୁଥିଲା। ଉପର ରାକ୍‌ରେ ଥିବା ବହିଟି ପାଖକୁ ତା' ହାତ ପାଉନଥିଲା । ପଛରୁ ଅର୍ଜୁନ ଆସି ପୁସ୍ତକଟି ନେଇ ତା' ହାତକୁ ବଢ଼ାଇ ଦେଲା। "ଏଇଟା ?" "ହଁ।" "ଆପଣଙ୍କ ପସନ୍ଦ ?" "ହଁ।" "କାହିଁକି ?" ଆରୋହୀ ପୁସ୍ତକର ପୃଷ୍ଠା ଓଲଟାଇ କହିଲା, "ଯେଉଁ ଗପର ଶେଷ ଆଗରୁ ଜଣା ନଥାଏ, ସେଇ ଗପ ଭଲ ଲାଗେ।"

ଅର୍ଜୁନ ହସିଲା। " ତାହେଲେ ଆମ ଗପର ଶେଷ ମଧ୍ୟ ଜଣା ନାହିଁ। " ଆରୋହୀ ହଠାତ୍ ଚୁପ୍ ହୋଇଗଲା। ପ୍ରଥମଥର ପାଇଁ ତା' ଆଖିରେ ଲାଜ ଓ ଆଶ୍ଚର୍ଯ୍ୟ ଏକାସାଙ୍ଗେ ଦେଖାଗଲା।

"ଆମ ଗପ ?" ଅର୍ଜୁନ ଟିକିଏ ହସିକିନା କହିଲା, ମୁଁ କହୁଥିଲି... ଏଇ ବହିରେଥିବା ଗପ। ଆରୋହୀ ହସିଦେଲା।

" ମିଛ କହୁଛନ୍ତି।" "ହଁ।" ସେଦିନ ପ୍ରଥମଥର ସେମାନେ ଦୁହେଁ ଏକାସାଙ୍ଗରେ ହସିଥିଲେ। ଆଉ ସେଇ ହସଟି ଅଜାଣତରେ ଦୁଇଟି ମନ ମଧ୍ୟରେ ଗୋଟିଏ ଛୋଟ ସେତୁ ତିଆରି କରିଥିଲା।

ତା' ପରେ ଦିନ ପରେ ଦିନ ଗଡିଚାଲିଲା । ସକାଳେ , ଲାଇବ୍ରେରିରେ, ବରଗଛ ତଳେ, ସେମାନଙ୍କର ସମୟ ଅତିବାହିତ ହେଉଥିଲା । ଆଉ ଆରୋହୀର ଡାଏରୀରେ ଗୋଟିଏ ନୂଆ ଶିରୋନାମା ଯୋଡିହୋଇଥିଲା।

କିନ୍ତୁ ଗପଟି ଏତେ ସରଳ ନଥିଲା ।

ସମୟ ଯେତେ ଆଗକୁ ବଢୁଥିଲା, ଆରୋହୀ ଓ ଅର୍ଜୁନଙ୍କ ମଧ୍ୟରେ ଥିବା ନିବିଡତା ସେତେ ଅର୍ଥପୂର୍ଣ୍ଣ ହେଉଥିଲା। ସେମାନେ ସେଇ ସମ୍ପର୍କକୁ ନାମ ଦେଇନଥିଲେ ମଧ୍ୟ କିନ୍ତୁ ପ୍ରତିଦିନ ଦେଖା ହେବାକୁ ଇଚ୍ଛା କରୁଥିଲେ।

କିଛି ସମ୍ପର୍କ ଏମିତି ଥାଏ । ସେମାନଙ୍କର କୌଣସି ନାମ ନଥାଏ, ତଥାପି ସେମାନେ ମନର ସବୁଠାରୁ ନିବୁଜ କୋଠରୀଟି ଦଖଲ କରିନିଅନ୍ତି।

ଦିନେ ଅର୍ଜୁନ ଆରୋହୀକୁ ଗୋଟିଏ ଛୋଟ କାଗଜ ଦେଲା। "ଏଟା କଣ ?" ଆରୋହୀ ପଚାରିଲା। "ପଢ଼ନ୍ତୁ।" ସେ କାଗଜଟି ଖୋଲିଲା। ଭିତରେ ଲେଖାଥିଲା—"ତୁମେ କେବେ ଧ୍ୟାନ ଦେଇଛ କି, ତୁମେ ହସିବା ପୂର୍ବରୁ ତୁମ ଆଖି ହସିଦିଏ ?" ଆରୋହୀ କିଛି ସମୟ କାଗଜଟିକୁ ଦେଖିଲା।

ତାପରେ ଧୀରେ ପଚାରିଲା, "ଆପଣ ମୋ



ଆଖିକୁ ଏତେ ଧ୍ୟାନରେ ଦେଖନ୍ତି ?" ଅର୍ଜୁନ କିଛି କହିଲାନି । ଆରୋହୀ ପୁଣି ପଚାରିଲା, " କିଛି ଉତ୍ତର ଦେଉନାହାନ୍ତି ଯେ ?"

ଅର୍ଜୁନ ହସିକିନା କହିଲା, "କେତେକ ପ୍ରଶ୍ନର ଉତ୍ତର ଦେଲେ ଗପ ସରିଯାଏ।" "ଆଉ ନ ଦେଲେ ?" ଗପ ଚାଲିଥାଏ।

ସେଦିନ ଆରୋହୀ ସେଇ କାଗଜଟିକୁ ତା' ଡାଏରୀ ଭିତରେ ଯତ୍ନରେ ରଖିଲା। ତା' ତଳେ ନିଜେ ଗୋଟିଏ ଧାଡ଼ି ଲେଖିଲା—

ତା' ହେଲେ ଆମ ଗପଟାକୁ କେବେ ସରିବାକୁ ଦେବିନି। କିନ୍ତୁ ଜୀବନ ତା' ବାଟରେ କାହାଣୀ ଲେଖୁଥାଏ। କିଛି ଦିନ ପରେ ଅର୍ଜୁନ କଲେଜ ଆସିଲା ନାହିଁ। ପ୍ରଥମ ଦିନ ଆରୋହୀ ଭାବିଲା—ହୁଏତ ଅସୁସ୍ଥ ଥିବ ।

ଦ୍ୱିତୀୟ ଦିନ—ଭାବିଲା ହୁଏତ କିଛି କାମ ଥିବ, କିନ୍ତୁ ତୃତୀୟ ଦିନ—ତା ମନ ଭିତରେ ଅଜଣା ଚିନ୍ତା ଜନ୍ମ ନେଲା। ଚତୁର୍ଥ ଦିନ -- ସେ ବରଗଛ ତଳେ ଏକା ବସିଥିଲା।

ସେଦିନ ତାକୁ ପ୍ରଥମଥର ଲାଗିଲା—କାହାର ଅନୁପସ୍ଥିତି ମଧ୍ୟ କଷ୍ଟ ଦେଇପାରେ।

ସନ୍ଧ୍ୟାରେ ତା' ଫୋନ୍ ?ରେ ଗୋଟିଏ ମେସେଜ୍ ଆସିଲା। ସେଇଟା ଅର୍ଜୁନର ମେସେଜ୍ ଥିଲା—"କିଛିଦିନ ଆସିପାରିବିନି।" ଆରୋହୀ ବହୁତ କିଛି ଲେଖିବାକୁ ଚାହିଁଥିଲା। "କାହିଁକି ?", "କଣ ହେଲା ?", "କେବେ ଆସିବ ?",

" ମୁଁ ମନେ ପଡୁଛି କି ?"—ଅନେକ ପ୍ରଶ୍ନ ତା' ମନରେ ଧାଡ଼ି ବାନ୍ଧି ଠିଆ ହୋଇଥିଲେ। କିନ୍ତୁ ଶେଷରେ ସେ କିଛି ଲେଖିଲାନି କେବଳ ଲେଖିଲା — " ଠିକ୍ ଅଛି। " କେତେ ଅଜବ !

ମନ ଭିତରେ ଝଡ଼ ଥିଲେ ମଧ୍ୟ ମେସେଜ୍‌ରେ କିଛି ଲେଖିପାରିଲାନି ।

କିଛି ସପ୍ତାହ ପରେ ଅର୍ଜୁନ ଫେରିଲା। କିନ୍ତୁ ସେ ପୂର୍ବପରି ନଥିଲା। ତାର ହାବଭାବ ବଦଳି ଯାଇଥିଲା।

ଆରୋହୀ ତାକୁ ଦେଖି ପଚାରିଲା, " ସବୁ ଠିକ୍ ଅଛି ତ ?" ଅର୍ଜୁନ କହିଲା, "ହଁ।" ଆରୋହୀ କହିଲା, ତୁମେ ମିଛ କହୁଛ।

ଅର୍ଜୁନ ଚୁପ୍ ରହିଲା। ଆରୋହୀ ଧୀରେ କହିଲା,

"ଆପଣ ଯେତେବେଳେ ମିଛ କହନ୍ତି, ଆପଣ ମୁହଁ ତଳକୁ କରି କଥା ହୁଅନ୍ତି । ଅର୍ଜୁନ ପ୍ରଥମଥର ତା' ଆଖିରେ ଆଖି ମିଶେଇ ସିଧା ଚାହିଁଲା। "ତୁମେ ମୋତେ ଏତେ ଧ୍ୟାନରେ ଦେଖ ?"

ଆରୋହୀ ହସିକିନା କହିଲା, " ଆପଣ ହିଁ ଶିଖାଇଛନ୍ତି ।"

ଦୁହେଁ କିଛି ସମୟ ଚୁପ୍ ରହିଲେ। ତା' ପରେ ଅର୍ଜୁନ କହିଲା, "କେତେ ଲୋକ ଜୀବନରେ ଆସନ୍ତି, କିନ୍ତୁ ସେମାନଙ୍କୁ ପାଖରେ ରଖିବା ଆମ ହାତରେ ନଥାଏ।" ଆରୋହୀର ମନ ଅଜଣା ଭୟରେ ଭରିଗଲା। " କାହିଁକି ଏମିତି କହୁଛନ୍ତି ?" ଅର୍ଜୁନ ଆକାଶକୁ ଚାହିଁ କହିଲା, କାରଣ ସବୁ ଗପର ଶେଷ ଆମେ ଲେଖେନାହିଁ । ଆରୋହୀ ପଚାରିଲା, "ତାହେଲେ କିଏ ଲେଖେ ?"

ଅର୍ଜୁନର ଉତ୍ତର ଥିଲା—"ସମୟ।"

ସେଦିନ ଆରୋହୀ ପ୍ରଥମଥର ତା ଆଖିରେ ଭୟ ଦେଖିଲା। କାହାକୁ ହରାଇବାର ଭୟ, ନିଜ ମନରେ ଜନ୍ମ ନେଇଥିବା ଏକ ସୁନ୍ଦର ସମ୍ପର୍କକୁ ଭାଗ୍ୟର ହାତରେ ଛାଡ଼ିଦେବାର ଭୟ। ସେଇ ଦିନଠାରୁ ଆରୋହୀ ପ୍ରତିଦିନ ଗୋଟିଏ ଛୋଟ ଚିଠି ଲେଖୁଥିଲା। କିନ୍ତୁ ଦେଉନଥିଲା। ପ୍ରଥମ ଚିଠିରେ ଲେଖିଲା—" ଆଜି ଆପଣଙ୍କୁ ଦେଖି ମୋ ଦିନଟା ଭଲରେ କାଟିଲା ।" ଦ୍ୱିତୀୟ ଚିଠିରେ—" ଆଜି ଆପଣ ହସୁନଥିଲେ। ମୋତେ ମଧ୍ୟ ହସିବାକୁ ଭଲ ଲାଗିଲା ନାହିଁ ।" ତୃତୀୟ ଚିଠିରେ "ଆପଣଙ୍କ ଆଖିରେ ଆଜି ଯେଉଁ ଦୁଃଖ ଥିଲା, ତାକୁ ମୋ ପାଖରେ ରଖିଦିଅନ୍ତୁ।" ଚତୁର୍ଥ ଚିଠିରେ —" ଯଦି କେବେ ଚାଲିଯିବେ, ତାହେଲେ ଅତିକମରେ ଗୋଟିଏ ଥର ପଛକୁ ଚାହିଁବେ।"

ଚିଠି ସଂଖ୍ୟା ବଢ଼ି ଚାଲିଥିଲା, କିନ୍ତୁ ସେଗୁଡ଼ିକ କେବେ ଅର୍ଜୁନକୁ ଦେଉନଥିଲା । ହୁଏତ ଆରୋହୀ ଭାବୁଥିଲା, କିଛି କଥା କହିଦେଲେ ସେମାନଙ୍କର ସମ୍ପର୍କ ଭାଙ୍ଗିଯିବ। କିଛି ଅନୁଭବ ଅକୁହା ରହିଲେ ହିଁ ଅଧିକ ମିଠା ଲାଗେ।

ଦିନେ ସନ୍ଧ୍ୟାରେ ବର୍ଷା ହେଉଥିଲା। ବରଗଛର ପତ୍ରରୁ ଟୋପା ଟୋପା ପାଣି ଝରୁଥିଲା। ଅର୍ଜୁନ ଆସିଲା। ତା' ହାତରେ ସେଇ ପୁରୁଣା ଖାତା। ସେ କିଛି ସମୟ ଚୁପ୍ ରହିବା ପରେ କହିଲା, "ଆରୋହୀ, ମୋତେ ଗୋଟିଏ କଥା କହିବାର ଅଛି।"

ତା' ସ୍ୱରରେ ଏମିତି କିଛି ଥିଲା, ଯାହା ଶୁଣି ଆରୋହୀର ମନ ଅଜଣା ଭୟରେ ଭୟଭୀତ ହୋଇଗଲା। "କଣ ?" ସେ ପଚାରିଲା। ଅର୍ଜୁନ ଧୀରେ କହିଲା, "ଯଦି କେବେ ମୁଁ

ନରୁହେ ..." ଆରୋହୀ ତୁରନ୍ତ ତାକୁ ଅଟକାଇଦେଲା।

"ଏମିତି କଥା କହନ୍ତୁ ନାହିଁ ।" ଅର୍ଜୁନ ପୁଣି କହିବାକୁ ଚେଷ୍ଟା କଲା, କିନ୍ତୁ ଆରୋହୀ ମୁଣ୍ଡ ହଲାଇ କହିଲା,

" ନା, ମୁଁ ଶୁଣିବିନି ।"

ବର୍ଷା ଜୋରରେ ହେଲା । ଅର୍ଜୁନ ଚୁପ୍ ହୋଇଗଲା। କିଛି ସମୟ ପରେ ସେ ମନେ ମନେ ଭାବୁଥିଲା "ତୁମ ଆଖିରେ ମୋ ପାଇଁ ଯେଉଁ ଗପଟା ଲେଖା ଅଛି, ତାକୁ କେବେ ମୋ ଅନୁପସ୍ଥିତିରେ ମିଛ କରିଦିଅନି ।" ଆରୋହୀ କିଛି କହିଲାନି । ତା' ଆଖିରେ ଜମିଥିବା ଲୁହ ହୁଏତ ଅନେକ କଥା କହୁଥିଲା। ସେଦିନ ପ୍ରଥମଥର ଦୁଇଟି ଆଖି କଥା କହିବା ପରିବର୍ତ୍ତେ କାନ୍ଦିଥିଲେ ।

କାରଣ କିଛି ପ୍ରେମକାହାଣୀର ସବୁଠାରୁ ଗଭୀର ଅଧ୍ୟାୟ ପ୍ରେମ ନୁହେଁ—ଅପେକ୍ଷା । ଆଉ ଆରୋହୀ ସେଦିନଠାରୁ ଜାଣିଗଲା ଯେ, ଅପେକ୍ଷା କେବେ ଘଣ୍ଟା ଦେଖି ହୁଏ ନାହିଁ, ଅପେକ୍ଷା ହୁଏ ଆଖି ଦେଖି। କେହି ଆସିବେ କି ନାହିଁ, ତାହା ଜଣା ନଥାଏ,

ତଥାପି ଦୁଆର ଆଡ଼କୁ ଆଖି ଚାହିଁ ରହେ। ହୁଏତ ସେଇ ହିଁ ପ୍ରେମର ସବୁଠାରୁ ନିରବ ସଂଜ୍ଞା।

ତିନି ବର୍ଷ ପରେ ଆରୋହୀ ପୁଣି ସେଇ କଲେଜକୁ ଫେରିଥିଲା। ସହର ବଦଳି ଯାଇଥିଲା, ରାସ୍ତା ବଦଳିଥିଲା, ପୁରୁଣା ଦୋକାନଗୁଡ଼ିକ ମଧ୍ୟ ଅନେକ ହଜିଯାଇଥିଲେ। ଲାଇବ୍ରେରୀର କାନ୍ଥରେ ନୂଆ ରଙ୍ଗ ହୋଇଥିଲା। କିନ୍ତୁ ବରଗଛଟି ଏବେ ମଧ୍ୟ ସେଇଠି ଥିଲା। ବୟସର ଚିହ୍ନ ତା ଡାଳରେ ଦେଖାଯାଉଥିଲେ, ମଧ୍ୟ ତଥାପି ସେ ଠିଆହୋଇଥିଲା—ଠିକ୍ ସେହି ପୁରୁଣା ସ୍ମୃତି ପରି, ଯାହାକୁ ସମୟ ଅନେକଥର ଛୁଇଁପାରେ, କିନ୍ତୁ ମନରୁ ପୋଛିପାରେ ନାହିଁ।

ଆରୋହୀ ଗଛଟି ତଳେ ଯାଇ ବସିଲା। ତା' ହାତରେ ଥିଲା ଗୋଟିଏ ପୁରୁଣା ଡାଏରୀ। ସେଇ ଡାଏରୀ, ଯେଉଁଥିରେ ଅର୍ଜୁନ ପାଇଁ ଲେଖା ହଜାରେ ଅକୁହା କଥାର ଚିଠି ।

ସେ ପୃଷ୍ଠା ଓଲଟାଇଲା। କେଉଁଠି ଥିଲା ଅନେକ ସ୍ମୃତି, ଅପେକ୍ଷାର ଦିନ, ଗୋଟିଏ ଛୋଟ କାଗଜରେ ଲେଖା ଅର୍ଜୁନର କଥା। ଗୋଟିଏ ପୃଷ୍ଠାରେ ଆରୋହୀ ଲେଖିଥିଲା—" କାହାକୁ ଭଲପାଇବା ମାନେ ତାକୁ ପାଇବା ନୁହେଁ। କେବେ କେବେ ତା'ର ସ୍ମୃତିକୁ ନିଜ ଭିତରେ ଜୀବନ୍ତ ରଖିବା ମଧ୍ୟ ପ୍ରେମ ।"

ଆରୋହୀ ହସିଲା । ତା' ଆଖିରେ ଲୁହ ଥିଲା, କିନ୍ତୁ ସେଇ ଲୁହରେ ଦୁଃଖଠାରୁ ଅଧିକ କୃତଜ୍ଞତା ଥିଲା । ସେ ଅର୍ଜୁନକୁ ଭୁଲିନଥିଲା, କିନ୍ତୁ ଅପେକ୍ଷାକରି ଅଟକି ମଧ୍ୟ ରହିନଥିଲା। ସେ ବୁଝିଥିଲା, କିଛି ସମ୍ପର୍କ ଆମ ଜୀବନରେ ଆସେ ରହିବା ପାଇଁ ନୁହେଁ, ଆମକୁ ନିଜକୁ ନୂଆ ଭାବରେ ଚିହ୍ନିବା ପାଇଁ।

ଅର୍ଜୁନ ତାକୁ ଶିଖାଇଥିଲା ଯେ ନିରବତାର ମଧ୍ୟ ଭାଷା ଅଛି, ଅପେକ୍ଷାର ମଧ୍ୟ ରଙ୍ଗ ଅଛି, ଆଉ ଆଖିରେ କୁହାଯାଇଥିବା କଥା ଅନେକ ସମୟରେ ଶବ୍ଦଠାରୁ ଅଧିକ ଦୀର୍ଘଜୀବୀ ହୋଇଥାଏ।

ସେ ଡାଏରୀଟି ବନ୍ଦ କରିବାକୁ ଯାଉଥିଲା। ଠିକ୍ ସେତିକିବେଳେ ପବନହେଲା। ଡାଏରୀର ମଝିରୁ ଗୋଟିଏ ପୁରୁଣା କାଗଜ ଉଡ଼ି ତଳେ ପଡ଼ିଗଲା । ଆରୋହୀ ତାକୁ ଉଠାଇଲା । ସେଇ ପ୍ରଥମ ଚିଠି । ସେଥିରେ ଲେଖାଥିଲା 'କେତେକ ଆଖି ଦେଖିବା ପାଇଁ ନୁହେଁ, ମନେ ରଖିବା ପାଇଁ ଆସନ୍ତି ।" ତାର ମନ ହଠାତ୍ ପୁରୁଣା ଦିନକୁ ଫେରିଗଲା। ବରଗଛ, ଲାଇବ୍ରେରୀ, ବର୍ଷା, ସେଇ ହସ, ସେଇ ଦୁଇଟି ଆଖି ଏବଂ ସେଇ ଅସମ୍ପୂର୍ଣ୍ଣ ଗପ—ସବୁକିଛି ଯେପରି ଗତକାଲିର ଘଟଣା।

ଠିକ୍ ସେତିକିବେଳେ ପଛରୁ ଗୋଟିଏ ସ୍ୱର ଶୁଭିଲା, "କିଛି ଗପ ଏତେ ଶୀଘ୍ର ସରିଯାଏ ନାହିଁ ।" ଆରୋହୀ ନିର୍ବାକ ହୋଇଗଲା। ସେ ଧୀରେ ଧୀରେ ପଛକୁ ଚାହିଁଲା।

ସାମ୍ନାରେ ଅର୍ଜୁନ ଠିଆ ହୋଇ ଥିଲା। ସମୟ ତା' ମୁହଁରେ କିଛି ରେଖା ଆଙ୍କିଥିଲା ସତ, କିନ୍ତୁ ଆଖି ? ସେଇ ଆଖି । ସେଇ ପରିଚିତ ଆଖି, ଯାହାକୁ ଆରୋହୀ ତିନି ବର୍ଷ ଧରି ନିଜ ସ୍ମୃତିରେ ସାଇତି ରଖିଥିଲା।

କିଛି ସେକେଣ୍ଡ ପାଇଁ ଦୁହେଁ କିଛି କହିଲେ ନାହିଁ। ପୁଣି ସେଇ ପୁରୁଣା ନିରବତା ଫେରିଆସିଲା। କିନ୍ତୁ ଏଥର ସେଇ ନିରବତାରେ ଅପେକ୍ଷା ନଥିଲା, ଥିଲା ଅନେକ ବର୍ଷର ସ୍ମୃତି। ଆରୋହୀ ଧୀରେ ପଚାରିଲା, "ତୁମେ ଏଠି ?" ଅର୍ଜୁନ ହସିଲା। "ତୁମେ ମଧ୍ୟ ।" " କେବେ ଫେରିଲ ?" "କିଛିଦିନ ହେଲା ।" "ମୋତେ କହିଲ ନାହିଁ ?" ଅର୍ଜୁନ କିଛିକ୍ଷଣ ଚୁପ୍ ରହି କହିଲା, " ତୁମକୁ ଖୋଜିବାକୁ ଆସିନଥିଲି ।" ଆରୋହୀ ହସି ପଚାରିଲା, " ତାହେଲେ ?" ଅର୍ଜୁନ କହିଲା, "ଯେଉଁଠୁ ଗପ ଆରମ୍ଭ ହୋଇଥିଲା, ସେଠାକୁ ଗୋଟିଏ ଦିନ ଫେରିବି ବୋଲି, ନିଜକୁ କଥା ଦେଇଥିଲି ।"

ଆରୋହୀ ତା' ଡାଏରୀକୁ ଚାହିଁଲା। "ଆଉ ମୋ ଗପ ?"

ଅର୍ଜୁନ ତାକୁ ଚାହିଁ କହିଲା, "ସେଇଟା ତ ତୁମେ ଲେଖୁଥିଲ ।" ଆରୋହୀ ପଚାରିଲା, "ତୁମେ ପଢ଼ିବ ?" ଅର୍ଜୁନ ମୁଣ୍ଡ ହଲାଇଲା। "ନା।" "କାହିଁକି ?" "କେତେକ ଗପ ପଢ଼ିବା ପାଇଁ ନୁହେଁ।" "ତାହେଲେ ?" ଅର୍ଜୁନ ତା ଆଖିକୁ ଚାହିଁ କହିଲା, "ଦେଖିବା ପାଇଁ ।"

ଆରୋହୀ ହସିଲା। ଅର୍ଜୁନ ସେଇ ହସକୁ ଦେଖି କହିଲା, "ତୁମ ଆଖି ଏବେ ମଧ୍ୟ ପ୍ରଥମେ ହସେ।" ଆରୋହୀ ଧୀରେ ପଚାରିଲା, "ଆପଣଙ୍କ ଆଖି ?" ଅର୍ଜୁନର ଉତ୍ତର ଆସିଲା, "ସେମାନେ ଏବେ ମଧ୍ୟ ତୁମକୁ ଚିହ୍ନନ୍ତି ।"

ବରଗଛର ପତ୍ରଗୁଡ଼ିକ ପବନରେ ଶବ୍ଦ କରୁଥିଲେ। ହୁଏତ ସେମାନେ ମଧ୍ୟ ସେଇ ପୁରୁଣା ଗପଟିକୁ ମନେ ପକାଉଥିଲେ। ଆରୋହୀ ଡାଏରୀର ଶେଷ ପୃଷ୍ଠା ଖୋଲିଲା।

ସେଥିରେ ଗୋଟିଏ ଧାଡ଼ି ଲେଖା ଥିଲା— " କେତେକ ଗପର ଶେଷ ନଥାଏ, ସେମାନେ କେବଳ ଗୋଟିଏ ନୂଆ ପୃଷ୍ଠାକୁ ଚାଲିଯାଆନ୍ତି ।"

ଅର୍ଜୁନ ତାକୁ ପଚାରିଲା, "ତାହେଲେ ଏଇ ଗପର ନୂଆ ପୃଷ୍ଠା ଲେଖିବ ?" ଆରୋହୀ କିଛି କହିଲାନି । କେବଳ ଡାଏରୀଟି ତା ହାତରେ ଧରେଇଦେଲା ଏବଂ ତା ଆଖିକୁ ଚାହିଁ ରହିଲା। ଏଥର ଆଖି ଦୁଇଟି ଅନେକ କଥା କହିଦେଲା। କିନ୍ତୁ ସେଇ କଥାର ଅର୍ଥ କେବଳ ସେମାନେ ଦୁହେଁ ବୁଝିପାରୁଥିଲେ।

ସନ୍ଧ୍ୟା ଧୀରେ ଧୀରେ ଓହ୍ଲାଇ ଆସୁଥିଲା। ଆକାଶରେ ସୂର୍ଯ୍ୟର ଶେଷ ଆଲୋକ ଥିଲା। ସେମାନେ ଜାଣିନଥିଲେ ଆଗାମୀ ଦିନ କଣ ଆଣିବ। ସେମାନେ ଜାଣିନଥିଲେ ଗପଟି କେଉଁଠି ଶେଷ ହେବ । କିନ୍ତୁ ଏଥର ସେମାନଙ୍କର ଭୟ ନଥିଲା। କାରଣ କିଛି ପ୍ରେମକୁ ଭବିଷ୍ୟତର ନିଶ୍ଚିତତା ଦରକାର ହୁଏ ନାହିଁ, କେବଳ ଏତିକି ଯଥେଷ୍ଟ—କେହି ତୁମ ଆଖିକୁ ଚାହିଁ ନିରବରେ କହୁ,

"ମୁଁ ତୁମ ସାଥିରେ ଅଛି।"

ଆଉ ସେଇ ଗୋଟିଏ ଅନୁଭବରେ ବର୍ଷ ବର୍ଷର ଅପେକ୍ଷା ନିଜର ଘର ଖୋଜିନିଏ। ଆରୋହୀ ସେଦିନ ବୁଝିଲା—ପ୍ରେମ ସବୁବେଳେ ଚିଠି ନୁହେଁ, ସବୁବେଳେ କବିତା ନୁହେଁ, ସବୁବେଳେ ପାଖାପାଖି ଚାଲିବା ମଧ୍ୟ ନୁହେଁ। କେବେ କେବେ ପ୍ରେମ ହେଉଛି ଭିଡ଼ ମଧ୍ୟରେ ଗୋଟିଏ ପରିଚିତ ଆଖିକୁ ଖୋଜିବା, ବର୍ଷ ବର୍ଷ ପରେ ମଧ୍ୟ ସେଇ ଆଖିକୁ ଚିହ୍ନିବା ଏବଂ ହଜାରେ ଅକୁହା କଥା ମଧ୍ୟରୁ କେବଳ ଗୋଟିଏ ନିରବ ହସରେ ସମଗ୍ର ଗପଟିକୁ ପୁଣିଥରେ ପଢ଼ିନେବା।

ଆଖି କେବେ ମିଛ କହେ ନାହିଁ। ସେମାନେ କେବଳ ସବୁ କଥା ଶବ୍ଦରେ କହନ୍ତି ନାହିଁ। ଆଉ ସେଇଥିପାଇଁ " ଆଖି, ଗପଟି " କେବଳ ଦୁଇଜଣ ମଣିଷର କାହାଣୀ ନୁହେଁ, ଏହା ସେଇ ସମସ୍ତ ଅକୁହା ଅନୁଭବର କାହାଣୀ, ଯାହା କେବେ ଚିଠି ହୋଇନଥିଲା, କେବେ ନାମ ପାଇନଥିଲା, କେବେ ସମ୍ପୂର୍ଣ୍ଣ ହୋଇନଥିଲା—ତଥାପି କାହାର ଆଖିରେ ସାରାଜୀବନ ଜୀବନ୍ତ ରହିଥିଲା।

ଶେଷରେ ଡାଏରୀର ଶେଷ ପୃଷ୍ଠାଟି ଖାଲି ରହିଗଲା।

ସେଥିରେ ନୂଆ କିଛି ଲେଖା ହୋଇନଥିଲା। କାରଣ କିଛି ଗପକୁ ଶେଷ କରିବା ପାଇଁ ଶବ୍ଦର ଆବଶ୍ୟକତା ନଥାଏ। ଦୁଇଟି ଆଖି ପରସ୍ପରକୁ ଚାହିଁ ରହିଲେ ହିଁ ପର୍ଯ୍ୟାପ୍ତ । ହୁଏତ ସେଇଥିପାଇଁ ଗପର ନାମ ରଖିଲି — " ଆଖି' ।


+ ଭୁବନେଶ୍ୱର

ମୋ: ୭୯୭୮୩୬୮୮୨୫


# ବିଶ୍ୱାସ ଭାଙ୍ଗିବା ସବୁଠାରୁ ବଡ଼ ଅପରାଧ


ଦିପ୍ତିମୟୀ ନାୟକ


ମଣିଷର ଜୀବନ ଯାତ୍ରା କେବଳ କିଛି ବର୍ଷର ସମୟ ସୀମା ଭିତରେ ସୀମାବର୍ତ୍ତୀ ନୁହେଁ ବରଂ ଏହା ଅନୁଭୂତି, ଆଶା, ନିରାଶା, ବିଶ୍ୱାସ ଏବଂ ପ୍ରତାରଣାର ଏକ ଜଟିଳ ସମାହାର । ସଂସାରର ଏହି ବିରାଟ ରଙ୍ଗମଞ୍ଚରେ ପ୍ରତ୍ୟେକ ମଣିଷ ନିଜର ଭାଗ୍ୟ ଏବଂ କର୍ମ ଅନୁସାରେ ଭୂମିକା ନିର୍ବାହ କରିଥାଏ କିନ୍ତୁ ଏହାରି ଭିତରେ କିଛି ଏପରି ବ୍ୟକ୍ତି ଥାଆନ୍ତି ଯେଉଁମାନଙ୍କ ହୃଦୟରେ କୌଣସି ଜଟିଳତା, ଛଳନା କିମ୍ବା କପଟ ନଥାଏ । ସେମାନେ ଜଗତକୁ ନିଜର ନିର୍ମଳ ଆଖିରେ ଦେଖନ୍ତି ଏବଂ ସମସ୍ତଙ୍କୁ ନିଜପରି ସଚ୍ଚୋଟ ବୋଲି ଭାବିନିଅନ୍ତି । ସେଥିପାଇଁ କୁହାଯାଇଛି ସରଳ ମଣିଷ ସବୁବେଳେ ଆଖି ବୁଜି ବିଶ୍ୱାସ କରେ ତେଣୁ ସେ ଚତୁରମାନଙ୍କ ମିଛକୁ ସତ ବୋଲି ଭାବିଥାଏ । ଯାହା ନିରୀହ ହୃଦୟକୁ ଭିତରୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥାଏ । ଏହି ଚିରନ୍ତନ ସତ୍ୟକୁ ଆହୁରି ଗଭୀର ଭାବରେ ଅନୁଧ୍ୟାନ କଲେ ଜୀବନର ଅନେକ ଅଲିଖିତ ପୃଷ୍ଠା ସାମ୍ନାକୁ ଆସିଥାଏ । ତେବେ ସରଳତା ଏକ ଏପରି ଗୁଣ ଯାହା ସମସ୍ତଙ୍କ ଭାଗ୍ୟରେ ନଥାଏ । ଯେଉଁମାନଙ୍କ ଜୀବନରେ ସରଳତା ଥାଏ ସେମାନେ କାହାରି ଅନିଷ୍ଟ ଚିନ୍ତା କରି ଜାଣନ୍ତି ନାହିଁ । ସେମାନଙ୍କର ପ୍ରତ୍ୟେକଟି କଥା ଏବଂ କାର୍ଯ୍ୟରେ ଏକ ପ୍ରକାରର ଆନ୍ତରିକତା ଓ ସ୍ୱଚ୍ଛତା ଥାଏ । ସେମାନେ ଭାବନ୍ତି ଯେ ସଂସାରର ସବୁ ଲୋକ ସେମାନଙ୍କ ପରି ଭଲ ଆଉ ସଚ୍ଚୋଟ । କିନ୍ତୁ ଏହି ଭ୍ରମ ହିଁ ସେମାନଙ୍କ ପାଇଁ ସବୁଠାରୁ ବଡ଼ ବିପଦ ସୃଷ୍ଟି କରିଥାଏ । ଚତୁର ଏବଂ ଚାଲାକ ବ୍ୟକ୍ତିମାନେ ଏହି ସରଳତାର ସୁଯୋଗ ନେଇ ସେମାନଙ୍କୁ ନିଜର ସ୍ୱାର୍ଥ ହାସଲ ପାଇଁ ବ୍ୟବହାର କରିଥାଆନ୍ତି । ଯେମିତିକି ଗ୍ରାମାଞ୍ଚଳ କିମ୍ବା ସହରରେ ଅନେକ ସମୟରେ ଦେଖିବାକୁ ମିଳେ ଜଣେ ସରଳ ବ୍ୟକ୍ତି ନିଜର ଜଣେ ବନ୍ଧୁଙ୍କୁ ବିଶ୍ୱାସ କରି ବ୍ୟାଙ୍କରୁ ଟଙ୍କା ଧାର ଆଣିବାରେ ସାହାଯ୍ୟ କରେ କିମ୍ବା ଜାମିନଦାର ହୁଏ । ସେ ଭାବେ ଯେ ବନ୍ଧୁଟି ନିଶ୍ଚିତ ଭାବରେ ଟଙ୍କା ପରିଶୋଧ କରିଦେବ କିନ୍ତୁ ପରବର୍ତ୍ତୀ ସମୟରେ ସେହି ବନ୍ଧୁଜଣକ ଫେରାର ହୋଇଯାଏ କିମ୍ବା ଦାୟିତ୍ୱରୁ ଓହରିଯାଏ ଏବଂ ବ୍ୟାଙ୍କର ସମସ୍ତ ଚାପ ସେହି ସରଳ ମଣିଷ ଉପରେ ପଡ଼େ ।



ସେତେବେଳେ ତା'ର ସରଳତା ହିଁ ତା' ପାଇଁ ଅଭିଶାପ ପାଲଟିଯାଏ ।

ତେବେ ମଣିଷ ଜୀବନର ସବୁଠାରୁ ସମ୍ବେଦନଶୀଳ ଅଧ୍ୟାୟ ହେଉଛି ପ୍ରେମ । ପ୍ରେମ ହେଉଛି ଆତ୍ମାର ସମ୍ପର୍କ ଯାହା ବିଶ୍ୱାସ ଏବଂ ସମର୍ପଣ ଉପରେ ପ୍ରତିଷ୍ଠିତ । କିନ୍ତୁ ଯେତେବେଳେ ଜଣେ ସରଳ ହୃଦୟର ବ୍ୟକ୍ତି ପ୍ରେମ ସମ୍ପର୍କରେ ଆବଦ୍ଧ ହୁଏ ସେ ସେହି ସମ୍ପର୍କକୁ ନିଜର ସର୍ବସ୍ୱ ବୋଲି ମାନିନିଏ । ସେ ସାମ୍ନା ମଣିଷର ପ୍ରତ୍ୟେକଟି ମିଠା କଥାକୁ ଖାଣ୍ଟି ସତ ବୋଲି ଭାବି ନିଜର ଭାବନା ଏବଂ ସମ୍ମାନକୁ ସମ୍ପୂର୍ଣ୍ଣ ଭାବରେ ସେହି ବ୍ୟକ୍ତିଙ୍କ ପାଖରେ ବାନ୍ଧିଦିଏ । ସରଳ ଯୁବକ କିମ୍ବା ଯୁବତୀମାନେ ପ୍ରେମରେ ପଡ଼ିଗଲେ ସାମ୍ନାରେ ଥିବା ବ୍ୟକ୍ତିର କୌଣସି ଦୋଷ ଦେଖିପାରନ୍ତି ନାହିଁ । ସେମାନେ ଭାବନ୍ତି ଯେ ସେମାନଙ୍କର ପ୍ରେମିକ କିମ୍ବା ପ୍ରେମିକା କେବେବି ସେମାନଙ୍କୁ ଠକିବେ ନାହିଁ । ଯେତେବେଳେ ସେହି ସାମ୍ନାର ବ୍ୟକ୍ତିଜଣକ କେବଳ ସ୍ୱାର୍ଥ କିମ୍ବା ଅସ୍ଥାୟୀ ଆକର୍ଷଣ ପାଇଁ ସମ୍ପର୍କରେ ଥାଏ ଏବଂ ସମୟ ଆସିଲେ ମୁହଁ ଫେରାଇ ନିଏ । ସେତେବେଳେ ସେହି ସରଳ ପ୍ରେମୀର ମନ ଭିତରୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିପଡ଼େ । ଏହି ଆଘାତ ଏତେ ଗଭୀର ହୁଏ ଯେ ବ୍ୟକ୍ତିଜଣକ ଆଉ କାହାକୁ ଭଲ ପାଇବା କିମ୍ବା ବିଶ୍ୱାସ କରିବାକୁ ସାହସ କରିପାରେ ନାହିଁ । ସରଳ ମଣିଷମାନେ କେବଳ ବାହାର ଦୁନିଆରେ ନୁହେଁ ବରଂ ନିଜର ପରିବାର ଏବଂ କର୍ମକ୍ଷେତ୍ରରେ ମଧ୍ୟ ପ୍ରତାରଣାର ଶିକାର ହୋଇଥାଆନ୍ତି । ପରିବାର ଭିତରେ ସମ୍ପତ୍ତି ବାଣ୍ଟିବା ସମୟରେ କିମ୍ବା ଦାୟିତ୍ୱ ନେବା ସମୟରେ ନିଜର ଲୋକମାନେ ମିଛ ପ୍ରତିଶ୍ରୁତି ଦେଇ ସରଳ ବ୍ୟକ୍ତିଙ୍କ ଅଧିକାରକୁ ଛଡେଇ ନିଅନ୍ତି । ସରଳ ମଣିଷଟି ରକ୍ତ ସମ୍ପର୍କକୁ ଭ୍ରମରେ ରଖି ଚୁପ୍ ରହେ କିନ୍ତୁ ଭିତରୁ ସେ ମାନସିକ ଭାବରେ ଭାଙ୍ଗିଯାଏ । ଅଫିସ ବା କାର୍ଯ୍ୟାଳୟରେ ଜଣେ ସରଳ କର୍ମଚାରୀ କେବଳ ନିଜ କାମ ପ୍ରତି ସଚ୍ଚୋଟ ରୁହେ କିନ୍ତୁ ତା'ର ସହକର୍ମୀମାନେ ଚତୁରତା ଏବଂ ମିଛ କହି ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରଶଂସା ସାଉଁଟନ୍ତି ଏବଂ ସରଳ କର୍ମଚାରୀକୁ ତଳକୁ ଟାଣିବା ପାଇଁ ଷଡ଼ଯନ୍ତ୍ର କରନ୍ତି ।

ଯେତେବେଳେ ଜଣେ ସରଳ ମଣିଷ ବାରମ୍ବାର ପ୍ରତାରଣାର ଶିକାର ହୁଏ ସେତେବେଳେ ତା'ର ମନୋବଳ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିଯାଏ । ସେ ସମାଜରୁ ଏବଂ ଲୋକଙ୍କଠାରୁ ଦୂରେଇ ରହିବାକୁ ପସନ୍ଦ କରେ । ତା'ର ମନରେ ସବୁବେଳେ ଏକ ଅଜ୍ଞାତ ଭୟ ଏବଂ ଅବସାଦ ଖେଳି ରହେ । ସେ ଆଉ କାହାକୁ ମଧ୍ୟ ସହଜରେ ବିଶ୍ୱାସ କରିପାରେ ନାହିଁ । ଯାହା ଫଳରେ ତା'ର ସାମାଜିକ ଜୀବନ ନଷ୍ଟ ହୋଇଯାଏ ।

ତେଣୁ ସରଳତା କୌଣସି ଦୁର୍ବଳତା ନୁହେଁ ବରଂ ଏହା ମନୁଷ୍ୟର ସବୁଠାରୁ ବଡ଼ ମହାନତା ଏବଂ ପବିତ୍ରତା । ଚତୁରମାନେ ନିଜର ମିଛ ଓ କୂଟନୀତି ଦ୍ୱାରା ଅସ୍ଥାୟୀ ଭାବରେ ବିଜୟୀ ହୋଇପାରନ୍ତି କିନ୍ତୁ ସେମାନଙ୍କର ଅସଲ ଚେହେରା ଦିନେ ନା ଦିନେ ସାମ୍ନାକୁ ଆସିଥାଏ। ତେବେ ଜୀବନରେ ସରଳ ହେବା ନିଶ୍ଚୟ ଏକ ଉତ୍ତମ ଗୁଣ କିନ୍ତୁ ଅନ୍ଧ ଭାବରେ ଆଖି ବୁଜି ସମସ୍ତଙ୍କୁ ବିଶ୍ୱାସ କରିବା ପୂର୍ବରୁ ସାମାଜିକ ବାସ୍ତବତାକୁ ବୁଝି ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ । ଯାହାଦ୍ୱାରା କାହାରି ନିରୀହ ହୃଦୟ କେବେବି କୌଣସି ଚତୁର ବ୍ୟକ୍ତିର ପ୍ରତାରଣାରେ ଭାଙ୍ଗିବ ନାହିଁ ।


+ ଅନ୍ଧାରୁଆ, ଭୁବନେଶ୍ୱର

ମୋ: ୯୦୯୦୬୬୧୫୮୬


# ଠିକଣା


ସୁଶ୍ରୀ ସଙ୍ଗୀତା ସେଠୀ




ତୁମେ ଏ ଛାତିର ହୃଦୟ କୋଣେ
ସ୍ମୃତିର ଫୁଲ ବଲିଚାରେ ବୁଲିବା ବେଳେ
ଦୁଇପଦ ଲେଖି ତୁମକୁ ନାଲି ଲଫାପାରେ
ପଠେଇବାକୁ ଇଚ୍ଛାହୁଏ ।

ହେଲେ ତୁମ ଠିକଣା ଯେ ବଦଳିଯାଇଛି
ସହର ଛାଡ଼ିବା ସହ ମନ ବି ବଦଳେଇଛ
ଭାବି ହୃଦୟ କଷଣକୁ ଲୁଚେଇ ମୁଁ ଯେ
କେଉଁ କୋଣେ ବସି ଲୁହ ଝରାଏ।

ବିତିଗଲାଣି କେତେ ରଜନୀ
ଲୁହର ବିଛଣାରେ ଜାଣେନା ତୁମେ
କେବେ ଭାବ କି ନାହିଁ ପ୍ରଣୟର ସେହି
ମୁହୂର୍ତ୍ତ ଯାହା ମୁଁ ଏବେ ଝୁରୁଥାଏ।
ସାହସ ଜୁଟେନି ଆଉ ତୁମକୁ
ଚିଠି ଖଣ୍ଡେ ଲେଖି ପୁରୁଣା ଦିନକୁ ଆଉଥରେ
ତାଜା କରି ପଚାରିବାକୁ କାହିଁ ତୁମ ପ୍ରେମରଥ
ଅଧାବାଟେ ଠିକଣା ବଦଳେଇ ଚାଲିଯାଏ ?


+ଯାଜପୁର

# ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମରେ ବିଭ୍ରାଟ



ନୀଳଗିରି ,୩୦/୦୯ (ନି.ପ୍ର): ନୀଳଗିରି ବ୍ଲକରେ ଅଙ୍ଗନବାଡିର ଆଙ୍ଗନ କା ଉତ୍ସବର ଉଦ୍ଯାପନୀ କାର୍ଯ୍ୟକ୍ରମରେ ଅବହେଳା ଦେଖିବାକୁ ମିଳିଛି।ଦିନ ୩ଟା ପର୍ଯ୍ୟନ୍ତ ଶିଶୁ,ପ୍ରସୂତି ଓ ଅଭିଭାବକଙ୍କୁ ଖାଦ୍ୟ ପ୍ରଦାନ କରଯାଇନଥିବା ଦେଖିବାକୁ ମିଳିଛି।ଛୋଟଜାତି ବୋଲି ପିଲାଙ୍କୁ ଛୁଉଁନଥିବା ବେଳେ କୌଣସି କାର୍ଯ୍ୟରେ ସହଯୋଗ କରୁନଥିବା ଅଭିଯୋଗ ହୋଇଛି। ଯେତେବେଳେ କି ସରକାରଙ୍କ ଠାରୁ ଦରମା ନେଉଛନ୍ତି। ଏଭଳି ଘଟଣାରେ ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିବାସହ ସୁପରଭାଇଜରଙ୍କୁ ଅଟକ ରଖିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟକ ଅଙ୍ଗନବାଡି କେନ୍ଦ୍ରରେ ଚଳିତମାସ ୨୭,୨୮ ଓ ୨୯ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମ ରହିଥିଲା।ହେଲେ ବରହମପୁର ପଞ୍ଚାୟତ ୫ ନଂ ୱାର୍ଡ ହରିଜନସାହି ଅଙ୍ଗନବାଡି କେନ୍ଦ୍ରରେ ଅନିୟମିତତା ଦେଖିବାକୁ ମିଳିଛି।ଦିନ ୩ ଟା ପର୍ଯ୍ୟନ୍ତ ଶିଶୁମାନଙ୍କୁ ଖାଦ୍ୟପ୍ରଦାନ କରାଯାଇନଥିଲା।କେବଳ ଆଜିର ଘଟଣା ନୁହେଁ ବରଂ ପ୍ରତ୍ୟକ ଦିନ ଏଭଳି ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି ଅଭିଭାବକ। ଅଣ୍ଡା, ଛତୁଆ ଠିକ୍‌ରେ ପ୍ରଦାନ କରାଯାଉନାହିଁ କି ପିଲାଙ୍କୁ ପାଠ ପଢାଯାଉନାହିଁ।ଏମିତିକି ପିଅନ କୌଣସି କାର୍ଯ୍ୟ କରୁନାହାନ୍ତି ଆମେ ଛୋଟ ଜାତି ବୋଲି ଆମ ଛୁଆଙ୍କୁ ଛୁଉଁନାହାନ୍ତି କି ସେମାନଙ୍କୁ ସହଯୋଗ କରୁନାହାନ୍ତି ବୋଲି ଅଭିଭାବକମନେ ଅଭିଯୋଗ କରିଛନ୍ତି।ଘଟଣାସ୍ଥଳରେ ସୁପରଭାଇଜର ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ସୁପରଭାଇଜରଙ୍କୁ ଘେରିଛନ୍ତି ଗ୍ରାମବାସୀ। ତେବେ ଶେଷରେ ଏଥିପାଇଁ ଅଙ୍ଗନୱାଡ଼ି ଶିକ୍ଷୟତ୍ରୀ ସମେତ ପିଅନ କ୍ଷମାପ୍ରାର୍ଥନା କରିଥିବା ଜଣାଯାଇଛି।

# ଭଦ୍ରକରେ ଶତାଧିକ ବର୍ଷର ପ୍ରସିଦ୍ଧ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ପାଳିତ

ଭଦ୍ରକ,୩୦/୦୯ (ନି.ପ୍ର): ଭଦ୍ରକ ସହର ଅନ୍ତର୍ଗତ ଠାକୁର ଅନନ୍ତ ନାରାୟଣ ମାର୍ଗ, ନରିପୁର (ଅସ୍ତଳ) ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର 'ଅନନ୍ତ ବ୍ରତ' ଉପଲକ୍ଷେ ପ୍ରସିଦ୍ଧ ଠାକୁର ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ ପ୍ରତିକୂଳ ପାଗ ସତ୍ତ୍ୱେ ବିଭିନ୍ନ କାର୍ଯ୍ୟକ୍ରମ ୫ ଦିନ ଧରି ମହାସମାରୋହରେ ଆଜି ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି । ଏହି ଉତ୍ସବ ସାର୍ବଜନୀନ ଓ ଗଣପର୍ବ ରୂପ ନେଇ ଶହେ ବର୍ଷରୁ ଉର୍ଦ୍ଧ୍ୱଧରି ଭକ୍ତି ଓ ନିଷ୍ଠାର ସହ ପାରମ୍ପରିକ ରୀତିରେ ପୁରଷାନୁ କ୍ରମେ ପାଳିତ ହୋଇ ଆସୁଅଛି। ସାଳନ୍ଦୀ ନଦୀରେ କଳସ ବୁଡ଼ା ଯାଇ ଜଳ ଅଣାଯିବା ପରେ ଘଟ, ପୂଜା,ପାଠ, ହୋମ ଓ ପୂଜାର୍ଚ୍ଚନା ଆଦି ପ୍ରଭୁଙ୍କ ନୀତିକାନ୍ତି ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଥିଲା । ବାଙ୍ଗାଲୋର ଓ କୋଲକାତାରୁ ଆସିଥିବା କାରୀଗରଙ୍କ ଦ୍ୱାରା ବିଭିନ୍ନ କିସମର ସୁବାସିତ ପୁଷ୍ପମାଲ୍ୟରେ ବିଗ୍ରହଙ୍କୁ ସୁସଜ୍ଜିତ କରାଯାଇ ମନ୍ଦିରର ଶୋଭାବର୍ଦ୍ଧନ କରାଯାଇଥିଲା । ମହାପ୍ରଭୁଙ୍କ 'ଅନନ୍ତ ଶୟନ'ଦୃଶ୍ୟ ଚିତ୍ତାକର୍ଷକ ହୋଇଥିବାରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଥିଲେ । ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପୂଜାରେ ପଣ୍ଡିତ ଅମର ପଣ୍ଡା, ପଣ୍ଡିତ ଗୋବର୍ଦ୍ଧନ ମିଶ୍ର, ପଣ୍ଡିତ ସ୍ନେହାଶିଷ ପଣ୍ଡା, ଚିତରଞ୍ଜନ ପଣ୍ଡା ପୂଜାପାଠ କରିଥିଲେ । ଏଠାକୁ ବିଭିନ୍ନ ଅଂଚଳରୁ ଆସିଥିବା ବ୍ରତଧାରୀ ମହିଳାମାନେ ଉପବାସ କରି ମନ୍ଦିରରେ ପ୍ରଭୁଙ୍କ ନାଗ ଓ ବ୍ରତପୂଜା କରିଥିଲେ । ଏହା ଏକ ସାର୍ବଜନୀନ ଗଣପର୍ବର ରୂପ ନେଇଥିବାରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ମନ୍ଦିର ପ୍ରତିଷ୍ଠାତା ରାଜ୍ୟଗୋପବନ୍ଧୁ ପୁରସ୍କାରପ୍ରାପ୍ତ ସମାଜସେବୀ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ନାୟକ ଓ ସହଧର୍ମିଣୀ ୰ ହରିପ୍ରିୟା ନାୟକ ମୁଖ୍ୟ ସେବିକା ଭାବେ ଦୀର୍ଘ ବର୍ଷ ଧରି ପ୍ରଭୁଙ୍କୁ ପୂଜା କରି ଆସୁଥିଲେ । ପରେ ଜ୍ୟେଷ୍ଠପୁତ୍ର ଅମର ନାୟକ ମୁଖ୍ୟ ପୂଜାକର୍ତ୍ତା ଭାବେ ପୂଜା କରିଆସୁଥିବାବେଳେ ତାଙ୍କ ଦେହାନ୍ତ ପରେ ଏହି ପୂଜା ପାଳନ କରାଯାଉଛି। ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମାନସିକ କରେ ସେମାନଙ୍କର ମନକାମନା ପୂର୍ଣ୍ଣ ହୋଇଯାଏ ବୋଲି ବିଶ୍ୱାସ ରହିଥିବା କିମ୍ବଦନ୍ତୀ



ରହିଛି । ସନ୍ଧ୍ୟାରେ ପୂଜା ମଣ୍ଡପ ସମ୍ମୁଖରେ ଭଦ୍ରକ ଗ୍ରାମାଂଚଳ ଥାନା ଜଳଙ୍ଗା କୁଆପଦାର ମା ବାଲ୍ୟମଙ୍ଗଳା ଭଜନ ମଣ୍ଡଳୀର ଗାୟକ ସୁବାସ ମଣ୍ଡଳ, ଦୀପ୍ତିମୟୀ ମଣ୍ଡଳ, ଅକ୍ଷୟ ଜେନା, କୃଷ୍ଣଚନ୍ଦ୍ର ରାଉତ, କରୁଣାକର ମଣ୍ଡଳ, ଦୀପକ ବେହେରା, ବୀର ସେନ୍ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ପୂଜା ଉତ୍ସବରେ ବରିଷ୍ଠ ଡାକ୍ତର ଆର୍.କେ.ନାୟକ, ବିଶିଷ୍ଟ ସମାଜସେବୀ କିଶୋର ମହାପାତ୍ର, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ବିଧାୟକ ପ୍ରତିନିଧି ଶେଖର ମହାପାତ୍ର, ସିଡିଏମ୍‌ଓ ସୁଧି ରଞ୍ଜନ ନାୟକ, ସରକାରୀ ବରିଷ୍ଠ ଅଧିବକ୍ତା ନିତ୍ୟାନନ୍ଦ ନାୟକ, ଭଦ୍ରକ ଓକିଲ ସଂଘର ସଭାପତି ଅରୁଣ ଚାନ୍ଦ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, କାଉନସିଲର ଜ୍ୟୋର୍ତିମୟୀ ପଟ୍ଟନାୟକ, ଗୀତାଞ୍ଜଳି ଦାସ, ପୂର୍ବତନ କାଉନସିଲର ଗଜେନ୍ଦ୍ର ପଣ୍ଡା, ଶରତ ପଢିଆରୀ, ଯୁବ ସମାଜସେବୀ ସୂର୍ଯ୍ୟକୁମାର ଦାସ, ମୋହରିର ସଂଘ ସଭାପତି ଉମାକାନ୍ତ ସାହୁ, ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ଲଳାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ଗାନ୍ଧୀ ବିଚାର ମଂଚ ସଭାପତି ଶାନ୍ତନୁ ରାଉତ, ସମ୍ପାଦକ ସୁଧାକର ରାଉତ, ରୋଟାରିଆନ୍ ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଅତିସ ବେହେରା, ସମାଜସେବୀ ସ୍ୱାଧିନ ସୁନ୍ଦର ଦାସ, ଶିକ୍ଷାବିତ୍ ତ୍ରିଲୋଚନ ନାୟକ, ବାଦଲ ମହାପାତ୍ର, ରବିନ୍ଦ୍ର ଦାଶ, ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଆବାହକ ଶରତ କୁମାର ସାହୁଙ୍କ ସମେତ ଜିଲ୍ଲା ପ୍ରଶାସନ ଅଧିକାରୀ, ଆଇନଜୀବୀ, ସାମ୍ବାଦିକ, ଡାକ୍ତର, ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, ପୋଲିସ ପ୍ରଶାସନ ଅଧିକାରୀ, ଗ୍ରାମବାସୀଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ଚରିତ ମହିମା, କିମ୍ବଦନ୍ତୀ ଉପରେ ଆଲୋଚନା କରି ପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ। ସୂଚନାଥାଉକି, ଶହେବର୍ଷରୁ ଉର୍ଦ୍ଧ୍ୱର୍ ଧରି ଧର୍ମୀୟ ପରମ୍ପରାକୁ ନେଇ ଅନନ୍ତ ନାଗ ବ୍ରତ ପୂଜା ଉତ୍ସବ ପାଳନ ହୋଇ ଆସୁଥିବା ବେଳେ ୧୯୭୯ ମସିହାରେ ସ୍ୱପ୍ନାଦେଶ ହେବାରୁ ତିହିଡ଼ି ଥାନା ପାଳିଆ ନୂଆନନ୍ଦ ସାନହାଟୁଆରୀ ଗ୍ରାମର ମୂର୍ତ୍ତି କାରିଗର ବାବାଜୀ ପୃଷ୍ଟି ଅନନ୍ତ ଶୟ୍ୟା ବିଶିଷ୍ଟ ବିଗ୍ରହ ନିର୍ମାଣ କରି ପବିତ୍ର ଅକ୍ଷୟ ତୃତୀୟାରେ ମନ୍ଦିର ପ୍ରତିଷ୍ଠା ହୋଇ ଅଦ୍ୟାବଧି ଭକ୍ତି ନିଷ୍ଠାର ସହ ନରିପୁର ଅସ୍ତଳ ଗ୍ରାମରେ ଆଡମ୍ବର ସହକାରେ ଅଦ୍ୟାବଧି ପାଳିତ ହୋଇ ଆସୁଅଛି।

# ଜନସେବା କେନ୍ଦ୍ରରେ ଜାଲିଆତି ପାଇଁ ମାଲିକଙ୍କୁ ମାଡ ଅଭିଯୋଗ



ବୈଶିଙ୍ଗା - ୨୯ / ୯- ବୈଶିଙ୍ଗା ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଛକ ନିକଟରେ ଜନସେବା କେନ୍ଦ୍ର କରି ଦୁଇ ଭାଇ ସଞ୍ଜୟ କୁମାର ମହାନ୍ତି ଓ ନାରାୟଣ ମହାନ୍ତି ଜନ ସେବା କରିବା ନାମରେ ଜନ ଶୋଷଣ କରୁଥିବା ଯୋଗୁଁ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଥିଲା । ଦୁଇ ଭାଇଙ୍କ ନାମରେ ଦୁଇଟି ବ୍ଲକ ବେତନଟୀ ଓ ବଡସାହି ଅଧିନରେ ଆଇଡି ଥିବା ବେଳେ ବୈଶିଙ୍ଗା ଠାରେ ଏହି କେନ୍ଦ୍ର ଖୋଲି ଥିବା ନେଇ ପୂର୍ବରୁ ବିବାଦ ସୃଷ୍ଟି ହୋଇଥିଲା । କିଛି ଦିନ କେନ୍ଦ୍ର ବନ୍ଦ ରହିବା ପରେ ପୁଣି ଖୋଲା ଯାଇଥିଲା । ଆଜି ଏକ ଘଟଣା କ୍ରମରେ ଲାଲମୋହନ ମାରାଣ୍ଡି ନାମକ ବୈଶିଙ୍ଗା କଲେଜର ଛାତ୍ର ସେଠାରେ ପହଞ୍ଚି ନିଜ କିଛି କାମ କରିବାକୁ ପ୍ରସ୍ତାବ ଦେଇଥିଲେ । ମାତ୍ର ଜନ ସେବା କେନ୍ଦ୍ରର ମାଲିକ ସଞ୍ଜୟ କୁମାର ମହାନ୍ତି ଏହା କରି ପାରିବ ନାହିଁ ,ଯଦି କରିବ ତେବେ ଅଧିକ ଟଙ୍କା ଦାବି କରିଥିଲେ । ଏହି ଘଟଣାକୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ଧସ୍ତା ଧସ୍ତି ମଧ୍ୟ ହୋଇଥିଲା । ଏଥିରେ ଲାଲମୋହନ ହାତରେ ପିନ୍ଧିଥିବା ଲୁହା ବଳା ମାଡରେ ସଞ୍ଜୟ ର ମୁଣ୍ଡ ଫାଟି ଯାଇଥିଲା । ଏହି ଘଟଣାକୁ ନେଇ ସଞ୍ଜୟ ର ଅଭିଯୋଗ ମୂଳେ ଲାଲମୋହନ ଏବଂ ତାର ସହଯୋଗୀ କୁ ବୈଶିଙ୍ଗା ପୋଲିସ ଅଟକ ରଖିଥିବା ଜଣାଯାଇଛି।

# ଦୁଷ୍କର୍ମ ମାମଲାରେ ଜଣେ ଗିରଫ ହୋଇ କୋର୍ଟ ଚାଲାଣ

ବୈଶିଙ୍ଗା,୩୦/୦୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ନିମଡିହା ଗ୍ରାମରେ ଗତ କାଲି ମଙ୍ଗଳବାର ଅପରାହ୍ନରେ ଏକ ଦୁଷ୍କର୍ମ ମାମଲାରେ ଜଣେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ନିମଡିହା ଗ୍ରାମର ଜଗବନ୍ଧୁ ହେମ୍ବ୍ରମ ଙ୍କ ସ୍ତ୍ରୀ ସେହାଗୀ (୪୫) ଗ୍ରାମର ଆଶା ଦିଦିଙ୍କ ଠାରୁ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ଚାନ୍ଦୁ ମୁର୍ମୁର ପୁତ୍ର କୁସୁ ମୁର୍ମୁ (୩୫ ) ସେହାଗୀ କୁ ଏକ ପରିତ୍ୟକ୍ତ ଘରକୁ ଡାକି ନେଇ ଦୁଷ୍କର୍ମ କରିଥିଲା । ଏହି ସମୟରେ ସେହାଗୀର ସ୍ୱାମୀ ଜଗବନ୍ଧୁ ପହଞ୍ଚି ଯିବା ପରେ ଘଟଣା ଗ୍ରାମରେ ବିଚାର ହୋଇଥିଲା । ସମାଧାନ ନି ହେବାକୁ ମାମଲା ଥାନାକୁ ଆସିଥିଲା । ପୋଲିସ ୫୦୩/୨୬ ମୂଳେ ଏକ ମାମଲା ରୁଜୁ କରିବା ସହିତ କୁସୁ ମୁର୍ମୁ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଆଇ ଆଇ ସି ବାବା ଶଙ୍କର ସରାଫ୍ ନିଜେ ଘଟଣା ତଦନ୍ତ କରୁଛନ୍ତି ।

# ଆନ୍ତର୍ଜାତୀୟ ଫିଜିଓଥେରାପି ସମ୍ମେଳନରେ ପ୍ରତିନିଧିତ୍ୱ କଲେ ବାଲେଶ୍ୱରର ଦୁଇ ଡାକ୍ତର: ଡା. ହିତାର୍ଥ ଓ ଡା. ଦୁର୍ଗାଶଙ୍କର

ବାଲେଶ୍ୱର, ୩୦/୦୯ (ନି.ପ୍ର): ନୂଆଦିଲ୍ଲୀର ଜାତୀୟ ରାଜଧାନୀସ୍ଥିତ ଯଶୋଭୂମି କନଭେନସନ ସେଣ୍ଟରଠାରେ 'ଦି ଇଣ୍ଡିଆନ୍ ଆସୋସିଏସନ ଅଫ୍ ଫିଜିଓଥେରାପିଷ୍ଟସ' ଆନୁକୂଲ୍ୟରେ 'World Physiotherapy AWP Regional Conference ୨୦୨୬' ସମ୍ମେଳନ ଗତ ସେପ୍ଟେମ୍ବର ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଶ୍ୱସ୍ତରୀୟ ସମ୍ମେଳନରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଅନେକ ବିଶେଷଜ୍ଞ ଯୋଗ ଦେଇଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ କେବଳ ଦୁଇଜଣ ଫିଜିଓଥେରାପିଷ୍ଟ— ଡା. ହିତାର୍ଥ ପଟ୍ଟନାୟକ ଓ ଡା. ଦୁର୍ଗାଶଙ୍କର ପତି ଡେଲିଗେଟ୍ ଭାବେ ଯୋଗ ଦେଇ ସହର ପାଇଁ ଗୌରବ ଆଣିଦେଇଛନ୍ତି। IAPର ୭୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ



ଏହି ସମ୍ମେଳନରେ ଆଗାମୀ ଦିନରେ ଫିଜିଓଥେରାପି କ୍ଷେତ୍ରର ଅଗ୍ରଗତି, ନୂତନ ଗବେଷଣା, ଏଆଇ ଓ ଡିଜିଟାଲ୍ ଫିଜିଓଥେରାପିର ପ୍ରୟୋଗ, ଏବଂ 'ଭାରତକୁ ଯନ୍ତ୍ରଣାମୁକ୍ତ କରିବା' ଲକ୍ଷ୍ୟ ନେଇ ଆଲୋଚନା କରାଯାଇଥିଲା। ବାଲେଶ୍ୱରରୁ ଯାଇଥିବା ଏହି ଦୁଇ ଡାକ୍ତର ସମ୍ମେଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଚିକିତ୍ସା କ୍ଷେତ୍ରର ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କର ଏହି ସଫଳତା ପାଇଁ ବାଲେଶ୍ୱରର ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛାର ସ୍ରୋତ ଛୁଟିବାରେ ଲାଗିଛି।

# ରଘୁନାଥପାଲି ସୁନାରିପଡ଼ାରେ ଦୁର୍ଗାପୂଜା କମିଟି ଗଠିତ

ଝାରସୁଗୁଡା,୩୦/୦୯ (ନି.ପ୍ର): କୋଲାବିରା ବ୍ଲକ ରଘୁନାଥପାଲି ଗ୍ରାମ ସୁନାରିପଡ଼ାସ୍ଥିତ ଓଁ ଶ୍ରୀ ଶ୍ରୀ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆସନ୍ତା ଦୁର୍ଗାପୂଜା-୨୦୨୬ ଆୟୋଜନ ନେଇ ଏକ ବୈଠକ ଆଜି ଅନୁଷ୍ଠିତ ହେବା ସହ ନୂତନ କମିଟି ଗଠିତ ହୋଇଛି । ଚଳିତ ବର୍ଷର ଦୁର୍ଗାପୂଜାକୁ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରିବା ନେଇ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପୂଜା କର୍ତ୍ତା ଚୟନ ସହିତ ପୂଜା ଆୟୋଜନ, ମଣ୍ଡପ ସାଜସଜ୍ଜା, ଶୃଙ୍ଖଳା ଓ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ପୂଜା କର୍ତ୍ତା ଭାବେ ଚିଂଟୁ ସରାଫ ଓ ବନ୍ଦନା ସରାଫଙ୍କୁ ଚୟନ କରାଯାଇଥିଲା । ଏହାସହ ପରିଚାଳନା କମିଟିରେ ସଭାପତି ଯତିନ ସରାଫ, ଉପସଭାପତି ନୀଳକଣ୍ଠ ସରାଫ, ସମ୍ପାଦକ ସୁନୀଲ ସରାଫ, କୋଷାଧ୍ୟକ୍ଷ ରୋହିତ ସରାଫ ଓ ଉପ-କୋଷାଧ୍ୟକ୍ଷ ମିହିର ସରାଫଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ଅନୁଷ୍ଠିତ ସଭାରେ ଉମାକାନ୍ତ ସରାଫ, ଲକ୍ଷ୍ମୀନାରାୟଣ ସରାଫ, ମାନବଞ୍ଜନ ସରାଫ, ଚକ୍ରଧାରି ସରାଫ, ରଞ୍ଜୀବ ସରାଫ, ସଞ୍ଜୟ ସରାଫ, ଆୟୁଷ ସରାଫ, ମିଥୁନ ସରାଫ, ଆଦିତ୍ୟ ସରାଫ, ଅଜୟ ସାହୁ, ରାଜୀବ ସରାଫ, ଭଗବାନ ସରାଫ, ରାମଚନ୍ଦ୍ର ସରାଫ, ଲୋକେଶ ସୋନି, ରାଜେଶ ସରାଫ, ଅଞ୍ଜନ ସରାଫ, ତାପସ ସରାଫ, ସୌରଭ ସରାଫ, ସୁମିତ ସରାଫ, ହେମନ୍ତ ସରାଫ ଓ ଜୟକିଶୋର ସରାଫଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବେଆଇନ ଗୋ-ଚାଲାଣ ରାକେଟର ପର୍ଦ୍ଦାଫାଶ: ୩୨ ଗୋରୁ ଉଦ୍ଧାର

ମାଲକାନଗିରି ,୩୦/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ବେଆଇନ ଗୋ-ଚାଲାଣ ଉପରେ ଚଢାଉ କରି ପୋଲିସ ୩୨ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କାଲିମେଳା ବ୍ଲକର ଭେଙ୍କଟପାଲମ ଅଞ୍ଚଳରେ ବେଆଇନ ଭାବେ ଗୋରୁ ବିକ୍ରି ପାଇଁ ଯାଇଥିବା ନେଇ ଥାନା ଅଧିକାରୀଙ୍କ ପାଖକୁ ଖବର ଆସିଥିଲା। ଖବର ପାଇବା ମାତ୍ରେ ଆଇଆଇସି ପ୍ରଭୁଦତ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ଚଢାଉ କରିଥିଲା । ଚଢାଉ ବେଳେ ଘଟଣାସ୍ଥଳରୁ ୩୨ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା ।

# ସ୍ୱଚ୍ଛତା ସେବା ଦିବସ ପାଳିତ



ଲଙ୍ଗଳେଶ୍ୱର ,୩୦/୦୯ (ନି.ପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୭ ସେପ୍ଟେମ୍ବର ଠାରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ସେବା ଓ ବିଶ୍ୱ ପର୍ଯ୍ୟଟନ ଦିବସ ଡଗରା ଠାରେ ଥିବା ମଦର ଟେରେସା ସେବା ସଂଘ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାଶ, ମୁଖ୍ୟ ବକ୍ତା ଭାବେ ମଦର ଟେରେସା ବିଦ୍ୟାଳୟର ସମ୍ପାଦକ ଅନିରୁଦ୍ଧ ପାତ୍ର,ସମ୍ମାନିତ ଅତିଥି ଭାବେ ଡିଆରସିର ଅଧିକାରିଣୀ ସ୍ନେହଲତା ମହାନ୍ତି, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ,ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା, ଜିପିଡିଓ ପ୍ରୀୟବ୍ରତ ଗିରି, ସମିତି ସଦସ୍ୟ ମନୋଜ ଦାସ, ଡଗରା ବେଳାଭୂମି ଉନ୍ନୟନ କମିଟିର ସଭାପତି ନିତ୍ୟାନନ୍ଦ ଜେନା, ସଦସ୍ୟ ଅର୍ଜୁନ ବାରିକ,ମୁକ୍ତିପଦ ନନ୍ଦୀ, ରବିନ୍ଦ୍ର ମଣ୍ଡଳ, ପ୍ରତାପ ଧଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ବିଦ୍ୟାଳୟ ରୁ ବେଳାଭୂମି ପର୍ଯ୍ୟନ୍ତ ଏକ ସ୍ୱଚ୍ଛତା ରାଲି ବାହାରୀ ସମୁଦ୍ର ବେଳାଭୂମିରେ ପହଞ୍ଚି ସଫେଇ କାର୍ଯ୍ୟ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱଚ୍ଛତା ସମ୍ପର୍କୀତ ଭାଷଣ,ନୃତ୍ୟ ସଙ୍ଗୀତ, ଅଭିନୟ ପ୍ରଭୃତି ପରିବେଷଣ କରିଥିଲେ । ଶିକ୍ଷକ ଚିତ୍ତରଞ୍ଜନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଆରସିର ଅଧିକାରିଣୀ ସୁପ୍ରିୟା ବିଶ୍ୱାଳ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରିଣୀ ମାଗଦେଲେନା ମାରାଣ୍ଡି ଧନ୍ୟବାଦ୍ ଅର୍ପଣ କରିଥିଲେ। ପରିଶେଷରେ ସମସ୍ତେ ପରିବେଶ କୁ ସ୍ୱଚ୍ଛତା ରଖିବା ପାଇଁ ଶପଥ ପାଠ କରିଥିଲେ।

# ନିଶାମୁକ୍ତ ପଞ୍ଚାୟତ ଗଠନ ପାଇଁ ସଚେତନତା ଅଭିଯାନ




ଲଙ୍ଗଳେଶ୍ୱର ,୩୦/୦୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ପିରାଇ ନୂଆଗାଁ ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ଦୀର୍ଘ ଦିନ ଧରି ମହିଳା ମାନେ ଅଣ୍ଟା ଭିଡି ଆସୁଛନ୍ତି। ପ୍ରତ୍ୟେକ ଗାଁରେ ମାଳମାଳ ଚୋରା ମଦ ଦୋକାନ ଖୋଲିଛି। ଛୁଆ ଠାରୁ ବୁଢ଼ା ମଦ ପିଇ ପରିବାର ଅଶାନ୍ତି କରିବା ସହିତ ଚୋରି ଛିନ୍ନତାଇ ଡ଼କାୟତି , ଅସାମାଜିକ କାର୍ଯ୍ୟକଳାପ ବଢ଼ି ବଢ଼ି ଚାଲିଛି ।କଲେଜ ପିଲା ପାଠ ପଢିବା ବଦଳରେ ମଦ ଭାଟିରେ ଆଧିଆ ପଡି ରହୁଥିବା ଦେଖିବାକୁ ମିଳୁଛି। ଅଧିକାଂଶ ପରିବାର ପୁରୁଷ ଲୋକମାନେ ନିଶା ଦ୍ରବ୍ୟ ସେବନ କରିବା ଘରର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି ଫଳରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି। ଏହି ଚିନ୍ତାରେ ମହିଳା ଏବଂ ସଚେତନ ଗ୍ରାମବାସୀ। ନିଶାମୁକ୍ତ ପଞ୍ଚାୟତ ଗଠନ କରିବା ସଂକଳ୍ପ ନେଇ ମହିଳା ମାନେ ସଚେତନତା ଅଭିଯାନ କରିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଜନନୀ ପରିବାର ମିଳିତ ସହଯୋଗ କରିଥିଲେ। ଏହି ରାଲି ନୂଆଗାଁ ବଜାରରୁ ବାହାରି ସୁନ୍ଦରି କୋଇଲି, କଟରାମହଲ, ଟିକରପଡା ମଧ ଦେଇ ଜମ୍ପିରାଇ ପର୍ଯ୍ୟନ୍ତ ଯାଇଥିଲା। ମହିଳା ମାନେ ପ୍ଲାଇ କାର୍ଡ ଦେଖାଇ ଗ୍ରାମାଞ୍ଚଳରେ ଚୋରା ମଦ ଦୋକାନକୁ ବନ୍ଦ କରନ୍ତୁ ବୋଲି ସରକାର ଏବଂ ପ୍ରଶାସନକୁ ଦାବି କରିଥିଲେ। ଏହି ରାଲିରେ ଜନନୀ ପରିବାରର ମୁଖ୍ୟ, ଆଇନଜୀବୀ ଜ୍ୟୋତ୍ସ୍ନା ରାଣୀ ମହାନ୍ତି, ଲକ୍ଷ୍ମୀ ବେହେରା, ବ୍ଲକ ସଭାନେତ୍ରୀ ସୁଭଦ୍ରା ରାଉତ, ଜୟନ୍ତୀ ରାଉତ, ମମତା ପାତ୍ର,ଜାଇ ରାଉତ, ମୀନତି ରାଉତ, ବାସନ୍ତୀ ଦଳାଇ, ଯମୁନା ଦଳାଇ, ସ୍ନେହଲତା ରାଉତ, ସବିତା ବେହେରା, ସସ୍ମିତା ରାଉଳ,ଗୁରୁବାରି ଦଳାଇ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ କମଳ ଲୋଚନ ଦଳାଇ,ଦିପକ ସ୍ୱାଇଁ , ରଞ୍ଜନ ରାଉତ,ଗୌରାଙ୍ଗ ରାଉତ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।

# ଆଙ୍ଗନ କା ଉତ୍ସବ ଉଦ୍ଯାପିତ

ବାଲିଆପାଳ ,୩୦/୦୯ (ନି.ପ୍ର): ସରକାରଙ୍କ ପକ୍ଷରୁ ତିନି ଦିନ ଧରି ଆୟୋଜିତ ହୋଇଆସୁଥିବା ଅଙ୍ଗନୱାଡି ଆଙ୍ଗନ କା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଏହି ଉତ୍ସବ ବାଲିଆପାଳ ବ୍ଲକରେ ଥିବା ୩୮୭ ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ପାଳିତ ହୋଇଯାଇଛି। ଏହି କ୍ରମରେ ଶ୍ରୀରାମ ପଞ୍ଚାୟତରେ ଥିବା ରେମୁ ଅଙ୍ଗନୱାଡ଼ି ୩ ରେ ମହାସମାରୋହରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବାଲିଆପାଳ ସିଡ଼ିପିଓ ସୁନିତା ନାୟକ, ସମ୍ମାନୀତ ଅତିଥି ଭାବେ ମମତା ପିଏ ଗୋପାଳ ଚନ୍ଦ୍ର ଗିରି,ସୁପରଭାଇଜର ଉର୍ମିଳା ସେନାପତି, ସୁମିତ୍ରା ପାତ୍ର, ସ୍ଥାନୀୟ ୱର୍ଡମେମ୍ବର ଗୋପିନାଥ ରାଉତ ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପୋଷଣ ଯୁକ୍ତ ଖାଦ୍ୟ ପ୍ରସ୍ତୁତ କରି କୁନି ପିଲାଙ୍କୁ ପ୍ରଦାନ କରାଯାଇଥିଲା ଓ ପ୍ରଥମ ଦିନରେ ଅଭିଭାବକ ମାନଙ୍କ ଦ୍ୱାରା ତ୍ରୀରଙ୍ଗା ଥାଳି ସୋପାନରେ ପୋଷଣ ପିଠା, ଚୁଡା ଉପମା, ମାଣ୍ଡିଆ ପିଠା, କ୍ଷୀରି ପୃଭୂତିର ଖାଦ୍ୟର ପ୍ରତିଯୋଗିତା, ଦ୍ୱିତୀୟ ଦିନରେ ପିଲାଙ୍କ ପ୍ରତିଭା ଅନେଷ୍ୱଣ କାର୍ଯ୍ୟକ୍ରମ, ତୃତୀୟ ଦିନରେ ସରକାରଙ୍କ ବିଭିନ୍ନ ଯୋଜନାର ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପୁରସ୍କାର ବିତରଣ କରାଯାଇଥିଲା।

# ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାରେ ଦୃଷ୍ଟିହୀନ ବିଦ୍ୟାଳୟର ସଫଳତା

ବାଲେଶ୍ୱର,୩୦/୦୯ (ନି.ପ୍ର): ଦୃଷ୍ଟିବାଧିତଙ୍କ ପାଇଁ ଆୟୋଜିତ ତୃତୀୟ ଓସିଏଭିସି ଦୃଷ୍ଟିବାଧିତଙ୍କ ପାଇଁ ଓଡ଼ିଶା ଚେସ୍ ଚାମ୍ପିୟନଶିପ୍-୨୦୨୬ ଚେସ୍ ପ୍ରତିଯୋଗିତାରେ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ରାଣୀପାଟଣା, ବାଲେଶ୍ୱରର ୧୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଚେସ୍ ପ୍ରତିଯୋଗିତା ୨୬ ଓ ୨୭ ସେପ୍ଟେମ୍ବର ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ପ୍ରଚେଷ୍ଟା ଠାରେ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ୬୦ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜର ଚେସ୍ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୦ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଚୟନ ପାଇଁ ମନୋନୀତ ହୋଇଥିବାବେଳେ, ସେଥିମଧ୍ୟରୁ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ରାଣୀପାଟଣା, ବାଲେଶ୍ୱରର ଦୁଇଜଣ ଛାତ୍ରୀ— ମେଘନା ସିଂହ ଓ ଇତିକ୍ରୀଷ୍ଣା ଭଞ୍ଜ— ରାଜ୍ୟସ୍ତରରେ ଚୟନ ହୋଇଛନ୍ତି। ଏହି ଦୁଇ ଛାତ୍ରୀ ୨୩ ରୁ ୨୫ ଅକ୍ଟୋବର ୨୦୨୬ରେ ଗୁଜରାଟରେ ଆୟୋଜିତ ହେବାକୁ ଥିବା ପରବର୍ତ୍ତୀ ଜାତୀୟ ସ୍ତରର ଚେସ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସେମାନଙ୍କର ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ,



କର୍ମଚାରୀ ଓ ଅଭିଭାବକମାନେ ଆନନ୍ଦ ପ୍ରକାଶ କରିବା ସହ ଦୁଇ ଛାତ୍ରଛାତ୍ରୀଙ୍କୁ ଆଗାମୀ ପ୍ରତିଯୋଗିତା ରେ ସଫଳତା ପାଇଁ ନିର୍ଦ୍ଦେଶକ ଶ୍ରୀ ଦିବାକର ସ ଶୁଭେଚ୍ଛା ଜଣାଇଛନ୍ତି।

# ବାପା ମା' ଛେଉଣ୍ଡ ଆଦିବାସୀ ଶିଶୁ କନ୍ୟାଙ୍କ ଦୁଃଖ କାହାଣୀ

## କେତେବେଳେ ମାମୁଁ ଘର ତ କେତେବେଳେ କକା ଘର ପାଲଟୁଛି ଆଶ୍ରୟସ୍ଥଳ

ଉଦଳା , ୩୦/୯ (ନି.ପ୍ର): ପିଲାଟି ଦିନରୁ ବାପା ମା'ଙ୍କୁ ହରାଇଥିବା ଶିଶୁ ମାନେ ଖୁବ୍ ଦୁଃଖ, ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ ହେଉଛନ୍ତି । ଏହିପରି ଦୃଶ୍ୟ ମୟୂରଭଂଜ ଜିଲ୍ଲାରେ ବହୁଳ ଭାବରେ ଦେଖିବାକୁ ମିଳୁଛି । ଏହିସବୁ ପିଲା,ମାନଙ୍କର ଦୁଃଖ ବୁଝିବା ପାଇଁ କୌଣସି ଅଧିକାରୀ ତତ୍ପରତା ପ୍ରକାଶ କରୁନଥିବାରୁ ଏଥିପାଇଁ କେହି ଦାୟିତ୍ୱରେ ଥିବା ପରି ଜଣା ପଡୁ ନାହିଁ । ଏହାସବୁଠାରୁ ଅଧିକ ଦୁଃଖ ଓ ଯନ୍ତ୍ରଣାଦାୟକ ବିଷୟ ପାଲଟିଛି ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମରୁ ଏହିଭଳି ଏକ ଚିତ୍ର ନଜରକୁ ଆସିଛି । ଏହି ଗ୍ରାମରେ ଲିପ୍‌ସା ସିଂ ନାମକ ଜଣେ ୧୨ ବର୍ଷ ବୟସର ଶିଶୁ କନ୍ୟା ତାଙ୍କର କକା ରବିନ୍ଦ୍ର ସିଂ ଓ ଖୁଡ଼ି ରସ୍ମିତା ସିଂଙ୍କ ପାଖରେ ଆଶ୍ରୟ ନେଇଛନ୍ତି । ଲିପ୍‌ସା ଛୋଟ ଥିବା ବେଳେ ତାଙ୍କର ପିତା ବାପି ସିଂ ଓ ମାତା ଗୁରୁବାରି ସିଂଙ୍କର ଦେହାନ୍ତ ହୋଇ ଯାଇଛି । ଲିପ୍‌ସା ସମ୍ପୂର୍ଣ୍ଣ ଅନାଥ ହୋଇଯିବା ପରେ ତାଙ୍କର ମାମୁଁଘରେ ଆଶ୍ରୟ ନେଇଥିଲେ । କିନ୍ତୁ ମାମୁଁଘରର ଆର୍ଥିକ ଅବସ୍ଥା



ସ୍ୱଚ୍ଛଳ ନଥିବାରୁ ସେଠାରେ ତାଙ୍କୁ ଆଉ ରଖିବାକୁ କେହି ଚାହିଁଲେ ନାହିଁ । ପରେ ସେ ତାଙ୍କର କକା ଓ ଖୁଡ଼ିଙ୍କ ପାଖରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି । ଲିପ୍‌ସା ବର୍ତମାନ ରଘୁନାଥପୁର ଗ୍ରାମ ନିକଟରେ ଥିବା ସାନଖଲାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି । କକା ଓ ଖୁଡ଼ି ଲିପ୍‌ସାଙ୍କୁ ସରକାର ଖୋଲିଥିବା ହଷ୍ଟେଲରେ ରଖିଦେବାକୁ ଗୁହାରି ଜଣାଇଛନ୍ତି । କିନ୍ତୁ ଲିପ୍‌ସାଙ୍କର ଆଧାର କାର୍ଡ଼ ନଥିବାରୁ ହଷ୍ଟେଲ ମାନଙ୍କରେ କାର୍ଯ୍ୟରତ ସରକାରୀ ବାବୁ ମାନେ ଆଇନ କାନୁନର ପାଠ ପଢ଼ାଇ ତାଙ୍କୁ ନରଖି ଫେରାଇ ଦେଉଥିବାର କଥା ଜଣାଇଛନ୍ତି । ଆଧାର ପାଇଁ ଲିପ୍‌ସା ବାରମ୍ବାର ଫଟୋ ଉଠାଥିଲେ ମଧ୍ୟ କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା କହିଛନ୍ତି । ସେହିପରି ଖାଦ୍ୟ ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ଲିପ୍‌ସା ପାଇବାରୁ ବଂଚିତ ଅଛନ୍ତି । ଲିପ୍‌ସା କିପରି ହଷ୍ଟେଲରେ ରହିବେ ଓ ପାଠ ପଢ଼ିବେ ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା ସରକାର ତୁରନ୍ତ କରିଦେବାକୁ ଜନଜାଗୃତି ମଂଚର ଉର୍ମି ଲିଡ଼ର ମାନେ ଦାବି ଜଣାଇଛନ୍ତି । ଶିକ୍ଷା ଚୌପାଲ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବା ବେଳେ ଉର୍ମି ଲିଡ଼ର ମାନେ ଏଭଳି ଏକ ଖବର ସଂଗ୍ରହ କରିଥିବାର କଥା କହିଛନ୍ତି ।

# ଜାଳେଣି କାଠ ସଂଗ୍ରହକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

## ଲୁହା ରଡ୍‌ରେ ଗୋଡ଼କୁ ପିଟିବା ସହ ଟାଙ୍ଗିଆରେ ହାତକୁ ହାଣିଲେ: ଅଭିଯୁକ୍ତ ଅଟକ

ଖୋର୍ଦ୍ଧା, ୩୦/୯ (ନି.ପ୍ର): ଜାଳେଣି କାଠ ସଂଗ୍ରହକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ଜଙ୍କିଆ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଆକ୍ରମଣରେ ଗୁରୁତର ଆହତ ହୋଇଥିବା ହଜ ଗ୍ରାମର ଗୋପାଳ ମହାରଣାଙ୍କୁ ପ୍ରଥମେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଖୋର୍ଦ୍ଧାସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏ ସଂକ୍ରାନ୍ତରେ ଗୋପାଳଙ୍କ ପତ୍ନୀ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଜଙ୍କିଆ ଥାନା ଅନ୍ତର୍ଗତ ହଜ ଗ୍ରାମର ଗୋପାଳ ମହାରଣା ଜାଳେଣି କାଠ ସଂଗ୍ରହ କରିବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ । ଟାଙ୍ଗୋଳ ଛକଠାରୁ ନିଧିପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଜେସିବି ମେସିନ୍ ? ସାହାଯ୍ୟରେ ଉପୁଡ଼ାଯାଇଥିବା ଗଛରୁ ସେ କାଠ ସଂଗ୍ରହ କରୁଥିବା ସମୟରେ କଲରାଝର ଗ୍ରାମର ପ୍ରଦେଶ ଜୟସିଂହ ସେଠାରେ ପହଞ୍ଚିଥିଲେ । ସେ କୌଣସି କାରଣକୁ କେନ୍ଦ୍ର କରି ଗୋପାଳଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ, ଅଭିଯୁକ୍ତ ଏକ ଲୁହା ରଡ୍ ?ରେ ଗୋପାଳଙ୍କ ଗୋଡ଼କୁ ଆଘାତ କରିବା ସହ ଟାଙ୍ଗିଆରେ ତାଙ୍କ ହାତକୁ ହାଣି ଦେଇଥିଲେ । ଫଳରେ ଗୋପାଳ ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ଘଟଣାସ୍ଥଳରେ ପଡ଼ି ରହିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଘରେ ପହଞ୍ଚାଇଥିଲେ । ପରେ ପରିବାର ଲୋକେ ତାଙ୍କୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧାସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ଗୋପାଳଙ୍କ ପତ୍ନୀ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଅଭିଯୁକ୍ତ ପକ୍ଷରୁ ପୁଲିସ ଉପରେ ରାଜନୈତିକ ଚାପ ପ୍ରୟୋଗ କରାଯାଇ ମାମଲାର ଆପୋସ ସମାଧାନ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି । ଏହାପରେ ଉପରିସ୍ଥ ପୁଲିସ ଅଧିକାରୀଙ୍କ ହସ୍ତକ୍ଷେପ ପରେ ପୁଲିସ ଅଭିଯୁକ୍ତ ପ୍ରଦେଶ ଜୟସିଂହଙ୍କୁ ଗିରଫ କରି ଅଟକ ରଖିଥିବା ଜଣାପଡ଼ିଛି ।

ତେବେ ଏହି ଘଟଣାରେ ପୁଲିସର ପରବର୍ତ୍ତୀ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି ।

# ପୋଷଣ ମାସରେ ଅଙ୍ଗନୱାଡ଼ି ପିଲାମାନଙ୍କ ସହ ଖୁସି ବାଣ୍ଟିବାକୁ ନିବେଦନ

ନୂଆଦିଲ୍ଲୀ, ୩୦/୯ : କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଲୋକମାନଙ୍କୁ ନିବେଦନ କରିଛନ୍ତି ଯେ ପୋଷଣ ମାସ ସମୟରେ ଅଙ୍ଗନୱାଡ଼ି କେନ୍ଦ୍ରର ପିଲାମାନଙ୍କ ସହିତ ସେମାନଙ୍କର ଜନ୍ମଦିନ, ପର୍ବ କିମ୍ବା କୌଣସି ସ୍ୱତନ୍ତ୍ର ଉତ୍ସବର ଖୁସି ବାଣ୍ଟନ୍ତୁ । ସେ କହିଥିଲେ ଯେ ଏଭଳି ଅବସରରେ ପିଲାମାନଙ୍କ ସହ ପୁଷ୍ଟିକର ଖାଦ୍ୟ ବାଣ୍ଟିବା ଦ୍ୱାରା ଏକ ସୁସ୍ଥ ବାଲ୍ୟାବସ୍ଥାର ମୂଳଦୁଆ ସୁଦୃଢ଼ ହୋଇପାରିବ । ବୁଧବାର ଦିନ ଅନ୍ନପୂର୍ଣ୍ଣା ଦେବୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ପୋଷ୍ଟ କରିଛନ୍ତି, 'ପିଲାମାନଙ୍କୁ ପ୍ରତ୍ୟେକ ଖୁସିରେ ପୋଷଣ କରିବା, ପ୍ରତ୍ୟେକ ପଦକ୍ଷେପରେ ଜନସାଧାରଣଙ୍କ ଅଂଶଗ୍ରହଣ । ଅଙ୍ଗନୱାଡ଼ି ପିଲାମାନଙ୍କୁ ସେମାନଙ୍କ ଜନ୍ମଦିନ, ପର୍ବପର୍ବାଣୀ କିମ୍ବା ପୋଷଣ ମାହ ସମୟରେ ଅନ୍ୟାନ୍ୟ ସ୍ୱତନ୍ତ୍ର ଅବସରରେ ପୁଷ୍ଟିକର ଖାଦ୍ୟ ବାଣ୍ଟିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।ସେ କହିଥିଲେ ଯେ ଗୋଷ୍ଠୀଗତ ଅଂଶଗ୍ରହଣ ଜରିଆରେ ପିଲାମାନଙ୍କ ପୁଷ୍ଟିସାଧନ ଏବଂ ସୁସ୍ଥ ବାଲ୍ୟାବସ୍ଥାକୁ ପ୍ରୋତ୍ସାହନ ଦିଆଯାଇପାରିବ । ଏହି ପଦକ୍ଷେପରେ ସାମିଲ ହୋଇ ଏକ ସୁସ୍ଥ ବାଲ୍ୟକାଳ ଏବଂ ଏକ ସୁଦୃଢ଼ ଭାରତର ମୂଳଦୁଆ ପକାଇବା ଲାଗି ମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗରେ ନବାଗତଙ୍କର ଅନୁସ୍ଥାପନ ଓ ସ୍ୱାଗତ ସମାରୋହ




ବାରିପଦା, ୩୦/୯ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ଔପଚାରିକ ଭାବେ ସ୍ୱାଗତ କରିବା ଏବଂ ବିଭାଗର ଶିକ୍ଷା ପରିବେଶ ସହିତ ପରିଚିତ କରାଇବା ଉଦ୍ଦେଶ୍ୟରେ ଏକ ଭବ୍ୟ ଅନୁସ୍ଥାପନ ଓ ସ୍ୱାଗତ ସମାରୋହ 'ଇକୋନୋଭା' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ଶୋଧାର୍ଥୀ, ନବାଗତ ଛାତ୍ରଛାତ୍ରୀ ଏବଂ ବରିଷ୍ଠ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହା ମାଧ୍ୟମରେ ନବାଗତ ଛାତ୍ରଛାତ୍ରୀଙ୍କୁ ବିଭାଗର ଶିକ୍ଷାଦାନ ପ୍ରକ୍ରିୟା, ବିଭିନ୍ନ ଏକାଡେମିକ୍ କାର୍ଯ୍ୟକ୍ରମ, ବିଭାଗୀୟ ବ୍ୟବସ୍ଥା ତଥା ଶିକ୍ଷା ଓ ସହଶିକ୍ଷା କାର୍ଯ୍ୟକଳାପର ସୁଯୋଗ ସମ୍ପର୍କରେ ପରିଚିତ କରାଯାଇଥିଲା । ଏହି ଅବସରରେ ବିଭାଗୀୟ ଅଧ୍ୟାପକ-ଅଧ୍ୟାପିକାମାନେ ସମସାମୟିକ ସାମାଜିକ ଓ ଅର୍ଥନୈତିକ ପ୍ରସଙ୍ଗକୁ ବୁଝିବାରେ ଅର୍ଥନୀତି ବିଷୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିସହିତ ଛାତ୍ରଛାତ୍ରୀଙ୍କୁ ବିଶ୍ଳେଷଣାତ୍ମକ ଚିନ୍ତନ, ଜିଜ୍ଞାସା ଏବଂ ଗବେଷଣାଭିତ୍ତିକ ଦୃଷ୍ଟିକୋଣ ବିକଶିତ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଏକ ଆଲୋଚନାତ୍ମକ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ନବାଗତ ଛାତ୍ରଛାତ୍ରୀମାନେ ନିଜର ପରିଚୟ, ଶିକ୍ଷାଗତ ଆଗ୍ରହ ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବରିଷ୍ଠ ଛାତ୍ରଛାତ୍ରୀମାନେ ବିଭାଗରେ ନିଜର ଅଭିଜ୍ଞତା ବାଣ୍ଟିବା ସହ ନବାଗତମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ବିଭାଗର ସାପ୍ତାହିକ ଅର୍ଥନୀତି ସେମିନାର 'ଅର୍ଥରେଖା' ର ଲୋଗୋ ବିଭାଗର ମୁଖ୍ୟ ପ୍ରଫେସର କବିତା କୁମାରୀ ସାହୁ ଉନ୍ମୋଚନ କରିଥିଲେ । ଏଥିସହିତ ବିଭାଗର ଉଭୟ ଶ୍ରେଣୀ ପାଇଁ କ୍ଲାସରୁମ୍ ପ୍ରତିନିଧି ଏବଂ ଆଗାମୀ ଶିକ୍ଷା ବର୍ଷ ପାଇଁ ସେମିନାର ସେକ୍ରେଟାରୀ ଓ ଆସିଷ୍ଟାଣ୍ଟ ସେମିନାର ସେକ୍ରେଟାରୀଙ୍କର ଚୟନ କରାଯାଇଥିଲା ।

# ସାନଖୁଡୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



ବସ୍ତା , ୩୦/୯ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ବସ୍ତା ଗୋଷ୍ଠୀ ଶିକ୍ଷା ଅଧିନସ୍ଥ ସାନଖୁଡୀ କ୍ଲୋଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆଜି ଅନୁଷ୍ଠିତ ହୋଇଯାଇଛି ଫୁଲମଣି ବିଦ୍ୟାପୀଠ ଟିଗିରିଆ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଟିଗିରିଆ ର ମିଳିତ ପରିଚାଳନା ରେ ଏହି ଶିଶୁ ମହୋତ୍ସବ ରେ ପ୍ରଥମେ ଫୁଲ ମଣି ବିଦ୍ୟାପୀଠ ର ବହୁ ପ୍ରଶଂସିତ ସମଗ୍ର ରାଜ୍ୟରେ ଚର୍ଚ୍ଚିତ ପ୍ରାର୍ଥନା କୁ ସମସ୍ତ ଆମନ୍ତ୍ରିତ ଅତିଥି ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ଓ ଛାତ୍ର ଛାତ୍ରୀ ଙ୍କ ଉପସ୍ଥିତି ରେ ଉଭୟ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ପରିବେଷଣ କରିଥିଲେ ପରେ ଆୟୋଜିତ ସଭାରେ ଫୁଲ ମଣି ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ଦିଲ୍ଲିପ୍ କୁମାର ଭୂୟାଁ ସଭାପତିତ୍ୱ କରିଥିଲାବେଳେ ସାନଖୁଡୀ ସି ଆର ସିସି ଭୋଳାନାଥ ବେହେରା ମଂଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ଭାବେ ବସ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି ଆର୍ ସି ସି ମିହିର କୁମାର ଦାସ ମୁଖ୍ୟ ବକ୍ତା ଭାବେ ସମ୍ବାଦ ସାହିତ୍ୟ ଘର ବସ୍ତା ର ସଭାପତି ଇଂ ସୁଧାଂଶୁ ଶେଖର ଜେନା ସମ୍ମାନିତ ଅତିଥି ଭାବେ ଅନ୍ୟତମ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁହ୍ୟା ଟୁଡୁ ଯୋଗ ଦେଇ ପ୍ରଦ୍ୱୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ଜୀବନ ର ପଥ ଭାରି ଦନ୍ତୁରିତ ଆରୋହଣ ର ପଥ କେବେ ଗୋଲାପ ର ଶେଜ ନୁହେଁ ସୁରଭି ଶୁଭାଶିଷ ଭଳି ମହକିବା ପାଇଁ ପିତା ମାତା ଗୁରୁ ଙ୍କ ଆଶିଷ ଜିଣିବା ସହ ସଂଗ୍ରାମ ଓ ସଂଘର୍ଷ କଲେ ଜୀବନ ମଧୁମୟ ହୁଏ ସଫଳତା ଛୁଏଁ ବୋଲି ମୁଖ୍ୟ ବକ୍ତା ଶ୍ରୀ ଜେନା ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଧାନହେଣ୍ଡା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭୋଳା ବେହେରା ପ୍ରଧାନ ଶିକ୍ଷକ ହେମନ୍ତ ବେହେରା ଦିପ୍ତେନ୍ଦୁ ପରିଡା ମଂଚାସୀନ ଥିଲେ ଶେଷରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା କ୍ଲୋଷ୍ଟର ସ୍ତରୀୟ ପ୍ରତିଯୋଗିତା ରେ କୃତିତ୍ୱ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା ଏହି କାର୍ଯ୍ୟକ୍ରମ ରେ କ୍ଲୋଷ୍ଟର ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା ରେ ସହଯୋଗ କରିଥିଲେ ।

# ଗହମର ଏମଏସପିରେ ୨୫ ଟଙ୍କା ବୃଦ୍ଧି, କ୍ୱିଂଟାଲ ପିଛା ୨,୬୧୦ ଟଙ୍କା ହେଲା ମୂଲ୍ୟ

ନୂଆଦିଲ୍ଲୀ,୩୦/୯ : କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳ ୨୦୨୭-୨୮ ପାଇଁ ଗହମର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) କ୍ୱିଂଟାଲ ପିଛା ୨୫ ଟଙ୍କା ବୃଦ୍ଧିକୁ ଅନୁମୋଦନ କରିଛି । ଏହି ବୃଦ୍ଧି ପରେ ଗହମର ଏମଏସପି କ୍ୱିଂଟାଲ ପିଛା ୨,୬୧୦ ଟଙ୍କା ହୋଇଛି । ବିପଣନ ବର୍ଷ ୨୦୨୬-୨୭ରେ ଗହମର ଏମଏସପି ୨,୫୮୫ ଟଙ୍କା ପ୍ରତି କ୍ୱିଂଟାଲ ଥିଲା । କେନ୍ଦ୍ରୀୟ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ବିପଣନ ବର୍ଷ ୨୦୨୭-୨୮ ପାଇଁ ସମସ୍ତ ବାଧ୍ୟତାମୂଳକ ରବି ଫସଲର ଏମଏସପି ବୃଦ୍ଧିକୁ ଅନୁମୋଦନ କରିଛି । ସେ କହିଛନ୍ତି ଯେ, କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ଉଚ୍ଚମ ମୂଲ୍ୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ରବି ଫସଲଗୁଡ଼ିକର ଏମଏସପି ବୃଦ୍ଧି କରିଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ଅନୁଯାୟୀ ଗହମ ବ୍ୟତୀତ ଅନ୍ୟ ପ୍ରମୁଖ ରବି ଫସଲର ସହାୟକ ମୂଲ୍ୟରେ ମଧ୍ୟ ବୃଦ୍ଧି କରାଯାଇଛି । ବୈଷ୍ଣବଙ୍କ ଅନୁଯାୟୀ, କୁସୁମର ଏମଏସପିରେ ସର୍ବାଧିକ କ୍ୱିଂଟାଲ ପିଛା ୬୭୫ ଟଙ୍କା ବୃଦ୍ଧି କରାଯାଇଛି । ଏହା ପରେ ରେପସିଡ୍ ଓ ସୋରିଷର ଏମଏସପିରେ କ୍ୱିଂଟାଲ ପିଛା ୪୧୩ ଟଙ୍କା ବୃଦ୍ଧି ହୋଇଛି । ମସୁରର ଏମଏସପିରେ କ୍ୱିଂଟାଲ ପିଛା ୩୯୦ ଟଙ୍କା, ଯଅରେ ୧୩୬ ଟଙ୍କା ଏବଂ ଚଣାରେ ୮୩ ଟଙ୍କା ବୃଦ୍ଧି କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଦୀର୍ଘ ୮ ବର୍ଷ ପରେ ହେବ...

କାର୍ଯ୍ୟକାରୀ କରିବା ପାଇଁ ଏ ଭିତରେ ୩ ବର୍ଷ ହେବାକୁ ଯାଉଛି । ନୂଆ ଛାତ୍ର ନେତୃତ୍ୱ ସୃଷ୍ଟି କରିବା ପାଇଁ ସରକାରଙ୍କ ଏ ନିଷ୍ପତ୍ତିକୁ ୩ ପ୍ରମୁଖ ଛାତ୍ର ସଂଗଠନ ସ୍ୱାଗତ କରିବା ନିର୍ବାଚନ ନେଇ ପ୍ରସ୍ତୁତ ଥିବା ଦୃଢ଼ୋକ୍ତି ବାଢ଼ିଛନ୍ତି । ସାମ୍ପ୍ରତିକ ରାଜନୈତିକ ସ୍ଥିତିରେ ଚର୍ଚ୍ଚାରେ ଜେନ୍-ଜି । ଏହି ବର୍ଗକୁ ନିଜ ଆଡ଼କୁ ଆକୃଷ୍ଟ କରିବା ଏବଂ ପଞ୍ଚାୟତ ପୂର୍ବରୁ ଯୁବ ଓ ଛାତ୍ର ଭୋଟରଙ୍କ ନାଡ଼ି ଚିପିବା ଲକ୍ଷ୍ୟରେ ଶାସକ ଦଳ ।

## ଏସସିବିରେ ରୋଗୀଙ୍କ ମୃତ୍ୟୁକୁ ନେଇ ...

ମୃତ୍ୟୁ ଅଭିଯୋଗ କିଛି ନୂଆ ନୁହେଁ । ପୂର୍ବରୁ ବି ଅନେକ ସ୍ଥାନରୁ ଆସିଛି ଏଭଳି ସାଂଘାତିକ ଅଭିଯୋଗ । ତେବେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟଣା ପରେ ପୁଣି ଅପବାଦ ମୁଣ୍ଡାଇଛି ଏସ୍‌ସିବି । ପ୍ରଶ୍ନ ଉଠୁଛି- ନିଶା ଛଡ଼ାଇବା ପାଇଁ କ'ଣ ରହିଛି ନିୟମ ରୋଗୀ ଉତ୍‌କ୍ଷିପ୍ତ କିମ୍ବା ବେକାବୁ ହେଲେ, ତାଙ୍କୁ ନିୟନ୍ତ୍ରଣକୁ ଆଣିବା ପାଇଁ କ'ଣ ରହିଛି ଏସ୍‌ଓପି ବାରମ୍ବାର ଅଘଟଣ ପରେ, ସରକାର ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଉନାହାନ୍ତି କାହିଁକି ? କାହିଁକି ନିଆଯାଉନି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଏସ୍‌ସିବି ଅଧୀକ୍ଷକ କହିଛନ୍ତି, ରୋଗୀଙ୍କୁ ମାଡ଼ ମାରିବା ଠିକ୍ ନୁହେଁ । ପୁଲିସକୁ ତଦନ୍ତରେ ସବୁପ୍ରକାର ସହଯୋଗ କରାଯିବ । ରାଜ୍ୟର ପ୍ରତିଷ୍ଠିତ ସରକାରୀ ମେଡିକାଲରେ ଚିକିତ୍ସା ବଦଳରେ, ମାଡ଼ତତ୍ତ୍ୱକୁ ନେଇ ହଇଚଇ ସୃଷ୍ଟି ହୋଇଛି ।

## ସିଏଜି ରିପୋର୍ଟକୁ ନେଇ...

କୌଣସି ଡିଏମଏଫ୍ ପ୍ରକଳ୍ପ କାର୍ଯ୍ୟକାରୀ ହୋଇନଥିବା ରିପୋର୍ଟରେ ଦର୍ଶାଯାଇଛି । କେନ୍ଦୁଝରରେ ଅନୁମୋଦନ ବିନା ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ମଧ୍ୟ ସିଏଜି ରିପୋର୍ଟରେ ଆପତ୍ତି ଉଠାଯାଇଛି । ସେହିପରି ଯାଜପୁର ଓ କେନ୍ଦୁଝରରେ ଗ୍ରାମୀଣ ପାର୍କ, ବନ ବାଟିକା ଓ ଇକୋ-ରିଟ୍ରିଟ୍ ଭଳି ପ୍ରକଳ୍ପରେ ୫୧.୭୧ କୋଟି ଟଙ୍କା ଖର୍ଚ୍ଚ ନେଇ ମଧ୍ୟ ରିପୋର୍ଟରେ ଅନିୟମିତତା ଦର୍ଶାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଅନିଲ ବିଶ୍ୱାଳ ଅଭିଯୋଗ କରିଛନ୍ତି, ଖଣି ପ୍ରଭାବିତ ଲୋକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଡିଏମ୍‌ଏଫ ଅର୍ଥର ବ୍ୟବହାରରେ ପୂର୍ବ ସରକାର ସମୟରେ ଅନିୟମିତତା ହୋଇଛି । ଗଗଡଜ ପ୍ରସଙ୍ଗରେ ବିଜେଡିର ଆନ୍ଦୋଳନକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି ।

## ଜ୍ଞାନେଶ କୁମାର ଓ ପ୍ରଧାନମନ୍ତ୍ରୀଙ୍କ...

ସରକାରଙ୍କ ହାତବାରିସି ଓ କଣ୍ଢେଇ ସାଜି କାମ କରୁଛି ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି । କୋଟି କୋଟି ଭୋଟରଙ୍କ ନାମ ତାଲିକାରୁ ହଟାଯାଇ ଖୋଲାଖୋଲି ଭୋଟ୍ ଲୁଟ୍ ହେଉଥିବା ଦର୍ଶାଇ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବୈଠକ କମ୍ପି ଉଠିଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଆଗକୁ କେବଳ ପ୍ରେସ୍ ମିଟ୍ କିମ୍ବା ବୈଠକ ଭିତରେ ସୀମିତ ରହିବ ନାହିଁ ବିରୋଧ । ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଦେଶର ପ୍ରତିଟି ଜିଲ୍ଲାରେ ଆନ୍ଦୋଳନ ହେବ । ତାସହିତ ଅକ୍ଟୋବର ୬ରେ ସଂସଦରୁ ନିର୍ବାଚନ ଆୟୋଗ ଭବନ ଅଭିମୁଖେ ସମସ୍ତ ବିରୋଧୀ ସାଂସଦ ପଦଯାତ୍ରା କରିବେ । ଖୁବଶୀଘ୍ର ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହୋଇ ଏହି ସାମ୍ବିଧାନିକ ସଙ୍କଟ ବିରୋଧରେ ତୀବ୍ର ପ୍ରତିବାଦ ଜଣାଇବ ମେଣ୍ଟ । ଜ୍ଞାନେଶ କୁମାରଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ବି ଯୋଜନା କରିଛନ୍ତି । କିନ୍ତୁ ଆଜିର ଏହି ବୈଠକରେ ଇଣ୍ଡି ମେଣ୍ଟର ପୁରୁଣା ସହଯୋଗୀ ଡିଏମ୍‌କେ ସାମିଲ ହୋଇନାହିଁ । ସେହିପରି ନିର୍ବାଚନ ଆୟୋଗଙ୍କୁ ବିରୋଧ କରୁଥିଲେ ବି ବୈଠକରୁ ଦୂରେଇ ରହିଛି ଆମ୍ ଆଦମୀ ପାର୍ଟି । ଏପଟେ ଓଡ଼ିଶାରେ ମୁଖ୍ୟ ବିରୋଧୀ ଦଳ ସାଜିଥିବା ବିଜେଡିର ଆଭିମୁଖ୍ୟ ଅସ୍ପଷ୍ଟ ରହିଛି । ନବୀନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ ବି ଇଣ୍ଡି ମେଣ୍ଟରେ ସାମିଲ ହୋଇନି ବିଜୁ ଜନତା ଦଳ । ନିଟ୍ ପ୍ରଶ୍ନ ପତ୍ର ଲିକ୍ ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ବିରୋଧୀଙ୍କ ଜୋସ୍ ବଢ଼ି ଯାଇଛି । ଏବେ ନଜର ଆଗକୁ ଇଣ୍ଡିମେଣ୍ଟର ପରବର୍ତ୍ତୀ ପଦକ୍ଷେପ ଉପରେ ।

## ହଲଚଲ ଯୋଗୀଙ୍କ ସରକାର...

ରାକେଶ ସଚାନ ଦେଖାଯାଇଛନ୍ତି । ବୁଧବାର ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟସଭା ପାଇଁ ପ୍ରଫେସର ରାମଗୋପାଳ ଯାଦବ ଏବଂ ଧନରାଜ ପରିମଲ ନଥୱାନୀ ନାମାଙ୍କନ ଦାଖଲ କରିଛନ୍ତି । ନାମାଙ୍କନ ପରେ ନଥୱାନୀ ଅଖିଳେଶ ଯାଦବ ଓ ସମାଜବାଦୀ ପାର୍ଟି ବିଧାୟକମାନଙ୍କ ସହ ବିଧାନସଭା ଅଧ୍ୟକ୍ଷ ସତୀଶ ମହାନାଙ୍କୁ ଭେଟିଥିଲେ । ଏହି ସମୟର ଫଟୋରେ ଅଖିଳେଶ ଓ ସମାଜବାଦୀ ପାର୍ଟି ନେତାଙ୍କ ସହ ରାକେଶ ସଚାନ ମଧ୍ୟ ନଜର ଆସିଥିଲେ । ଏହି ଫଟୋ ସାମ୍ନାକୁ ଆସିବା ପରେ ରାଜନୈତିକ ମହଲରେ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି । ସମାଜବାଦୀ ପାର୍ଟି ପ୍ରବକ୍ତାଙ୍କ ଅନୁସାରେ, ଯୋଗୀ ସରକାରର ମନ୍ତ୍ରୀ ରାକେଶ ସଚାନ ଅଖିଳେଶ ଯାଦବଙ୍କୁ ଭେଟିବା ପାଇଁ ବିଧାନସଭାକୁ ଆସିଥିଲେ । ଏହି ଘଟଣାକ୍ରମ ପରେ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂର ସମ୍ଭାବନା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ରାକେଶ ସଚାନ କ୍ରସ୍ ଭୋଟିଂ କରିବେ କିମ୍ବା ଦଳ ବଦଳ କରିବେ ବୋଲି କୌଣସି ନିଶ୍ଚିତ ଘୋଷଣା ହୋଇନାହିଁ । ଏହି ଆଲୋଚନାଗୁଡ଼ିକ ଏବେ ରାଜନୈତିକ ଅନୁମାନ ମଧ୍ୟରେ ସୀମିତ ରହିଛି । ରାକେଶ ସଚାନ ପୂର୍ବରୁ ସମାଜବାଦୀ ପାର୍ଟିରୁ ଦୁଇଥର ବିଧାୟକ ଏବଂ ଥରେ ସାଂସଦ ହୋଇଥିଲେ । ପରେ ସେ ସମାଜବାଦୀ ପାର୍ଟି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ବିଜେପିରେ ସାମିଲ ହୋଇଥିଲେ । ବର୍ତ୍ତମାନ ସେ ଯୋଗୀ ସରକାରର କ୍ୟାବିନେଟ୍ ମନ୍ତ୍ରୀ ଅଛନ୍ତି । ଗତ କ୍ୟାବିନେଟ୍ ବିସ୍ତାର ସମୟରେ ସଚାନଙ୍କଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଫେରାଇ ନିଆଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା । ଏହା ପରେ ଦଳ ଭିତରେ ତାଙ୍କ ଅସନ୍ତୋଷକୁ ନେଇ ଖବର ଆସୁଛି । ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ଚାଲିଥିବା ରାଜନୈତିକ ଅଙ୍କକଷା ମଧ୍ୟରେ ସମାଜବାଦୀ ପାର୍ଟି ଦୁଇଜଣ ପ୍ରାର୍ଥୀ ଦେଇଛି । ଧନରାଜ ନଥୱାନୀଙ୍କ ପ୍ରାର୍ଥିତ୍ୱ ପରେ ନିର୍ବାଚନୀ ଗଣିତ ନେଇ ଚର୍ଚ୍ଚା ବଢ଼ିଛି । ସେ ରାଜ୍ୟସଭା ସାଂସଦ ପରିମଲ ନଥୱାନୀଙ୍କ ପୁଅ ଏବଂ ରିଲାଏନ୍ସ ଗ୍ରୁପ୍ ସହ ଜଡ଼ିତ ବ୍ୟବସାୟୀ ବୋଲି ରିପୋର୍ଟରେ ଉଲ୍ଲେଖ ଅଛି । ଏବେ ରାକେଶ ସଚାନଙ୍କ ଅଖିଳେଶ ଯାଦବ ଓ ସମାଜବାଦୀ ପାର୍ଟି ନେତାଙ୍କ ସହ ଫଟୋ ସାମ୍ନାକୁ ଆସିବା ପରେ ରାଜ୍ୟସଭା ନିର୍ବାଚନରେ ଆଗକୁ କି ନୂଆ ସମୀକରଣ ସୃଷ୍ଟି ହେବ, ତାହା ଉପରେ ରାଜନୈତିକ ମହଲର ନଜର ରହିଛି ।

## ମୌସୁମୀ ପରେ ଖରାପ...

ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ପରାମର୍ଶ ଦେବା ସହ ୱ୍ୱମିସ୍ ସଫଟୱେୟାରକୁ ଅଧିକ ଦକ୍ଷ ଓ ଉପଯୋଗୀ କରିବା ପାଇଁ ବିଭିନ୍ନ ଉପକ୍ରମ ଯୋଡ଼ିବା ଉପରେ ଆଲୋଚନା କରିଥିଲେ । ଫାଇଲ୍ ପ୍ରକ୍ରିୟା ଯେପରି ଅଯଥା ବିଳମ୍ବିତ ନହେବ, ସେ ନେଇ ଅଧିକାରୀମାନେ ଧ୍ୟାନ ଦେବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ସମୀର ହୋତା, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ବିତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ରତୀକାନ୍ତ ମହାପାତ୍ରଙ୍କ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ ଓ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଜୋନ୍ ର ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନେ ଉଭୟ ପ୍ରତ୍ୟକ୍ଷ ଓ ଆଭାସି ମାଧ୍ୟମରେ ଯୋଗଦେଇଥିଲେ ।

# ମଧ୍ୟାହ୍ନ ଭୋଜନ ଦେବାରେ ବିଳମ୍ବ: ପ୍ରତିବାଦରେ ସ୍କୁଲ ଗେଟରେ ତାଲା

ବାଲିଆପାଳ , ୩୦/୯ (ନି.ପ୍ର): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର ଥିବା ବଡ ତାଳପଦା ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସମୟ ଅନୁଯାୟୀ ନିୟମିତ ଭାବରେ ମିଳୁନଥିବାରୁ ଛାତ୍ର ଅଭିଭାବକ ଏବଂ ପରିଚାଳନା କମିଟିର ସଦସ୍ୟ ମାନେ ବୁଧବାର ବିଦ୍ୟାଳୟର ଗେଟରେ ତାଲା ପକାଇ ପ୍ରତିବାଦ କରିଛନ୍ତି । ସୂଚନା ଅନୁସାରେ ସ୍ଥାନୀୟ ଅଞ୍ଚଳର ମା ମଙ୍ଗଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଦିଆଯାଇଥିଲା । ମାତ୍ର ଗୋଷ୍ଠୀରେ ଥିବା ମହିଳା ମାନଙ୍କ ମଧ୍ୟରେ ଟାଳଟୁଳ ନୀତି ପାଇଁ ବିଳମ୍ବରେ ରୋଷେଇ ହେବା,



ପିଲାଙ୍କୁ ଦୁଇଟା ପରେ ଖାଇବା ପାଇଁ ଦେବା ଯୋଗୁଁ ପାଠ ପଢାରେ ବିଳମ୍ବ ହେବା ସହିତ ବିଭିନ୍ନ ସମୟରେ ପିଲାମାନେ ଭୋକରେ ରହୁଛନ୍ତି । ଏହି ଘଟଣା ବାରମ୍ବାର ହେଉଥିବାରୁ ତିନି ମାସ ପୂର୍ବରୁ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିଲା ନାହିଁ । ଅଭିଭାବକ ଏବଂ ପରିଚାଳନା କମିଟିର ସଦସ୍ୟ ମାନେ ଏନେଇ ବୁଧବାର ଏହାର ପ୍ରତିବାଦରେ ସ୍କୁଲ ଗେଟରେ ତାଲା ପକାଇବା ସହିତ ମଧ୍ୟାହ୍ନ ଭୋଜନ ଦେଉଥିବା ଗୋଷ୍ଠୀଙ୍କୁ ଏଥିରୁ ବାଦ ଦେବା ପାଇଁ ଦାବି କରିଥିଲେ । ପରେ ଘଟଣା ସ୍ଥଳରେ ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଂଶଧର ନାୟକ ପହଞ୍ଚି ଉକ୍ତ ଗୋଷ୍ଠୀଙ୍କୁ ଏଥିରୁ ନିବୃତ କରାଯିବ କହିବା ପରେ ବିଦ୍ୟାଳୟ ଗେଟରେ ତାଲା ଖୋଲାଯାଇଥିଲା ।

ଗୁରୁବାର, ଅକ୍ଟୋବର ୦୧, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଗାଳ୍ପିକ ବନମାଳୀ ସେନାପତି ପାଇଲେ ତାଳଧ୍ୱଜ ସମ୍ମାନ

ଆଳି, ୩୦/୯ (ନି.ପ୍ର): କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ବର୍ନାଢ୍ୟ ଉତ୍ସବରେ ଲବ୍ଧ ପ୍ରତିଷ୍ଠ ଗାଳ୍ପିକ ବନମାଳୀ ସେନାପତି କୁ ତାଳଧ୍ୱଜ କଥା କାର ସମ୍ମାନ ରେ ସମ୍ମାନିତ କରାଯାଇଛି ।ପ୍ରଗତି ଶୀଳ ଚେତନାର ମହାମିଳନ 'ମୁହାଣ ' ପକ୍ଷରୁ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ କବି ତଥା ପ୍ରବାହ ପ୍ରକାଶନୀ ର ସତ୍ୱାଧୀକାରୀ ରମେଶ ପତି ଏହି ଉତ୍ସବ ରେ ଅଧକ୍ଷତା କରିଥିଲେ ।ଉତ୍ସବ କୁ ପ୍ରଫେସର ନନ୍ଦ କିଶୋରପରିଡା ଉଦଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ କବି ହିମାଂଶୁ ପରିଡା, ମୁଖ୍ୟ ବକ୍ତା ଭାବରେ କବି ଡ଼ ନିଖିଳେଶ ମହାନ୍ତି ଯୋଗ ଦେଇ କହିଥିଲେ ଯେ ଓଡ଼ିଆ ସାହିତ୍ୟ ଉତ୍ତରଣ ରେ କେନ୍ଦ୍ରାପଡ଼ା ର ଅବଦାନ କୁ ଅସ୍ୱିକାର କରିହେବ ନାହିଁ । ସାହିତ୍ୟିକ ମାନଙ୍କ ରଚନା ରେ ସମାଜ ର ଅନେକ ପରିବର୍ତନ ହୋଇପାରେ । ତେଣୁ ସମସ୍ତ ଙ୍କ ର କଲମ ଚାଳନା ଅବ୍ୟହତ ରହୁ । ମୁହାଣ ସମ୍ପାଦକ ପ୍ରେମାନନ୍ଦ ଖଣ୍ଡୁଆଳ ଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ରେ ସମାଜ ର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ମାନଂକୁ ସମ୍ବର୍ଦ୍ଧିତ କରାଯାଇଥିଲା । କଥାକାର ବନମାଳୀ ସେନାପତି ଙ୍କୁ ତାଳଧ୍ୱଜ ଗଳ୍ପ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅତିଥି ମାନେ ଉତ୍ତରୀୟ, ମାନପତ୍ର ଓ ଉପଢଉକାନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେହିପରି କବି



ପୁଷ୍ପାଞ୍ଜଳି ପଣ୍ଡା, ତୁନିଲତା ବିଶ୍ୱାଳ, ଭବାନୀ ପ୍ରସାଦ ମହାପାତ୍ର, ଦିଲୀପ କୁମାର ବିଶ୍ୱାଳ, ଘନଶ୍ୟାମ ଜେନା, ମହନ୍ତ କୁମାର ମଲ୍ଲିକ, ସଞ୍ଜୀୟ କୁମାର ମଲ୍ଲିକ, ସୁବ୍ରଜିତ ଖଣ୍ଡୁଆଳ, ଓ ସୁବ୍ରତ ପାତ୍ର ଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପାରାଦୀପ ବନ୍ଦର ସୁରକ୍ଷା ପାଇଁ ସ୍ଥାପିତ ହେଲା ଅତ୍ୟାଧୁନିକ ରେଡ଼ିଓଲୋଜିକାଲ ଡିଟେକ୍ସନ ଉପକରଣ

ପାରାଦୀପ, ୩୦/୯ (ନି.ପ୍ର): ପୂର୍ବ ଭାରତର ମେଗା ବନ୍ଦର ପାରାଦୀପ ବନ୍ଦରର ସୁରକ୍ଷା କୁ ସୁଦୃଢ କରିବା ପାଇଁ ବନ୍ଦର ୧ ନମ୍ବର ଗେଟ ଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରେଡିଓଲୋଜିକାଲ୍ ଡିଟେକ୍ସନ ଇକ୍ୟୁପମେ (ଏଆରଡିସି) ସ୍ଥାପନ କରାଯାଇଛି । ଏନେଇ ଆଜି ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ ଯୋଗ ଦେଇ ସ୍ଥାପିତ ଏଆରଡିସି କୁ ଉଦଘାଟନ କରିଥିଲେ ।ଏଥିରେ ଇସିଆଇଏଲ୍ ଏଜିଏମ ଜି. ଧନଂଜୟ, ପାରାଦୀପ ବନ୍ଦର ସିଏମଇ ସୁଶୀଲ



ଚନ୍ଦ୍ର ନାହାକଙ୍କ ସମେତ ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ୨୧.୩୨ କୋଟି ଟଙ୍କା ରୁ ଅଧିକ ମୂଲ୍ୟର ଏହି ପ୍ରକଳ୍ପରେ ରେଡ଼ିଓଲୋଜିକାଲ ଡିଟେକ୍ସନ ସିଷ୍ଟମର ଯୋଗାଣ, ସ୍ଥାପନ ଓ କାର୍ଯ୍ୟକ୍ଷମ କରିବା ସହିତ ୧୦ ବର୍ଷୀୟା ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଭୁକ୍ତ କରାଯାଇଛି ।ଏହା ସହିତ ନିର୍ମିତ ଏହି ଏଆରଡିସି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧିନରେ ଇସିଆଏଲ୍ ଦ୍ୱାରା ନିର୍ମାଣ କରାଯାଇଛି । ପାରାଦୀପ ବନ୍ଦରକୁ ଏହି ଗେଟ୍ ଦେଇ ପ୍ରବେଶ କରୁଥିବା ଗାଡି ଗୁଡିକ ଯାଂଚ କରାଯିବା ସହିତ ଗାଡିରେ ଥିବା ପଣ୍ୟ ଗୁଡିକର ଯାଂଚ ରୋଡିଓଆକ୍ଟିଭ ମାଧ୍ୟମରେ ହୋଇପାରିବ । ଏହି ଅତ୍ୟାଧୁନିକ ଯାଂଚ ପ୍ରକ୍ରିୟା ମାଧ୍ୟମରେ ପାରାଦୀପ ବନ୍ଦରକୁ ସୁରକ୍ଷିତ କରିବ । ଏହି ସୁରକ୍ଷା ବ୍ୟବସ୍ଥା ସୁରକ୍ଷା ଦିଗରେ ପାରାଦୀପ ବନ୍ଦର ଏକ ମାଇଲଖୁଂଟ ସ୍ଥାପନ କରିଛି ।

# ଡ଼. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର ତ୍ରୟୋଦଶ ବୈଠକରେ ଘୋଷଣା ହେଲା ଚତୁର୍ଥ ବାର୍ଷିକ ସମ୍ମାନ

ବାଲେଶ୍ୱର, ୩୦/୯ (ନି.ପ୍ର): ପ୍ରଖ୍ୟାତ ସାହିତ୍ୟିକ ଡ. ରାମାକାନ୍ତ ବେହେରାଙ୍କ ନାମରେ ସ୍ଥାପିତ "ଡ଼. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦ"ର ଟ୍ରଷ୍ଟି ମାନଙ୍କର ତ୍ରୟୋଦଶ ବୈଠକ ଅନୁଷ୍ଠିତ ହୋଇ ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଦିବସ ଆଗାମୀ ଅକ୍ଟୋବର ୫ ତାରିଖରେ ଅନୁଷ୍ଠିତ ହେବା ଅବସରରେ ଚତୁର୍ଥ ବାର୍ଷିକ ସମ୍ମାନ ଘୋଷଣା ହୋଇଛି । ଶିକ୍ଷା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ପ୍ରତିଭାଧରଙ୍କ ନାମକୁ ବିଚାର ପରିସରକୁ ନେଇ ଚଳିତବର୍ଷ ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ରଖୁଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନନୀୟ କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ, ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବିଶିଷ୍ଟ ଗବେଷକ ଡ. ଅରବିନ୍ଦ ଗିରି, ଡ. ଝରଣା ପଟ୍ଟନାୟକ, ଡ. ବିଜୟ କୁମାର ମହାନ୍ତି ଓ ଶ୍ରୀ ଝାଡ଼େଶ୍ୱର ପ୍ରଧାନଙ୍କୁ ଚଳିତବର୍ଷର ସମ୍ମାନିତ ପ୍ରତିଭା ଭାବେ ମନୋନୟନ କରାଯାଇଛି । ଟ୍ରଷ୍ଟର ପ୍ରତିଷ୍ଠାତା ବରିଷ୍ଠ ସାହିତ୍ୟିକ ଡ. ରାମାକାନ୍ତ ବେହେରାଙ୍କ ବ୍ୟକ୍ତିଗତ ଆର୍ଥିକ ଅନୁଦାନରେ ପରିଚାଳିତ ହେଉଥିବା ଏହି ଟ୍ରଷ୍ଟ ଦୀର୍ଘ ଚାରିବର୍ଷ ଧରି ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ବହୁ ଲେଖକ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଏକତ୍ର କରାଇଥାଏ । ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଟ୍ରଷ୍ଟକାର୍ଯ୍ୟାଳୟ ଅଙ୍ଗାରଗଡ଼ିଆ ସ୍ଥିତ ଡ. ବେହେରାଙ୍କ ବାସଭବନ ପରିସରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଡ. ବେହେରାଙ୍କ ସଭାପିତ୍ୱରେ ଅନୁଷ୍ଠିତ ଟ୍ରଷ୍ଟର ଏହି ତ୍ରୟୋଦଶ ବୈଠକରେ ଟ୍ରଷ୍ଟର ସଂପାଦକ ଡ. କାଳୀପଦ ପଣ୍ଡା ପୂର୍ବବର୍ଷର ବିବରଣୀ ପାଠ କରିବା ସହ ଆଗାମୀ ଉତ୍ସବ ସଂପର୍କରେ ପ୍ରସ୍ତାବମାନ ଆଗତ କରିଥିଲେ । ବୈଠକରେ ଟ୍ରଷ୍ଟି ରଞ୍ଜିତ ଦେ, ଡ. ସୁବର୍ଣ୍ଣ କେଶରୀ ସାମଲ, ଅନସୂୟା ବେହେରା, ଅର୍ଚ୍ଚନା ବେହେରା, ବିଜନ କୁମାର ଦେ, ଯଦୁନାଥ ସାହୁ, ରମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଟ୍ରଷ୍ଟର ସଂପାଦକ ଅକ୍ଟୋବର ୫ ତାରିଖ ଅପରାହ୍ଣ ୪ ଘଟିକାରେ ଅନୁଷ୍ଠିତ ହେବାକୁ ଥିବା ଏହି ସାରସ୍ୱତ ଉତ୍ସବରେ ସମସ୍ତଙ୍କୁ ଯୋଗଦାନ ପାଇଁ ନିବେଦନ କରିଛନ୍ତି ।

# ଦୁଇଟି ମାମଲାରେ ଦୁଇ ଜଣ ଗିରଫ ହୋଇ କୋର୍ଟ ଚାଲାଣ

ବୈଶିଙ୍ଗା , ୩୦/୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା ପଞ୍ଚାୟତର ମହୁରୀ ଗ୍ରାମରେ ଗୋଟିଏ ଘଟଣାକୁ ନେଇ ଏକ ମାମଲା ରୁଜୁ ହେବା ସହିତ ପାଲଟା ଅଭିଯୋଗ ମୂଳେ ଆଉ ଏକ ମାମଲାରେ ବୈଶିଙ୍ଗା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ମହୁରୀ ଗ୍ରାମର ବିଦ୍ୟାଧର ରାଉତ ଙ୍କ ପୁଅ ସତ୍ୟଜିତ୍ / ଟେପା (୨୩) ରାତି ୮ ଘ.ସମୟରେ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ସୁରେନ୍ଦ୍ର ଦଳେଇଙ୍କ ପୁଅ ବିଜୟ / ବିଜୁ (୨୫) ଟେପା କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲା । ଏନେଇ ସତ୍ୟଜିତ ର ଅଭିଯୋଗ କ୍ରମେ ୫୦୫/୨୬ ମୂଳେ ଏକ ମାମଲା ରୁଜୁ ହୋଇଥିଲା । ଏହାର ପାଲଟା ଜବାବରେ ବିଜୟ ଦଳେଇ ଏକ ଅଭିଯୋଗ କରିଥିଲ ଯେ ସତ୍ୟଜିତ୍ ଓ ତାର ବାପା ବିଦ୍ୟାଧର ଉଭୟେ ତାକୁ ମାଡ ମାରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିବାର ଏକ ଅଭିଯୋଗ କରିଥିଲା । ପୋଲିସ ଏ ୫୦୬/୯ ମୂଳେ ଏକ ମାମଲା ରୁଜୁ କରିଥିଲା । ଏହି ଘଟଣାକୁ ନେଇ ସତ୍ୟଜିତ୍ ଏବଂ ବିଜୟ ଉଭୟ ଙ୍କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ, ବଡ଼ସାହିର ଧାରଣା ଓ ଜାତୀୟ ଦାବି ଦିବସ ପାଳନ

ବଡ଼ସାହି, ୩୦/୯ (ନି.ପ୍ର): ଅବସରପ୍ରାପ୍ତ କର୍ମଚାରୀ ସଂଘ, ବଡ଼ସାହି ତରଫରୁ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ବଡ଼ସାହି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପେନସନରମାନଙ୍କର ୧୨ ଦଫା ଦାବି ନେଇ ଧାରଣା ପ୍ରଦାନ ସହ ଜାତୀୟ ଦାବି ଦିବସ ପାଳନ କରାଯାଇଅଛି । ଦାବିଗୁଡିକୁ ହେଲା - ୨୦୨୫ ମାର୍ଚ୍ଚ ମାସରେ ସଂସଦରେ ପାରିତ ପେନସନ୍ ନିୟମ ଆଇନ ପ୍ରତ୍ୟାହାର, ୦୧/୦୧/୨୦୨୬ ପୂର୍ବରୁ ଅବସର ନେଇଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ପେନସନ୍ ସଂଶୋଧନକୁ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ର କାର୍ଯ୍ୟ ମଧ୍ୟରେ ସାମିଲ୍, ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନର ସୁପାରିଶ ଦାଖଲ ଓ କାର୍ଯ୍ୟକାରୀ କରିବାରେ ହେଉଥିବା ଉଲ୍ଲେଖନୀୟ ବିଳମ୍ବକୁ ବିଚାର କରି ପେନସନଭୋଗୀ ମାନଙ୍କୁ ଅନ୍ତରୀଣ ରିଲିଫ୍ ପ୍ରଦାନ, ପେନସନ ସଂଶୋଧନ ପାଇଁ ୫୦% ମହଙ୍ଗା ଭତ୍ତା କୁ ବେତନ ବା ପେନସନ୍ ସହିତ ମିଶ୍ରଣ, ପେନସନର ମାନଙ୍କ ପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରାଯାଉ, ପେନସନରେ ସମାନତା ସୁନିଶ୍ଚିତ କରାଯାଉ, ପୁରୁଣା ପେନସନ ଯୋଜନାର ପୁନଃ ପ୍ରଚଳନ କରାଯାଉ, ରେଳ ଓ ଆକାଶ ଯାତ୍ରାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ୫୦% ରିହାତି ସୁବିଧା ପୁନଃ ପ୍ରଚଳନ କରାଯାଉ, କୋଭିଡ ସମୟର ୧୮ମାସର ବକେୟା ତୁରନ୍ତ ପ୍ରଦାନ କରାଯାଉ, ପେନସନ କମ୍ୟୁଟେସନ୍ ପରିଶୋଧ ସମୟ ସୀମାକୁ ୧୦ବର୍ଷ ୮ ମାସକୁ ହ୍ରାସ କରାଯାଉ, ୬୫ ରୁ ୭୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ୫ ବର୍ଷରେ ପେନସନ ୧୦% ବୃଦ୍ଧି ଏବଂ ୮୦ ବର୍ଷ ବୟସ ପୂରଣ ପରେ ପ୍ରତ୍ୟେକ ୫ ବର୍ଷରେ ୨୦% ବୃଦ୍ଧି କରାଯାଉ, ପେନସନଭୋଗୀ ଓ ବରିଷ୍ଠ ନାଗରିକଙ୍କ ଅଭିଯୋଗ ଏବଂ କଲ୍ୟାଣ ସମ୍ବନ୍ଧୀୟ ବିଷୟର ସମାଧାନ ପାଇଁ ଏକ ଆଇନଗତ ଜାତୀୟ ବରିଷ୍ଠ ନାଗରିକ କମିଶନ ଗଠନ କରାଯାଉ ଇତ୍ୟାଦି । ସଂଘର ସଭାପତି ରଣଜିତ କୁମାର ଦାସଙ୍କ ନେତୃତ୍ୱରେ ପରିଚାଳିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଅନନ୍ତ କୁମାର ଶତପଥୀ, କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ଦଣ୍ଡପାଟ, ସଂଗଠନ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, ସହ ସମ୍ପାଦକ ଶର୍ଙ୍କର୍ଷଣ ଛାଟିଆ, କୋଷାଧ୍ୟକ୍ଷ ଯୋଗେଶ୍ୱର ମିଶ୍ର, ଉପଦେଷ୍ଟା ସନ୍ତୋଷ କୁମାର ବେହେରା, ସୁରେଶ ଚନ୍ଦ୍ର ଭୋଇ, ଭଗବାନ ବିଶ୍ୱାଳ, ମୁଖପାତ୍ର ତଥା ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ, ମହିଳା ସଦସ୍ୟା ସୁରସୀ ପଣ୍ଡା, ଲତିକା ପାତ୍ର, ସଂଯୁକ୍ତା ରାଉତ ଆଦି ମୋଟ ୩୫ଜଣ ସଦସ୍ୟ, ସଦସ୍ୟା ଅଂଶଗ୍ରହଣ କରିଥିଲେ । ଶେଷରେ ସମସ୍ତ ଅଂଶଗ୍ରହଣକାରୀ ସଂଘଟିତ ତଥା ସମ୍ମିଳିତ ଭାବରେ ବିଡ଼ିଓ, ବଡ଼ସାହି ଙ୍କ ପ୍ରକୋଷ୍ଠକୁ ଯାଇ ତାଙ୍କ ଜରିଆରେ ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉଲ୍ଲିଖିତ ୧୨ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।



# ଏନ୍ଏସିରେ ଦୋକାନଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ: ଦୋକାନଗୃହ ଦେବାକୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ

ନୀଳଗିରୀ , ୩୦/୯ (ନି.ପ୍ର): ନୀଳଗିରି ସହରକୁ ସୁନ୍ଦର ଏବଂ ବ୍ୟବସ୍ଥିତ କରିବାପାଇଁ କୈଳାସଚନ୍ଦ୍ର ହାଇସ୍କୁଲର ଗୋପବନ୍ଧୁ ଛାତ୍ରାବାସ ନିକଟରେ ପୂର୍ବରୁ ଦୋକାନ କରିଥିବା ବ୍ୟବସାୟୀ ମାନଙ୍କୁ ଉଚ୍ଛେଦକରି ନୂତନକରି ପକ୍କାଗୃହ ନିର୍ମାଣକରି ପ୍ରକୃତ ହିତାଧିକାରୀଙ୍କୁ ବଣ୍ଟନ କରିବାପାଇଁ ନୋଟିସ ଜାରି କରିଥିଲା ନୀଳଗିରି ଏନ୍ଏସି କର୍ତ୍ତୃପକ୍ଷ । ଏବଂଉଚ୍ଛେଦ ପରେ ନୂତନଗୃହ ନିର୍ମାଣକାର୍ଯ୍ୟ ସରି ଦୋକାନଗୃହ ବଣ୍ଟନ ହେଲା । ହେଲେ ନୂତନ ଦୋକାନ ଗୃହନିର୍ମାଣ ବଣ୍ଟନରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ବରିସାହି ଗ୍ରାମର ବୃନ୍ଦାବନ ବିଶ୍ୱାଳଙ୍କ ପୁଅ ଶିବଶଙ୍କର ବିଶ୍ୱାଳଙ୍କର ଏକ ସେଲୋନ୍ ଦୋକାନଗୃହ ମଧ ଭଙ୍ଗା ଯାଇଥିଲା । ତେବେ ଦୋକାନର ସମସ୍ତ କାଗଜପତ୍ର ଥିଲେ ମଧ ଶିବଶଙ୍କର ବିଶ୍ୱାଳଙ୍କୁ ଦୋକାନଗୃହ ବଣ୍ଟନ ଲିଷ୍ଟରେ ନାମନଥିବାରୁ ଶେଷରେ ସେ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ସୁଚନା ଅନୁସାରେ ଶିବଶଙ୍କର ବିଶ୍ୱାଳ ଟ୍ରେଡ ଲାଇସେନ୍ସ (୧୬୨/୨୦୧୭) ସହ ଗ୍ରାଉଣ୍ଡ ଟ୍ୟାକ୍ସ ମଧ ଦେଇ ଆସୁଥିଲେ । ମାତ୍ର କାର୍ଯ୍ୟାଳୟ ତରଫରୁ ୨୦୨୨, ଜାନୁଆରୀ ୪ ଓ ୫ତାରିଖରେ କଚେରୀଛକ ଠାରୁ ବାଇପାସ୍ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱର ଦୋକାନଗୁଡିକର ମିଳିତ ଗଣନା ରିପୋର୍ଟରେ ୧୪ଜଣଙ୍କର ନାମ ନଥିବାବେଳେ ସେମାନେ ଦୋକାନଗୃହ ପାଇଥିବାର ଦେଖିବାକୁ ମିଳିଛି । ଏଥିସହ ଅନ୍ୟଏକ ଦୋକାନୀଙ୍କର ନୀଳଗିରୀ ବ୍ଲକ୍ ନିକଟରେ ଦୋକାନ ରହିଥିବାବେଳେ ତାଙ୍କୁ କୋଉ ଆଇନବଳରେ ଉକ୍ତ ନବନିର୍ମିତ ଦୋକାନଗୃହ ବଣ୍ଟନରେ ସାମିଲକରି ତଳମହଲାରେ ଦୋକାନଗୃହ ପ୍ରଦାନ କରାଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଅନିୟମିତତା ହୋଇଥିବାରୁ ଶିବଶଙ୍କର ବିଶ୍ୱାଳ ମାନ୍ୟବର ଉଚ୍ଚନ୍ୟାୟାଳୟରେ ଆଶ୍ରୟ ନେଇଥିଲେ । ସମସ୍ତ ଦସ୍ତାବିଜକୁ ପାଥେୟ କରି ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ଆଦେଶ ମୂଳେ ଶିବଶଙ୍କରଙ୍କୁ ପୂର୍ବରୁ ଯୋଉଠି ଦୋକାନଘର ଥିଲା, ସେହିଠାରେ ଦୋକାନଗୃହ ଦେବାକୁ ଗତ ୨୪/୯/୨୬,ଡବ୍ଲୁ,ପି(ସି) ୩୦୮୭୧/୨୬ ନିର୍ଦ୍ଦେଶ ଜାରି କରିଛନ୍ତି । ମାନ୍ୟବର ଉଚ୍ଚ ନ୍ୟାୟାଳୟର ଅର୍ଡରର ନକଲ କପି ନିଜେ ହିତାଧିକାରୀ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିବାବେଳେ ରିସିଦର କପି ଦିଆ ଯାଇନଥିବାରୁ ପୋଷ୍ଟାଲରେ ପ୍ରଦାନ କରିଥିଲେ ବୋଲି ଶିବଶଙ୍କର ବିଶ୍ୱାଳ ପ୍ରକାଶ କରିଛନ୍ତି । ଶ୍ରୀ ବିଶ୍ୱାଳଙ୍କର ସର୍ଭେ ଲିଷ୍ଟରେ ମଧ ୨୨୧ନମ୍ବର ଥିବାର ଦେଖିବକୁ ମିଳିଛି । ତେବେ ଚଞ୍ଚକତା କରି ପ୍ରକୃତ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରାଯାଇନଥିବାରୁ ଏନ୍ଏସି କର୍ତ୍ତୃପକ୍ଷଙ୍କ ପ୍ରତି ଅଙ୍ଗୁଳି ଉଠିଛି ।

# ଗୋରୁ ପରିବହନ ଅଟୋ ଜବତ:୪ ଗୋରୁ ଉଦ୍ଧାର,୨ ଗିରଫ

ବସ୍ତା, ୩୦/୯ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଦୁଧହଂସ । ଗାଁ ନିକଟରୁ ଆଜି ପୁଲିସ ଗୋଟିଏ ଅଟୋ ରେ ନିଆ ଯାଉଥିବା ୪ ଗୋରୁକୁ ଉଦ୍ଧାର କରିଛି । ଅଭିଯୁକ୍ତ ଯନ୍ତିକା।ପାଳ ଗାଁର ଗଣେଶ ମହାଳିକ ଓ ଅଟୋ ଚାଳକ ବିଞ୍ଝ ଗାଁର ଚନ୍ଦନ ପୃଷ୍ଟି କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଛି । ଅଭିଯୁକ୍ତମାନେ ଏହି ଅଟୋ ରେ ୩ଟି ଗାଈ ଓ ଗୋଟିଏ ବାଛୁରୀ ନେଉଥିଲେ । ସେମାନଙ୍କ ବିରୋଧରେ କେଶ ନମ୍ବର ୪୮୯ ରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି ।

# ୨୨ପଞ୍ଚାୟତରେ ବୁଥ ଓ ପଞ୍ଚାୟତ ଗଠନ ପ୍ରକ୍ରିୟା ଶେଷ

## ଖଇରା ଓ ସମୁଳିଆରେ ସଙ୍ଗଠିତ ହେଉଛି ବିଜେଡି

ଖଇରା , ୩୦/୯ (ନି.ପ୍ର): ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରା ଓ ସିମୁଳିଆରେ ବିଜେଡି ଧିରେ ଧିରେ ସଙ୍ଗଠିତ ହେବାରେ ଲାଗିଛି ବିଜେପି ଛାଡି ବହୁ ପୁରୁଣା କର୍ମୀ ଦଳକୁ ପ୍ରଥାବର୍ତ୍ତନ ପରେ ପତ୍ରଝଡିଥିବା ଦଳ ପୁଣି ଥର ପଲ୍ଲବିତ ହୋଇଛି । ବିଜେଡି ଜିଲାସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବ୍ଲକ ସଭାପତି ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ୧ମାସ ମଧ୍ୟରେ ଲଗାତାର ୨୨ରୁ ଉର୍ଦ୍ଧ ପଞ୍ଚାୟତ ଓ ସିମୁଳିଆ ବିଜ୍ଞାପିତ ଅଞ୍ଚଳର ୨୧ୱାର୍ଡରେ କର୍ମୀ ସମ୍ମିଳନୀ ଆୟୋଜିତ ହେବା ସହ ପଞ୍ଚାୟତ ଓ ବୁଥ କମିଟି ଗଠନ ପ୍ରକ୍ରିୟା ଶେଷ ହୋଇଛି । ଏହି ଅବସରରେ ପଞ୍ଚାୟତ ଓ ପଞ୍ଚାୟତ ସମିତି ଦଖଲ ପାଇଁ ଜିଲା ଓ ବ୍ଲକ ନେତୃବୃନ୍ଦ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି । ବ୍ଲକ ସଭାପତି ରାଜେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ଏମଏମଡିଆର ପ୍ରସଙ୍ଗ ଉଠାଇ



ବର୍ତ୍ତମାନ ଡବଲ ଇଞ୍ଜିନ ସରକାରରେ ଓଡିଶାକୁ ତାର ନ୍ୟାଯ୍ୟ ଦାବିରୁ ବଞ୍ଚିତ କରାଯିବା ସହ ସବୁ ବର୍ଗର ଲୋକଙ୍କୁ ଶୋଷଣ କରାଯାଉଛି । ଅଢେଇ ବର୍ଷ ଶାସନ ଭିତରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆକାଶଛୁଆଁ ପାଲଟିଛି । ୟୁପିଆଇ କାରବାର ଉପରେ କଟକଣା ଲଗାଇ ଛୋଟ ଛୋଟ ବ୍ୟବସାୟୀଙ୍କ ମେରୁଦଣ୍ଡ ଉପରେ ପ୍ରହାର କରୁଥିବା ଭଳି ପ୍ରସଙ୍ଗ ଉଠାଇ ରଙ୍ଗମରା ସରକାରକୁ କ୍ଷମତାଚ୍ୟୁତ କରିବାକୁ ହେଲେ ୱାର୍ଡସ୍ତରରୁ ଆରମ୍ଭ କରି ଜିଲାପରିଷଦ ପର୍ଯ୍ୟନ୍ତ ବିଜେଡି ଓ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ । ବିଜେଡି ଜିଲା ଉପସଭାପତି ଜୟନ୍ତ କୁମାର ରାଉତ,ମହିଳା ସଭାପତି ଜୟନ୍ତୀ ପତି,ବ୍ଲକ କମିଟି କୋଷାଧକ୍ଷ ବିଶ୍ୱଭୂଷଣ ପ୍ରଧାନ, ସିମୁଳିଆ କୋଷାଧକ୍ଷ ଉମାକାନ୍ତ ମହାରଣା,ସୁରେଶ ମହାପାତ୍ର, ପ୍ରହଲ୍ଲାଦ ପତି,ରବିନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବ୍ଲକ ଓ ପଞ୍ଚାୟତରେ ଚାଲିଥିବା ଦୁର୍ନିତି ଉପରେ ଆଲୋକପାତ କରି ସାଧାରଣ ଗରୀବ ଲୋକଙ୍କୁ ଅବହେଳିତ କରାଯାଉଥିବା ପ୍ରକାଶ କରିଥିଲେ । ଖଇରା ବ୍ଲକର ହରିପୁର, ଗଡପୋଖରୀ, ବଡନୁଆଗାଁ, ବର୍ତ୍ତନା, ନୟାଖଣ୍ଡି ,ସାରକୋଣା, କଇଥଗଡିଆ, ବାଉଁଶଗଡିଆ, ଖଇରା, ରଟିଣା,ମହତୀପୁର, ପଳସା, ଗୋବିନ୍ଦପୁର, ସାରୁଗାଁ, ସାରଡାଙ୍ଗ, ଗରସଙ୍ଗ, ମାଣିତ୍ରୀ, ଅନ୍ତରା, ବଡଜୟିପୁର, ଡୁଙ୍ଗୁରା ଇତ୍ୟାଦି ପଞ୍ଚାୟତ ଦଳର ବୁଥ ଓ ପଞ୍ଚାୟତ କମିଟି ଗଠନ ହେବା ସହ ସିମୁଳିଆ ବ୍ଲକର ଅଡା ଓ ଏନଏସିର ବିଭିନ୍ନ ୱାର୍ଡରେ କମିଟି ଗଠନ ତଥା କର୍ମୀ ସମ୍ମଳନୀ ଶେଷ ହୋଇଛି । ଏଭଳି ପ୍ରସ୍ତୁତି ବିରୋଧଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

# ୨୪୦ ଗ୍ରାମ ବ୍ରାଉନ ସୁଗାର ଜବତ

ଜଳେଶ୍ୱର, ୩୦/୯ (ନି.ପ୍ର): ଜଳେଶ୍ୱର ଅବକାରୀ ଉପ-ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବାଲେଶ୍ୱର ମୋବାଇଲ୍ ୟୁନିଟ୍ର ସହଯୋଗରେ ମହମ୍ମଦନଗର ପାଟଣା ପଂଚାୟତ ସେଖଶରି ହନୁମାନ ମନ୍ଦିର ସମ୍ମୁଖରୁ ବୁଧବାର ସକାଳ ସମୟ ରେ ପାଟ୍ରୋଲିଂ ସମୟ ରେ ବିଶ୍ୱଜିତ୍ ସାହୁ ନାମକ ବ୍ୟକ୍ତିଙ୍କୁ ଗିରଫ କରିଛି । ଉକ୍ତ ବ୍ୟକ୍ତିଙ୍କ ପାଖରୁ ୨୪୦ ଗ୍ରାମ ହେରୋଇନ୍ ସହ ଗୋଟିଏ ଦୁଇଚକିଆ ଟିଭିଏସ ଲୁନା ଜବତ କରାଯାଇଛି । ଏ ନେଇ ୫୩/୨୬ ମାମଲା ରୁଜ୍ଜୁ କରି ଉକ୍ତ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରିଛି । ବ୍ରାଉନ ସୁଗାରର ମୂଲ୍ୟ ଚବିଶ ଲକ୍ଷ ପଚାଶ ହଜାର ହେବ ବୋଲି ସୂଚନା ମିଳିଛି ।

# ବସ୍ତା ଉଡ଼ନ୍ତା ରେଳ ପୋଲ ପାଇଁ ମାପଚୁପ ଓ ସର୍ଭେ

ବସ୍ତା, ୩୦/୯ (ନି.ପ୍ର): ବସ୍ତା ରେଳ ଉଡ଼ନ୍ତା ପୋଲ ନିର୍ମାଣ ପାଇଁ ସର୍ଭେ ଓ ମାପଚୁପ କାର୍ଯ୍ୟ ଆଜି ସରିଛି । ୬୧ ନମ୍ବର ଏହି ପୋଲ ବସ୍ତା ବଜାର ପଟୁ ବିଏସଏନଏଲ ଅଫିସ ପାଖରୁ ଆରମ୍ଭ ହୋଇ ମାଛିଆ ମୌଜାର ଗୋଷ୍ଠି ଶିକ୍ଷା ଅଧିକାରୀ ଅଫିସ ଆଗ ଦେଇ ରେଳ ପଥ ଅତିକ୍ରମ କରି ଜମ୍ବାରି ପଡିଆ ବାଟେ ଯାଇ ଡ. ତୁଷାର କାନ୍ତ ପରିଡା ଘର ପାଖରେ ପହଂଚିବ । ତାପରେ ବ୍ଲକ ରାସ୍ତାକୁ ଲାଗିବ ବୋଲି ଆପାତତଃ ସ୍ଥିର ହୋଇଛି । ରେଳ ବିଭାଗ ଓ ବସ୍ତା ରାଜସ୍ୱ ବିଭାଗ ମିଳିତ ଭାବେ ଏହି ସର୍ଭେ କାର୍ଯ୍ୟ କରୁଥିଲେ ।ଉକ୍ତ ପୋଲ ପାଇଁ ବହୁ ଦିନରୁ ହୋଇଆସୁଥିବା ବେଳେ ସର୍ଭେ କାର୍ଯ୍ୟ ସରି ଅତି ଶୀଘ୍ର ଏହା ନିର୍ମାଣ ହେବାକୁ ଯାଉ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି । ସେହିପରି କାଳିଗିରି ଫାଟକ ଠାରେ ମଧ ଆଉ ଏକ ୬୦ ନମ୍ବର ଉଡ଼ନ୍ତା ରେଳ ପୋଲ ନିର୍ମାଣ ପାଇଁ ମାପଚୁପ ଆରମ୍ଭ ହୋଇଛି ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE Eligibility : +2 Arts/ Science/ Commerce
A.N.M. 2 YEARS COURSE (Mark 40% & 35% for SC/ST Students) Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida